

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୫ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 5 OCTOBER 2020
Vol.No. 30 ■ No. 252 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର
୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,


# ପଞ୍ଚଭୂତରେ ଲୀନ ହେଲେ ପ୍ରଦୀପ ମହାରଥୀ



ଭୁବନେଶ୍ୱର,୪।୧୦ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କର ଶନିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ପତ୍ନୀ ପ୍ରତିଭା ମହାରଥୀ, ପୁତ୍ର ରୁଦ୍ରପ୍ରତାପ ଓ ଝିଅ ପଲ୍ଲବୀଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁ ଖବର ସମ୍ପର୍କରେ ପ୍ରଚାରିତ ହେବା ମାତ୍ରେ ଶୋକର ଛାୟା ଖେଳି ଯାଇଥିଲା। ଶେଷ ଦର୍ଶନ ଲାଗି ତାଙ୍କର ବହୁ ସମର୍ଥକ ହସ୍ପିଟାଲ ଓ ବାସଭବନକୁ ଆସିଥିଲେ । ପୁରୀ ଜିଲ୍ଲା ପିପିଲି ନିର୍ବାଚନ ମଣ୍ଡଳୀରୁ ୭ଥର ବିଜୟୀ ହୋଇଥିବା ପ୍ରଦୀପ ମହାରଥୀଙ୍କର ଅକାଳ ବିୟୋଗ ହେବା ପରେ ଆଜି ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି । ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କୁ ଦର୍ଶନ କରିବା ସହ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେ ପୁରୀରୁ ତାଙ୍କର ଛାତ୍ର ରାଜନୀତି ଆରମ୍ଭ କରି ପରବର୍ତ୍ତି ସମୟରେ ରାଜ୍ୟରେ ଜଣେ ଟାଣୁଆ ରାଜନେତା ଭାବେ ପରିଚିତ ହୋଇଥିଲେ । ତାଙ୍କର ସ୍ପଷ୍ଟବାଦୀତା ଓ ଲୋକପ୍ରିୟ ହେବା ଯୋଗୁଁ ସେ ସବୁବେଳେ ଚର୍ଚ୍ଚାରେ ରହୁଥିଲେ । ତାଙ୍କର ରୋକଠୋକ୍ ଜବାବ ଯୋଗୁଁ ସେ ଅନେକ ଥର ମନ୍ତ୍ରୀପଦ ହରାଇଛନ୍ତି । ପିପିଲି ଓ ଡେଲାଙ୍ଗ ଅଂଚଳର ହଜାର ହଜାର ଲୋକ ତାଙ୍କ ମୃତ୍ୟୁ ଖବର ଶୁଣି ମର୍ମାହତ ହେବା ସହ ଘରେ ଘରେ ଶୋକର ଛାୟା ଖେଳିଯାଇଛି । ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତି ବେଳେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ ସେ ଗିରଫ ହୋଇଥିଲେ । ୧୯୭୭ ମସିହାରେ ସେ ଏସିଏସ କଲେଜର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ୧୯୮୫ ମସିହାରେ ଜନତା ପାର୍ଟି ପକ୍ଷରୁ ଟିକେଟ୍ ପାଇ ପିପିଲିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେବେଠାରୁ ଆଉ ରାଜନୀତିରୁ ପଛକୁ ଫେରି ଚାହିଁନାହାଁନ୍ତି । କେବଳ ୧୯୯୫ ମସିହାରେ ଗୋଟିଏ ଥର ହାରିଥିଲେ ସେ । ୨୦୦୦ ମସିହାଠାରୁ ଆଜି ପର୍ଯ୍ୟନ୍ତ ସେ ପିପିଲି, ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇ ଲୋକଙ୍କ ସୁଖଦୁଃଖରେ ଭାଗି ହୋଇଥିଲେ । ହାରିବା ସମୟରେ କଳିଙ୍ଗ ଗଣନାଟ୍ୟ ▶▶ପୃଷ୍ଠା ୭

## ୯ରେ ଆଉ ଏକ ଲଘୁଚାପ



ଭୁବନେଶ୍ୱର,୪।୧୦ (ନି.ପ୍ର): ଆସନ୍ତା ୦୯ ତାରିଖ ସୁଦ୍ଧା ଉତର ଆଣ୍ଡମାନ ସାଗର ଏବଂ ତତ୍ ସଂଲଗ୍ନ ପୂର୍ବ ମଧ୍ୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ପରବର୍ତୀ ସମୟରେ ଏହା ଉତର ଆନ୍ଧ୍ର ପ୍ରଦେଶ ଏବଂ ଉପକୂଳ ଓଡିଶା ଆଡକୁ ଗତି କରିବ। ୨ ରୁ ୩ ଦିନ ମଧ୍ୟରେ ଏହି ଲଘୁଚାପ କ୍ଷେତ୍ର କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହୋଇପାରେ। ଏହାର ପ୍ରଭାବରେ ୧୧ ରୁ ୧୩ ତାରିଖ ମଧ୍ୟରେ ଓଡିଶାରେ ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ଗତ ୨ ତାରିଖରେ ସୃଷ୍ଟ ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ଆଗାମୀ ୩ ଦିନ ଅର୍ଥାତ୍ ୭ ଅକ୍ଟୋବର ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଆସନ୍ତା ୨୪ଘଂଟା ମଧ୍ୟରେ ରାଜ୍ୟର ୧୬ ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଉକ୍ତ ଜିଲ୍ଲାଗୁଡ଼ିକ ମଧ୍ୟରେ ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ବଲାଙ୍ଗୀର, ଢ଼େଙ୍କାନାଳ, ଅନୁଗୁଳ, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ଭଦ୍ରକ ଆଦି ରହିଛି। ଏହି ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ସେହିପରି ଅକ୍ଟୋବର ୫ରୁ ୬ ତାରିଖ ମଧ୍ୟରେ ନବରଙ୍ଗପୁର, ରାୟଗଡ଼ା, କଳହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ଅନୁଗୁଳ ଓ କେନ୍ଦୁଝର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାକୁ ୟେଲୋ ▶▶ପୃଷ୍ଠା ୭

## 'ଯଥାର୍ଥରେ ପ୍ରଦୀପ ମହାରଥୀ ଥିଲେ ଜନତାଙ୍କ ନେତା' : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୧୦ (ନି.ପ୍ର): ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏଥି ସହିତ ସେ ମହାରଥୀଙ୍କୁ ଯଥାର୍ଥରେ ଜନତାଙ୍କ ନେତା ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କର ଶୋକ ବାର୍ତାରେ କହିଛନ୍ତି ଯେ - ପ୍ରଦୀପ ମହାରଥୀ ବିଜେଡିର ଜଣେ ଦୃଢ ସମର୍ଥକ ଓ ବିଜୁ ବାବୁଙ୍କ ପୁରାତନ ସହଯୋଗୀ ଥିଲେ। ନିଜର ଦୃଢ ସଙ୍ଗଠନ କ୍ଷମତା ଲାଗି ସେ ବେଶ୍ ପରିଚିତ। ଏଥିଲାଗି ସେ ୭ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଯଥାର୍ଥରେ ସେ ଥିଲେ ଜନତାଙ୍କ ନେତା।' ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଦୀପ ମହାରଥୀଙ୍କର ଶୋକସନ୍ତପ୍ତ ପରିବାର ଓ ପିପିଲିବାସୀଙ୍କୁ ମଧ ସମବେଦନା ଜଣାଇଛନ୍ତି।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏକଜିକ୍ୟୁଟିଭ୍ ଏମବିଏ ପ୍ରବେଶିକା ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର,୪।୧୦ (ନି.ପ୍ର): ୫ ଅକ୍ଟୋବର ରେ ହେବାକୁ ଥିବା ଓଡିଶାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏକଜିକ୍ୟୁଟିଭ୍ ଏମବିଏରେ ଆଡମିଶନ ପାଇଁ ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ବିଶ୍ୱବିଦ୍ୟାଳୟ ୱେବସାଇଟ୍ ରେ ଖୁବ୍ ଶୀଘ୍ର ପରୀକ୍ଷାର ନୂତନ ତାରିଖ ଘୋଷଣା କରାଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତୃପକ୍ଷ ସୂଚନା ଦେଇଛନ୍ତି। ଏକଜିକ୍ୟୁଟିଭ୍ ଏମବିଏ ପାଇଁ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ବିଶ୍ୱବିଦ୍ୟାଳୟ କର୍ତୃପକ୍ଷ ନାମଲେଖା ବିଜ୍ଞପ୍ତି ପ୍ରକାଶ କରିଥିଲେ। ତେବେ ଛାତ୍ରଛାତ୍ରୀ ଏହାକୁ ଘୁଂଚାଇବାକୁ ଦାବି କରୁଥିଲେ। ପରୀକ୍ଷାର ନିୟନ୍ତ୍ରକ ଆଶାୟୀ କାର୍ଯ୍ୟନିର୍ବାହୀମାନଙ୍କୁ ପ୍ରବେଶିକା ପରୀକ୍ଷାର ନୂତନ ତାରିଖ ପାଇଁ ବିଶ୍ୱବିଦ୍ୟାଳୟ ୱେବସାଇଟ୍ www.cuo.ac.in ପରିଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି ।

## ପ୍ରଦୀପ ମହାରଥୀଙ୍କ ବିୟୋଗରେ ରାଜ୍ୟପାଳଙ୍କ ଶୋକ

ଭୁବନେଶ୍ୱର,୪।୧୦ (ନି.ପ୍ର): ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ । ସେ ଜଣେ ଲୋକପ୍ରିୟ ଜନନେତା ତଥା ସକ୍ଷମ ବିଧାୟକ ଥିଲେ । ତାଙ୍କର ଅକାଳ ବିୟୋଗ ଏକ ବଡ କ୍ଷତି ବୋଲି ସେ ଶୋକ ବାର୍ତାରେ କହିବା ସହ ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ପ୍ରଫେସର ଗଣେଶୀ ଲାଲ।

## ପ୍ରଦୀପ ମହାରଥୀଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

ଭୁବନେଶ୍ୱର,୪।୧୦ (ନି.ପ୍ର): ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ପିପିଲି ବିଧାୟକ ତଥା ରାଜ୍ୟର ବରିଷ୍ଠ ରାଜନେତା ପ୍ରଦୀପ ମହାରଥୀଙ୍କ ଅକାଳ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଶ୍ରୀ ମହାରଥୀ ଜଣେ ଖୁସ୍ ମିଜାସ୍ ତଥା କୌଣସି ବି ପ୍ରସଙ୍ଗରେ ରୋକଠୋକ୍ ଭାବରେ ନିଜର ମତ ରଖିବା ସହ ନିଜର ସ୍ୱତନ୍ତ୍ର ▶▶ପୃଷ୍ଠା ୭

# ଗୋଟିଏ ଦିନରେ ୩୩୨୬ କରୋନା ଆକ୍ରାନ୍ତ ଚିହ୍ନଟ

### ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୩୨୭୧୩



ଭୁବନେଶ୍ୱର,୪।୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୩୨୬ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୩୨୭୧୩ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୧୯୮୧୯୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୩୫୫୯ ରହିଛି । ଆଜି ଚିହ୍ନଟ ହୋଇଥିବା ୩୩୨୬ ଜଣଙ୍କ ମଧ୍ୟରୁ ୧୯୪୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୩୮୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୬୩୮ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଅନୁଗୁଳ ଜିଲ୍ଲାରେ ୧୧୯ , ବାଲେଶ୍ୱର ଜିଲ୍ଲାରେ ୧୨୨ ଜଣ, ବରଗଡ ଜିଲ୍ଲାରେ ୯୪ , ଭଦ୍ରକ ଜିଲ୍ଲାରେ ୩୬, ବଲାଙ୍ଗିର ଜିଲ୍ଲାରେ ୧୦୩, ବୌଦ୍ଧ ଜିଲ୍ଲାରେ ୨୮ ,କଟକ ଜିଲ୍ଲାରେ ୨୫୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୨୧. ଢେଙ୍କାନାଳ ଜିଲ୍ଲାରେ ୮୫, ଗଜପତି ଜିଲ୍ଲାରେ ୨୨, ଗଂଜାମ ଜିଲ୍ଲାରେ ୫୭, ଜଗତସିଂହପୁର ଜିଲ୍ଲାରେ ୮୦, ଯାଜପୁର ଜିଲ୍ଲାରେ ୧୪୮. ଝାରସୁଗୁଡା ଜିଲ୍ଲାରେ ୧୦୭, କଳାହାଣ୍ଡି ଜିଲ୍ଲାରେ ୭୭, କନ୍ଧମାଳ ଜିଲ୍ଲାରେ ୬୦, କେନ୍ଦ୍ରାପଡା ଜିଲ୍ଲାରେ ୧୦୩,କେନ୍ଦୁଝର ଜିଲ୍ଲାରେ ୧୦୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ଜିଲ୍ଲାରେ ୪୫ ଜଣ, ମାଲକାନଗିରି ଜିଲ୍ଲାରେ ୧୯ , ମୟୁରଭଂଜ ଜିଲ୍ଲାରେ ୧୩୧ ନବରଙ୍ଗପୁରରେ ▶▶ପୃଷ୍ଠା ୭

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୪।୧୦ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୬୩୮ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୦,୧୯୬ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୪୬୯୨, ବାଲେଶ୍ୱର ଜିଲ୍ଲାରେ ୮୦୦୮ , ବରଗଡ ଜିଲ୍ଲାରେ ୬୭୬୮, ଭଦ୍ରକ ଜିଲ୍ଲାରେ ୫୪୯୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୪୬୮୬. ବୌଦ୍ଧ ଜିଲ୍ଲାରେ ୨୦୨୦, କଟକ ଜିଲ୍ଲାରେ ୨୧,୭୭୩, ଦେବଗଡ ଜିଲ୍ଲାରେ ୬୯୯, ଢେଙ୍କାନାଳ ଜିଲ୍ଲାରେ ୩୯୭୯. ଗଜପତି ଜିଲ୍ଲାରେ ୩୬୪୩, ଗଂଜାମ ଜିଲ୍ଲାରେ ୨୦୩୩୩ , ଜଗତସିଂହପୁର ଜିଲ୍ଲାରେ ୫୬୧୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ଯାଜପୁର ଜିଲ୍ଲାରେ ୮୮୨୩, ଝାରସୁଗୁଡା ଜିଲ୍ଲାରେ ୪୮୪୬, କଳାହାଣ୍ଡି ଜିଲ୍ଲାରେ ୩୫୩୧, କନ୍ଧମାଳ ୪୭୩୭, କେନ୍ଦ୍ରାପଡା ଜିଲ୍ଲାରେ ୫୫୦୦, କେନ୍ଦୁଝର ଜିଲ୍ଲାରେ ୪୭୦୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି କୋରାପୁଟ ଜିଲ୍ଲାରେ ୬୩୫୧ , ମାଲକାନଗିରି ଜିଲ୍ଲାରେ ୩୮୧୫, ମୟୁରଭଂଜ ଜିଲ୍ଲାରେ ୮୬୨୦. ନବରଙ୍ଗପୁର ଜିଲ୍ଲାରେ ୩୯୦୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

## ରାଜ୍ୟର ପ୍ରମୁଖ ୪ ସ୍ୱାସ୍ଥ୍ୟାନୁଷ୍ଠାନର ନିର୍ଦ୍ଦେଶକଙ୍କ ସହ କୋଭିଡ୍ ସମ୍ପର୍କରେ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଭୁବନେଶ୍ୱର,୪।୧୦ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ରାଜ୍ୟର ପ୍ରମୁଖ ଚାରି ସ୍ୱାସ୍ଥ୍ୟାନୁଷ୍ଠାନ ଯଥା ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ବ୍ୟାଟ୍‌ମ୍ୟାନ୍‌ଆବାନେ, ଆଂଚଳିକ ସ୍ୱାସ୍ଥ୍ୟ ଗବେଷଣା କେନ୍ଦ୍ର (ଆରଏମଆରସି)ର ନିର୍ଦ୍ଦେଶିକା ଡା.ସଂଘମିତ୍ରା ପତି, ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍ସ(ଆଇଏଲଏସ)ର ନିର୍ଦ୍ଦେଶକ ଅଜୟ କୁମାର ପରିଡ଼ା ଓ ପଶୁ ସମ୍ପଦ ମନ୍ତ୍ରଣାଳୟର ଅଧୀନରେ ଥିବା ଇଂଟର ନ୍ୟାସନାଲ ସେଂଟର ଫର୍ ଫୁଟ୍ ଆଣ୍ଡ ମାଉଥ ଡିଜିଜ୍(ଆଇସିଏଫଏମଡି)ର ବିଶେଷଜ୍ଞଙ୍କ ସହ ଓଡ଼ିଶାରେ କୋଭିଡ-୧୯ର ପରିଚାଳନା ଓ ମୁକାବିଲା ଏବଂ ଏଦିଗରେ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରିଛନ୍ତି । ବୈଠକ ପରେ ଗଣମାଧ୍ୟମକୁ ଶ୍ରୀ ପ୍ରଧାନ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଏହି ଚାରୋଟି ସଂସ୍ଥା ରାଜ୍ୟ ସରକାରଙ୍କ ସହ ମିଶି ଭଲ କାମ କରୁଛନ୍ତି। ଓଡ଼ିଶାରେ ବିଭିନ୍ନ କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ ଯଥା ଆଇଓସିଏଲ, ଏମସିଏଲ, ଏନଟିପିସି, ▶▶ପୃଷ୍ଠା ୭

## ଖୋଲିଲା ନନ୍ଦନକାନନ




ଭୁବନେଶ୍ୱର,୪।୧୦ (ନି.ପ୍ର): ଗତ ମାର୍ଚ୍ଚ ମାସରୁ ବନ୍ଦ ଥିବା ଭୁବନେଶ୍ୱର ନନ୍ଦନକାନନ ପ୍ରାଣୀ ଉଦ୍ୟାନ ରବିବାର ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ରବିବାର ସକାଳ ୮ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଏହା ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିଛି। ଏହା ସହ ରାଜ୍ୟ ବଟାନିକାଲ ଗାର୍ଡେନ୍ ମଧ୍ୟ ଖୋଲିଛି । ପର୍ଯ୍ୟଟକ ମାନେ ଅନଲାଇନ୍ ରେ ଟିକେଟ୍ ବୁକିଂ କରି ପ୍ରାଣୀ ଉଦ୍ୟାନ ବୁଲିଥିଲେ। ତେବେ ସଫାରୀ, ବୋଟିଂ ଓ ପିକନିକ୍ ପାଇଁ ବୁକିଂ ବନ୍ଦ ରହିଛି। ନନ୍ଦନକାନନରେ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ସ୍ୱଚ୍ଛତା ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇଛନ୍ତି ନନ୍ଦନକାନନ କର୍ତୃପକ୍ଷ।
ପର୍ଯ୍ୟଟକଙ୍କ ପାଇଁ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ଏହା ବ୍ୟତୀତ ଥର୍ମାଲ ପ୍ରବେଶ ପୂର୍ବରୁ ଥର୍ମାଲ୍ ସ୍କ୍ରିନିଂ କରାଯାଇଛି।

## ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୧,୪୨,୧୩୧ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୪।୧୦ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୧,୪୨,୧୩୧ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୭,୮୯,୯୨,୫୩୪ ନମୂନାର ପରୀକ୍ଷଣ କରା ଯାଇଥିବା ଆଇଏମସିଆର ପକ୍ଷରୁ ସୂଚନା ଦିଆ ଯାଇଛି ।

## ରାଜ୍ୟରେ ଆଉ ୧୫ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୯୦୭ ହେଲା



ଭୁବନେଶ୍ୱର,୪।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୫ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୯୦୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଓ କଟକ ଜିଲ୍ଲାର ୩-୩ ଜଣ ଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାର ୨ ଜଣ ଅଛନ୍ତି । ସେହିପରି ବୌଦ୍ଧ, ଢେଙ୍କାନାଳ, ଜଗତସିଂହପୁର, କେନ୍ଦୁଝର, କୋରାପୁଟ, ମାଲକାନଗିରି ଓ ସମ୍ବଲପୁର ଜିଲ୍ଲାର ଜଣେ ଜଣେ ଅଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ଜଣେ ୪୭ ବର୍ଷୀୟ ମହିଳା କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୬୩ ବର୍ଷୀୟ କରୋନା ସଂକ୍ରମିତ ପୁରଷ ମୃତ୍ୟୁବରଣ କରିଛନ୍ତି। ବୌଦ୍ଧ ଜିଲ୍ଲାର ୭୧ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। କଟକ ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ▶▶ପୃଷ୍ଠା ୭

## ରାଜଧାନୀରେ ମିଠା ବ୍ୟବସାୟୀଙ୍କୁ ହତ୍ୟା

ଭୁବନେଶ୍ୱର,୪।୧୦ (ନି.ପ୍ର): ଭୁବନେଶ୍ୱରର ରେ ଦିନ ଦ୍ୱିପହରରେ ଜଣେ ଯୁବକଙ୍କୁ ଗୋଡାଇ ଗୋଡାଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ସାମନ୍ତରାପୁରର ଜଣେ ମିଠା ଦୋକାନୀ ଶମ୍ଭୁନାଥ ସେଠୀ। ବ୍ୟାବସାୟିକ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ମଧ ଜଣେ ମିଠା ବ୍ୟବସାୟୀ । ଘଟଣା ପରେ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ବେଳେ ହତ୍ୟାକାଣ୍ଡକୁ ନେଇ ଘଟଣାସ୍ଥଳରେ ଉତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ଭୁବନେଶ୍ୱର - ପୁରୀ ▶▶ପୃଷ୍ଠା ୭

# ରାଜୀବ ଗାନ୍ଧୀ ପଂଚାୟତ ରାଜ ସଂଗଠନ ପକ୍ଷରୁ ଗ୍ରାମ ସ୍ୱରାଜ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର,୦୪।୧୦ (ନି.ପ୍ର): ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ପକ୍ଷରୁ ମାସେ ବ୍ୟାପୀ 'ଗ୍ରାମ ସ୍ୱରାଜ ଅଭିଯାନ' ର ଶୁଭାରମ୍ଭ ହୋଇଛି। କୃଷକ ବିରୋଧି ୩ଟି ଆଇନ, ଶ୍ରମିକ ମାନଙ୍କ ବିରୋଧି ଶ୍ରମକ୍ଷେତ୍ର ପ୍ରଚଳନ, ନୂତନ ଶିକ୍ଷାନୀତି ଓ ପରିବେଶ ଆଇନ ନିର୍ଦ୍ଦେଶନାମା ୨୦୨୦ ଇତ୍ୟାଦି କେନ୍ଦ୍ର ସରକାରଙ୍କର ଜନବିରୋଧି ଆଇନ ଏବଂ ପଦକ୍ଷେପ ଗୁଡ଼ିକ ବିରୁଦ୍ଧରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ସହିତ ଓଡ଼ିଶାର ପଂଚାୟତରାଜ ବ୍ୟବସ୍ଥାକୁ ସଶକ୍ତି ଏବଂ ବାବୁମାନଙ୍କ କବଳରୁ ମୁକ୍ତ କରିବା ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି ଗ୍ରାମ ସ୍ୱରାଜ ଅଭିଯାନକୁ ଗତକାଲି ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତି ଅବସରରେ ଏକ ୱେବିନାର ମାଧ୍ୟମରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି। ମୁଖ୍ୟବକ୍ତା ଭାବରେ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ ଯୋଗଦେଇଥିବା ବେଳେ ସଂଗଠନର ରାଜ୍ୟ ଅଧ୍ୟକ୍ଷ ଏହାକୁ ସଂଯୋଜନା ଓ ଅଧ୍ୟକ୍ଷତା କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଅନୁଭବ ଥିଲା ଗ୍ରାମ ସ୍ୱରାଜ ମାଧ୍ୟମରେ ପ୍ରଦତ୍ତ ସ୍ୱରାଜ ଲୋକଙ୍କୁ ମିଳିପାରିବ। ଲୋକଙ୍କ ନିଜର ବିକାଶ ଏବଂ ପ୍ରଗତିର ନିର୍ଦ୍ଧାରକ ହେବ। ତାଙ୍କର ସେଇ ବାର୍ତ୍ତା ନେଇ ରାଜୀବ ଗାନ୍ଧୀ ପଂଚାୟତିରା ସଂଗଠନ ଏହି ଗ୍ରାମ ସ୍ୱରାଜ ଅଭିଯାନ ଆରମ୍ଭ କରିଛି ଯାହା ଏକମାସ ଧରି ଚାଲିବ। ରାଜ୍ୟର ପ୍ରତି ପଂଚାୟତରେ ସଭାସମିତ, ପଦଯାତ୍ରା କୃଷି ଓ ଶ୍ରମିକ ବିରୋଧି ଆଇନ ବିରୁଦ୍ଧରେ ବିକ୍ଷୋଭ, ପ୍ରତିବାଦ ଆନ୍ଦୋଳନ ଇତ୍ୟାଦି ମାଧ୍ୟମରେ ଏହା ପାଳିତ ହେବ। ଗତକାଲି ଅକ୍ଟୋବର ୨ ତାରିଖରେ ରାଜ୍ୟର ବିଭିନ୍ନ ପଂଚାୟତରେ ଏହା ଆରମ୍ଭ ହୋଇଯାଇଛି। ଏହି ଅଭିଯାନକୁ ସଫଳ କରିବା ପାଇଁ ସଂଗଠନର ଅଧ୍ୟକ୍ଷ ସୁଦର୍ଶନ ଦାସ ନିବେଦନ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ ଲକ୍ଷ ଟଙ୍କା ଦାନ କଲେ ପୁରୀ ଜିଲ୍ଲା ଛତୁ ଉତ୍ପାଦନକାରୀ ମହାସଂଘ

ପୁରୀ,୦୪।୧୦ (ନି.ପ୍ର): ପୁରୀ ଜିଲ୍ଲା ଛତୁ ଉତ୍ପାଦନକାରୀ ମହାସଂଘ ପକ୍ଷରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି (କୋଭିଡ୍ -୧୯) କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବାଷ ଚନ୍ଦ୍ର ନାଥଶର୍ମାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ପ୍ରଦାନ କରିଛନ୍ତି ସଂଘର କର୍ମକର୍ତ୍ତା ମାନେ। କୋଭିଡ୍ ସମୟରେ ଛତୁ ଉତ୍ପାଦନକାରୀ ମହାସଂଘର ରାଜ୍ୟ ଅଧ୍ୟକ୍ଷ ପ୍ରଫେସର ଅଦ୍ୱୈତ କୁମାର ପାତ୍ର, ସମ୍ପାଦକ ପ୍ରକାଶ ଦାଶ, ପୁରୀ ଜିଲ୍ଲା ସଭାପତି ତ୍ରିନାଥ ଗୁରୁ ଓ ସମ୍ପାଦକ ଶଙ୍କର ପ୍ରଧାନ, ସତ୍ୟବାଦୀର ଦେବଦତ୍ତ ସ୍ୱାଇଁ, ନିମାପଡ଼ାର ମନୋରଞ୍ଜନ ଦାଶ, ପିପିଲିର ଲକ୍ଷ୍ମଣ ବସ୍ତିଆ, ବ୍ରହ୍ମଗିରିର କୃଷ୍ଣଚନ୍ଦ୍ର ପାତ୍ର । ରେଣୁବାଳା ଦାଶ, ପ୍ରକାଶ କାନୁନଗୋ, ସଞ୍ଜୟ ସ୍ୱାଇଁ, ଜଗନ୍ନାଥ ମିଶ୍ର । ପ୍ରଶାନ୍ତ ସାହୁ, ବୁଲୁ ନାୟକ, ପ୍ରମୁଖ ଉପସ୍ଥିତ ଥିଲେ ।

# ହାଥରସ ଘଟଣାକୁ ନେଇ କଂଗ୍ରେସ ବିଧାୟକଙ୍କ ହଟ୍ଟଗୋଳ

ଭୁବନେଶ୍ୱର,୦୪।୧୦ (ନି.ପ୍ର): ଓଡ଼ିଶା ବିଧାନସଭା ମୌସୁମୀ ଅଧିବେଶନର ଚତୁର୍ଥ ଦିନରେ ଶନିବାର ଦିନ ଉତର ପ୍ରଦେଶର ହାଥରସ ଘଟଣାକୁ ନେଇ କଂଗ୍ରେସ ବିଧାୟକ ମାନଙ୍କର ହଟ୍ଟଗୋଳ କାରଣରୁ ଗୃହ ବାରମ୍ବାର ସ୍ଥଗିତ କରା ଯାଇଛି । ଗୃହ ସ୍ୱାଭବିକ ନ ହେବାରୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଛନ୍ତି। କଂଗ୍ରେସ ସଭ୍ୟ ମାନେ ରେ ଉତରପ୍ରଦେଶର ହାଥରସରେ ୧୯ ବର୍ଷ ବୟସ୍କା ବାଳିକାର ଦୁଷ୍କର୍ମ ଘଟଣାକୁ ନେଇ ବିରୋଧୀ କଂଗ୍ରେସ ଦଳ ଗୃହରେ ନାରାବାଜି କରଥିଲେ । କଂଗ୍ରେସ ବିଧାୟକ ମାନେ ହାଥରସକୁ ଯିବା ବେଳେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ପୁଲିସ ଯେଉଁଳି ଦୁର୍ବ୍ୟବହାର ପ୍ରଦର୍ଶନ କଲା, ତା'ବିରୋଧରେ ନାରାବାଜି କରିଥିଲେ । ସେମାନେ ଗୃହର ମଧ୍ୟଭାଗକୁ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଉତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ନାରାବାଜି କରିବା ସହ ହଙ୍ଗାମା କରିଥିଲେ । ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ଇସ୍ତଫା ଦାବି କରିବା ସହ ରାହୁଲ ଓ ପ୍ରିୟଙ୍କା ଗାନ୍ଧୀ ଜିନ୍ଦାବାଦ ଧ୍ୱନି ଦେଇଥିଲେ କଂଗ୍ରେସ ବିଧାୟକ । କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ ରାହୁଲ ଗାନ୍ଧୀଙ୍କୁ ପୁଲିସ ମାଡ଼ ମାରିବା ଓ ଠେଲିଦେବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। କଂଗ୍ରେସ ସଦସ୍ୟଙ୍କ ନାରାବାଜି ଫଳରେ ଗୃହକୁ ପ୍ରଥମେ ୧୫ ମିନିଟ ଯାଏଁ ମୁଲତବୀ କରାଯାଇଥିଲା ।

# କମ୍ୟୁନିଟି ହଲ୍ ଚାରିପଟେ ତାଲା, ଭିତରୁ ଜଣେ ଅଜଣା ବ୍ୟକ୍ତିର ମୃତଦେହ ଉଦ୍ଧାର

ଗୁଣୁପୁର,୦୪।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା କମ୍ୟୁନିଟ୍ ହଲରେ ସବୁଆଡେ ତାଲା ପଡିଥିବା ବେଳେ ଜଣେ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ କିପରି ଆସିଲା ଏହା ସମସ୍ତଙ୍କୁ ଆଚମ୍ଭିତ କରିଛି । କମ୍ୟୁନିଟି ହଲର ରୋଷେଇ ଘରେ ମୃତଦେହ ପଡିଥିବା ଦେଖି ସନ୍ଦେହ ସୃଷ୍ଟି ହୋଇଛି । ତେଣୁ ତଦନ୍ତ କରାଗଲେ ଏହାର ସତ୍ୟତା ଲୋକଲୋଚନକୁ ଆସିପାରିବ । ଏହି କମ୍ୟୁନିଟି ହଲର ଦାୟିତ୍ୱରେ ଥିବା ପିଓଙ୍କୁ ପଚାରିବାରୁ ସେ ଏହି ବିଷୟରେ କିଛି ଜାଣିନଥିବା ପ୍ରକାଶ କରିଛନ୍ତି । ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ଶବ ପଡିରହିଥିବା ଦେଖିବାକୁ ମିଳିଛି ।

# ସ୍ତମ୍ଭକାର ସାରସ୍ୱତ ସାଧକ ତଥା ପୂର୍ବତନ ବିଡିଓ ଡ. ନରହରି ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି




ଭଦ୍ରକ,୪।୧୦(ହି.ସ): ବରେଣ୍ୟ ସାରସ୍ୱତ ସଶଦକ ତଥା ପ୍ରଶାସନିକ ଅଧିକାରୀ, ବିଶିଷ୍ଟ ସ୍ତମ୍ଭକାର, ସିମୁଳିଆର ପୂବ;ତନ ବିଡିଓ, ଧାମନଗରର ପୂର୍ବତନ ତହସିଲଦାର ଡ. ନରହରି ବେହେରାଙ୍କ ଅକାଳ ବିୟୋଗରେ ଭଦ୍ରକର ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ତ୍ୟାଗଭୂମି ସମ୍ମିଳନୀ କକ୍ଷରେ ଆଜି ଅପରାହ୍ନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। କରୋନାରେ ଆକ୍ରାନ୍ତ ହୋଇ ଗତ ୧ ତାରିଖ ସନ୍ଧ୍ୟାରେ ସେ ପରଲୋକ ଗମନ କରିଥିବା ଏହି ସାରସ୍ୱତ ପୁରୁଷଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବେଦବିତ୍ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଏବଂ ଅଧ୍ୟାପକ ଡ. ଅଭୟ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତାଙ୍କର ସାହିତ୍ୟ ସାଧନା, ଜ୍ଞାନକ୍ଷୁଧା, ଜିଜ୍ଞାସା ଭାବ, ଅମାୟିକ ବ୍ୟକ୍ତିତ୍ୱ, କର୍ତ୍ତବ୍ୟନିଷ୍ଠ ପ୍ରଶାସନିକ ଦାୟିତ୍ୱ ବହନ, ନିୟମିତ ସ୍ତମ୍ଭ ରଚନା, ଶିକ୍ଷକତା କାଳରେ ଜୀବନ ଜୀବିକାର ସଂଘର୍ଷ ଏବଂ ଲକ୍ଷାଧିକ ସଂଖ୍ୟାରେ ବିକ୍ରି ହୋଇଥିବା ତାଙ୍କ ଲିଖିତ ସରଳ ସଂସ୍କୃତ ବ୍ୟାକରଣ ଓ ପରିବେଶ ପାଠ ପୁସ୍ତକ ସମ୍ବନ୍ଧରେ ଚର୍ଚ୍ଚା କରିଥିଲେ। ମନ ମାନଚିତ୍ର ଶୀର୍ଷକରେ ଧରିତ୍ରୀ ଖବରକାଗଜରେ ପ୍ରକାଶ ପାଇ ଆସୁଥିବା ତାଙ୍କ ସ୍ତମ୍ଭ ଗୁଡିକ ଓଡ଼ିଶାର ବୁଦ୍ଧିଜୀବୀ, ସାହିତ୍ୟପ୍ରେମୀଙ୍କୁ ନୂତନ ଚେତନାରେ ଉଦ୍‌ବୋଧ କରେ ବୋଲି ମତ ପ୍ରକାଶ ପାଇଥିଲା। ଡକ୍ଟର ବେହେରାଙ୍କ ମାନସ ପ୍ରସୂତ 'ଗବେଷଣା ପରିଷଦ'କୁ ବଞ୍ଚାଇ ରଖିବା ସହିତ ତାଙ୍କ ସ୍ମୃତି ଓ କୃତି ଆଧାରିତ ସ୍ମରଣିକାଟିଏ ପ୍ରସ୍ତୁତ କରାଯିବାର ପ୍ରତିଶୃତି ରଖିଥିଲେ ସଭାପତି ଅଜୟ ନାୟକ। ଡକ୍ଟର ବେହେରାଙ୍କ ପରି ସୁପୁରୁଷମାନେ ଯୁଗେ ଯୁଗେ ଧରାମଣ୍ଡନ କରନ୍ତୁ ବୋଲି ମୁଖ୍ୟଅତିଥି ପଣ୍ଡିତ ବୀରେନ୍ଦ୍ର ପଣ୍ଡା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଅଶୋକ ମହାନ୍ତି, ରୂପକ ରାୟ, ଆଇନଜୀବୀ ଗଦାଧର ବଳ, ପଙ୍କଜ ବଳ, ବସନ୍ତ ମହାନ୍ତି, କବି ବିଜୟ ବହଳୀ, ବାବୁଲାଲ ଦାସ, ଗୌରାଙ୍ଗ ବାରିକ ପ୍ରମୁଖ ଶ୍ରଦ୍ଧାଞ୍ଜଳ ଜ୍ଞାପନ କରିବା ସହ ଡକ୍ଟର ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା କରାଯାଇଥିଲା।

# ଅବସରପରେ ୧୮ବର୍ଷ ଧରି ଶିକ୍ଷା ଦାନ : ବିଶିଷ୍ଟ ଗୁରୁ ରବିନ୍ଦ୍ର ପ୍ରଧାନଙ୍କ ପରଲୋକ




ଜଳେଶ୍ୱର,୦୪।୧୦ (ନି.ପ୍ର): ଶିକ୍ଷକତାରୁ ଅବସର ଗ୍ରହଣ ପରେ ଅବୈତନିକଭାବେ ୧୮ବର୍ଷ ଧରି ସେ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ଦେଇଆସୁଥିବା ସମାଜସେବୀ, ଅନୁଷ୍ଠାନ ପ୍ରେମୀ, ଛାତ୍ରବତ୍ସଳ ରବିନ୍ଦ୍ରନାଥ ପ୍ରଧାନଙ୍କର ଗତ ରାତିରେ ୭୯ବର୍ଷ ବୟସରେ ଦେହାନ୍ତ ହୋଇ ଯାଇଛି । ୧୯୬୪ ମସୀହାରୁ ୨୦୦୨ ମସୀହ ପର୍ଯ୍ୟନ୍ତ ୩୮ବର୍ଷ ଧରି ସେ ମାଧବଚନ୍ଦ୍ର ହାଇସ୍କୁଲ ଛମୌଜର ଶିକ୍ଷକଭାବେ କାର୍ଯ୍ୟ କରିଥିଲେ । ସେ ଏକାଧାରରେ ଶିକ୍ଷକ, ଲେଖକ, କଳା ଓ ସଂସ୍କୃତିର ପୂଜାରୀ, ଗ୍ରାମ୍ୟ ବିଚାରକ, ନାଟ୍ୟନିର୍ଦ୍ଦେଶକ, ଗ୍ରାମ୍ୟମୁଖ୍ୟ, ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି, ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଉପସଭାପତି, ଓଷ୍ଟା ଜଳେଶ୍ୱର ଶାଖାର ତତ୍‌କାଳୀନ ଉପସଭାପତି, ଗ୍ରାମାଞ୍ଚଳ ବରିଷ୍ଠ ନାଗରିକ ପରିଷଦର ଉପଦେଷ୍ଟା ଭାବେ କାର୍ଯ୍ୟ କରିଛନ୍ତି। ସେ ବିରଳ ଇତିହାସର ଅଧିକାରୀ ଥିବା ବେଳେ ତ୍ୟାଗପୂତ ଜୀବନ, ଶିକ୍ଷା ଆକାଶରେ ଉଜ୍ଜଳ ନକ୍ଷତ୍ର ଭାବେ ସେ ଏ ଅଂଚଳରେ ପରିଚିତ । ବିଭିନ୍ନ ଅନୁଷ୍ଠାନରୁ ସେ ପୁରସ୍କୃତ ହୋଇଥିବା ବେଳେ ମୃତ୍ୟୁଶର୍ଯ୍ୟାନିକଟରେ ୩ ପୁଅ , ୩ ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଉପସ୍ଥିତ ଥିଲେ । ତାଙ୍କର ଶେଷ ଦର୍ଶନ ପାଇଁ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲାପରିଦେ ସଦସ୍ୟ ଗୌରହରୀ ଜେନା, ସରପଂଚ ରବିନ୍ଦ୍ର ନାଥ ଜେନା, ସଦସ୍ୟ ନିର୍ମଳ ରାଜ, ଶରତ ଚନ୍ଦ୍ର ପ୍ରଧାନ, ଖଗେନ୍ଦ୍ର ପ୍ରମାଣିକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୌରାଙ୍ଗ ବାନାର୍ଜୀ, ଭୁପେନ୍ଦ୍ର ନାଥ ପତି, ଜ୍ୟୋତିନ୍ଦ୍ର ନାଥ ପରିଡା, ଅଭିଳାଷ ଦାସ, ଜନାର୍ଦ୍ଦନ ଦାସ, ହରିବାସ ଦାସ, ବିନୋଦ ବିହାରୀ ମହାପାତ୍ର, ପଦ୍ମଲାଭ ପରିଡା, ମନୋରଂଜନ ଦାସ, ଡ. ଅଜିତ୍ କୁମାର ମହାନ୍ତି, ବିପିନ୍ ବିହାରୀ ବିଶ୍ୱାଳ, ସୁଧାଂଶୁ ପ୍ରଧାନ, ଓଷ୍ଟାର ପୂର୍ବତନ ଯୁଗ୍ମ ସଂପାଦକ ଅକ୍ଷୟ କୁମାର ମିଶ୍ର, ଶଶାଙ୍କ ଶେଖର ମହାନ୍ତି, ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ହୋଇଥିଲେ ।

# କରୋନାରେ ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କ ପରଲୋକ : ମୃତ୍ୟୁକାଳୀନ ସହାୟତା ଓ ପରିବାର ସଦଶ୍ୟଙ୍କୁ ନିଯୁକ୍ତି ପାଇଁ ସଙ୍ଘର ଦାବି



ବାରିପଦା,୦୪।୧୦ (ନି.ପ୍ର): କରୋନା ସଂକ୍ରମଣରେ କାର୍ଯ୍ୟରତ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ପରଲୋକ ଘଟିଛି। ସେ ହେଉଛନ୍ତି ମୟୁରଭଞ୍ଜ ଜିଲ୍ଲାର ବାରିପଦା ଭପୁର ସେକସନ ନେସ୍କୋ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ସୁଜିତ କୁମାର ସାହୁ (୩୮)। କିଛି ଦିନ ପୂର୍ବେ ସେ କରୋନା ସଂକ୍ରମିତ ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ବାରିପଦା ସ୍ଥିତ ବାଙ୍କିଶୋଳ କୋଭିଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧିନ ଥିବା ସମୟରେ ମୃତ୍ୟବରଣ କରିଛନ୍ତି। ତେବେ ତାଙ୍କର ଏହି ଅକାଳ ବିୟୋଗରେ ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୫୦ରୁ ଉର୍ଦ୍ଧ୍ୱ ବିଦ୍ୟୁତ କର୍ମଚାରୀ କାର୍ଯ୍ୟରତ ଥିବା ସମୟରେ କରୋନାରେ ଆକ୍ରାନ୍ତ ହେଲେଣି। କିନ୍ତୁ ନା ବିବାଗ ନା ସରକାରଙ୍କ ପକ୍ଷରୁ କରୋନାରୁ ସୁରକ୍ଷା ପାଇଁ କୌଣଷି ଉପକରଣ ପ୍ରଦାନ କରାଯାଇନାହିଁ। ଯାହା ଫଳରେ ବହୁ କର୍ମଚାରୀ କରୋନା ଆକ୍ରାନ୍ତ ହେଉଛନ୍ତି। ତେଣୁକରି ବିଦ୍ୟୁତ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା ସହ ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା ପାଇଁ ସଙ୍ଘ ପକ୍ଷରୁ ଦାବି ହୋଇଛି। ମୃତ୍ୟବରଣ କରିଥିବା କନିଷ୍ଠ ଯନ୍ତ୍ରୀଙ୍କ ପରିବାର ବର୍ଗକୁ ୫୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ସହିତ ପରିବାରର ଜଣକୁ ନିଯୁକ୍ତି ଦେବା ପାଇଁ ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିୟନର ସହ ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିବେଦନ କରିଛନ୍ତି।

# ଏସ୍‌ସିବିରେ ପ୍ଲାଜମା ଦାନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର/କଟକ,୦୪।୧୦ (ନି.ପ୍ର): କରୋନାରୁ ସୁସ୍ଥ ହେବା ପରେ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସ୍ୱଚ୍ଛାକୃତ ଭାବେ କଟକ ଗସ୍ତ କରି ଏସସିବି ମେଡିକାଲ କଲେଜରେ ପ୍ଲାଜମା ଦାନ କରିଛନ୍ତି । ବର୍ତମାନ ସମୟରେ ଗୁରୁତର ସଂକ୍ରମିତଙ୍କ ଜୀବନ ରକ୍ଷା କରିବାରେ ପ୍ଲାଜମାର ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଏଥିପାଇଁ ସମସ୍ତଙ୍କୁ ଆଗେଇବା ଆସିବା ସହ ପ୍ଲାଜମା ଦାନ କରିବା ସଚେତନତା ଅଭିଯାନକୁ ଅଧିକ ବ୍ୟାପକ କରିବା ପାଇଁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଓଡିଶାକୁ ଆସି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ କରି ପ୍ଲାଜମା ଦାନ କରିବା ପାଇଁ ମନରେ ଇଚ୍ଛା ଥିଲା । ଆଜି ଏହି ଆଶା ପୂରଣ ହୋଇଛି । ମୁଁ ଦେଇଥିବା ପ୍ଲାଜମା ରାଜ୍ୟର ଯେକୌଣସି କରୋନା ସଂକ୍ରମିତଙ୍କ କାମରେ ଆସିପାରିଲେ, ଏହା ମୋ ପାଇଁ ଆତ୍ମସନ୍ତୋଷର ବିଷୟ ହେବ ବୋଲି ସେ କହିଛନ୍ତି ।

## ଶିବ ମନ୍ଦିର ଭୂମିପୂଜନ ସହ ଗୋଷ୍ଠୀ ଗୃହ ଉଦ୍‌ଘାଟିତ

ନୂଆପଡା,୦୪।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବାଦୀ ଗ୍ରାମ ଠାରେ ଏକ ଶିବ ମନ୍ଦିର ନିର୍ମାଣ ସକାଶେ ଭୂମି ପୂଜନ ସହ ବାବା ଘାସିଦାସଙ୍କ ନାମରେ ନାମିତ ଗୋଷ୍ଠୀଗୃହ ଉଦ୍‌ଘାଟିତ ହୋଇଯାଇଛି । ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ଲମ୍ବୋଦର ନିଆଲ ଯୋଗଦାନ କରି ଭୂମି ପୂଜକ କରିବା ସହ ଗୋଷ୍ଠୀ ଗୃହକୁ ଫିତା କାଟି ଶୁଭ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ବାଜା, ନୃତ୍ୟ, ଗୀତରେ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିଥିଲେ । ସେଫାଲି ସଲମା, ପରିକ୍ଷିତ ସତନାମୀ, ପ୍ରକାଶ ସତନାମୀ, ଗଣପତି ସତନାମୀ, ସହିଦ ମହମ୍ମଦ, ଦୟା ଥପା, ହେମନ୍ତ ମନହରେ, ନିମାଇଁ ପଟେଲ, ପ୍ରହଲ୍ଲାଦ ପୋଡ, ଟିଟୁ ପାଣ୍ଡେ, ସୁଶାନ୍ତ ରାଉତରାୟ, ଚନ୍ଦ୍ରଶେଖର ଜାନୀଙ୍କ ସହ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ ।

# ଗଞ୍ଜାମ ପୋଲିସର କାର୍ଯ୍ୟାନୁଷ୍ଠାନଘ : ୬୨ ହଜାର ୫୩୦ ଟଙ୍କା ଜୋରିମାନା ଆଦାୟ

**ପୃଥକ୍ ସ୍ଥାନରୁ ୬୭୪.୫ ଲିଟର ମଦ ଜବତ : ୯ ଗିରଫ**

ଗଞ୍ଜାମ,୦୪।୧୦ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ୨ ତାରିଖ ସକାଳ ଠାରୁ ୩ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ, ଜୁଆ ଆଡ୍ଡା ଓ ବେଆଇନ ମଦ କାରବାର ଉପରେ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକଙ୍କ ଠାରୁ ୩୧ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି କୋଭିଡ୍ କଟକଣା ଭଙ୍ଗ ତଥା ମୁହଁରେ ମାସ୍କ ପିନ୍ଧିନଥିବା ବ୍ୟକ୍ତି ବିଶେଷଙ୍କ ଠାରୁ ୯ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଅନୁରୂପ ଭାବେ ୩ଟି ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇ ମୋଟ୍ ୨୨ ହଜାର ୩୦ ଟଙ୍କା ଜବତ କରାଯିବା ସହ ଘଟଣାରେ ୧୯ ଜଣଙ୍କୁ ଗିରଫ କରାଯାଇଛି । ଏହା ବ୍ୟତୀତ ୧୦ଟି ଅବକାରୀ ମାମଲା ରୁଜୁ କରିବା ସହ ସେମାନଙ୍କ ନିକଟରୁ ୬୭୪.୫ ଲିଟର ମଦ ଜବତ କରିଛି । ଘଟଣାରେ ୯ ଜଣଙ୍କୁ ଗିରଫ କରିଛି ।

# ଗାଳ୍ପିକ ରମେଶ ବିଶ୍ୱାଳଙ୍କ ମୃତ୍ୟୁରେ ଚାହାଣୀ ପକ୍ଷରୁ ଶୋକ

କୋରେଇ,୦୪।୧୦ (ନି.ପ୍ର): ବିଶିଷ୍ଟ ଗାଳ୍ପିକ ଓ ସାହିତ୍ୟିକ ଡକ୍ଟର ରମେଶ ଚନ୍ଦ୍ର ବିଶ୍ୱାଳଙ୍କ ମୃତ୍ୟୁରେ ଚାହାଣୀ ସାହିତ୍ୟ ମଂଚ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରିବା ପରେ ୨୦୧୪ ମସିହାରେ ସାଧୁ ଗୌଡେଶ୍ୱର ମହାବିଦ୍ୟାଳୟରୁ ଅଧ୍ୟକ୍ଷ ଭାବେ ଅବସର ନେଇଥିଲେ । ଚାହାଣୀ ପରିବାର ସହ ଏ ବିଶ୍ୱାଳଙ୍କର ନିବିଡ ସମ୍ପର୍କ ଥିଲା । ୨୦୧୦ ମସିହାରେ ସେ ଚାହାଣୀ ପୁରସ୍କାର ପାଇଥିଲେ । ତାଙ୍କ ମୃତ୍ୟୁରେ ଚାହାଣୀ ସମ୍ପାଦକ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ଗଭୀର ଶୋକ ପ୍ରକାଶ କରିବା ସହ ଅମର ଅତ୍ମାର ସଦଗତି କାମନା କରିଛନ୍ତି ।

# ତିର୍ତୋଲ ଉପନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ବ୍ଲକୱାରୀ ଓ ନିର୍ବାଚନ ପ୍ରଚାର ଦାୟିତ୍ୱ ପ୍ରଦାନ

ଭୁବନେଶ୍ୱର,୦୪।୧୦ (ନି.ପ୍ର): ଆଗାମୀ ତିର୍ତୋଲ ଉପନିର୍ବାଚନର ସୁପରିଚାଳନା ନିମନ୍ତେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ତିର୍ତୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବ୍ଲକ ପାଇଁ କଂଗ୍ରେସ ନେତୃବୃନ୍ଦମାନଙ୍କୁ ଦାୟିତ୍ୱ ଅର୍ପଣ କରିଛନ୍ତି। ରଘନାଥପୁର ବ୍ଲକ ନିମନ୍ତେ ଶ୍ରୀ ଗୁରୁପଦ ନନ୍ଦ ଓ ମାନସ ଚୌଧୁରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ବିରିଡି ବ୍ଲକ ପାଇଁ ଶ୍ରୀମତୀ ବନ୍ଦିତା ପରିଡା ଓ ଗଣେଶ୍ୱର ବେହେରାଙ୍କୁ ଏବଂ ତିର୍ତୋଲ ବ୍ଲକ ପାଇଁ ଅମରନାଥ ପ୍ରଧାନ, ଶୁଭେନ୍ଦୁ ମହାନ୍ତି ଓ ଅରିନ୍ଦମ ସର୍କେଲଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ସେହିପରି ଶ୍ରୀ ପଟ୍ଟନାୟକ ଉପନିର୍ବାଚନରେ ଦଳୀୟ ପ୍ରଚାର କାର୍ଯ୍ୟକୁ ସୂଚାରୁ ରୂପେ ସଂପାଦନ କରିବା ପାଇଁ କଂଗ୍ରେସ ନେତୃବୃନ୍ଦଙ୍କୁ ଦାୟିତ୍ୱ ଅର୍ପଣ କରିଛନ୍ତି। ଏହି ନେତୃବୃନ୍ଦ ମାନେ ହେଲେ କଂଗ୍ରେସ ପ୍ରଭାରୀ ଡ. ଏ ଚେଲ୍ଲା କୁମାର, ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର, ପିସିସି କାର୍ଯ୍ୟକାରୀ ସଭାପତି ଶ୍ରୀ ଚିରଞ୍ଜିବ ବିଶ୍ୱାଳ ଓ ଶ୍ରୀ ପ୍ରଦୀପ ମାଝୀ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଶରତ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନ, ଭକ୍ତ ଚରଣ ଦାସ, ରାମଚନ୍ଦ୍ର ଖୁଂଟିଆ, ରଞ୍ଜିବ ବିଶ୍ୱାଳ, ସପ୍ତଗିରି ଉଲାକା, ସୁରେଶ କୁମାର ରାଉତରାୟ, ତାରାପ୍ରସାଦ ବାହିନୀପତି, ରମେଶ ଜେନା, ସନ୍ତୋଷ ସିଂ ସାଲୁଜା, ମହମ୍ମଦ ମୋକିମ୍, ଅଧିରାଜ ମୋହନ ପାଣିଗ୍ରାହୀ, ଦାସରଥି ଗମାଙ୍ଗ, ସି.ଏସ୍. ରାଜନ ଏକ୍କା, ଗଣେଶ୍ୱର ବେହେରା, ଅମରନାଥ ପ୍ରଧାନ, ଶରତ ରାଉତ, ଅଂଶୁମାନ ମହାନ୍ତି, ଦେବେନ୍ଦ୍ରନାଥ ଶର୍ମା, ଚିନ୍ମୟ ପ୍ରସାଦ ବେହୁରା, ସଂଗ୍ରାମ କେଶରୀ ଜେନା, ବିଶ୍ୱରଂଜନ ମହାନ୍ତି, ସତ୍ୟପ୍ରକାଶ ନାୟକ, ବନ୍ଦିତା ପରିଡା, ସ୍ମୃତିରେଖା ପହି, ଉମେଶ ଜେନା, ନଳିନୀ ସ୍ୱାଇଁ, ମନିଷା ତ୍ରିପାଠୀ, ଶୁଭଶ୍ରୀ ପଣ୍ଡା, ଦେବ ପ୍ରସାଦ ନାୟକ, ମନୋଜ ବିଶ୍ୱାଳ, ସ୍ମୃତିରଂଜନ ଲେଙ୍କା, ଶୁଭେନ୍ଦୁ ମହାନ୍ତି, ମାନସ ଚୌଧୁରୀ, ଅରିନ୍ଦମ ସର୍କେଲ, ଗୁରୁପଦ ନନ୍ଦ, ଦେବାଶିଷ ପଟ୍ଟନାୟକ, ସୁରେଶ ମହାପାତ୍ର, ପ୍ରଫୁଲ୍ଲ ଦାସ, ଅଭିଷେକ ମହାନନ୍ଦ, ଅମୀୟ କୁମାର ପଟ୍ଟନାୟକ, ବିଶ୍ୱଭୂଷଣ ଦାସ, ନିଶିକାନ୍ତ ମିଶ୍ର, ଅନନ୍ତ ପ୍ରସାଦ ସେଠୀ, ସସ୍ମିତା ବେହେରା, ଲଲାଟେନ୍ଦୁ ମହାପାତ୍ର, ଅଜିତ୍ କୁମାର ମଙ୍ଗରାଜ, ସୁଦର୍ଶନ ଦାସ, ନାରାୟଣ ପ୍ରସାଦ ଜେନା, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଜର୍ଜ ତିର୍କୀ, ଜ୍ଞାନଦେବ ବେଉରା ଓ ଆକାଶ ଭୂୟାଁ ପ୍ରମୁଖ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## କରୋନାରୁ ଆରୋଗ୍ୟ ଲାଭ କରିଥିବା ୯୦ ବର୍ଷ ବୟସ୍କାଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୪।୧୦ (ନି.ପ୍ର): ସମ୍ବଲପୁରର ନବେବର୍ଷ ବୟସ୍କା ସେହନାଜ୍ ବେଗମ୍ କୋଭିଡ୍-୧୯ରୁ ଆରୋଗ୍ୟ ଲାଭ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ମାରାତ୍ମକ ରୋଗ ଉପରେ ତାଙ୍କ ର ବିଜୟ କୋଭିଡ୍ ପ୍ରତିକୂଳତା ବିରୋଧରେ ଓଡ଼ିଶାର ଦୃଢ଼ତାକୁ ପ୍ରତିପାଦିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ଡ. ନରହରି ବେହେରାଙ୍କ ଅକାଳ ବିୟୋଗରେ ସଶ୍ରଦ୍ଧ ଶ୍ରଦ୍ଧାଂଜଳି



ଭଦ୍ରକ,୪।୧୦(ହି.ସ): ଆଜି ଅପରାହ୍ନ ୫ ଘଟିକା ସମୟରେ ଭଦ୍ରକ କଲେଜ ପରିସରରେ 'ପ୍ରଜ୍ଞାପୀଠ' ଠାରେ ଡ. ନରହରି ବେହେରାଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଗତିଶୀଳ ସାହିତ୍ୟ ପରିଷଦର ଅଧ୍ୟକ୍ଷ ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଂଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସରକାରଙ୍କ କୋଭିଡ଼ ୧୯ ନିୟମକୁ କଡାକଡି ଭାବେ ପାଳନ କରାଯାଇ ସ୍ମୃତି ଚାରଣ କରାଯାଇଥିଲା। ପ୍ରଫେସର ଅଟଳ ବିହାରୀ ନାୟକ, ଲଲାଟେନ୍ଦୁ ମହାନ୍ତି, ଡ. ରବିନାରାୟଣ ମହାପାତ୍ର, ଅଧ୍ୟାପକ ଅମିତ୍ ନାୟକ, ଅଧ୍ୟାପିକା ସ୍ୱାଗତିକା ସାହୁ, ତନୁଶ୍ରୀ ନାୟକ, ମାଧବୀଲତା ନାୟକ, ଆଡଭୋକେଟ ଅମିତାବାଳା ଆଚାର୍ଯ୍ୟ, ଅଗଣି ଚରଣ ଜେନା, ଗୋଲକ ଦାସ, ଲକ୍ଷ୍ମୀଧର ବାରିକ, ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ରାଳୟ ଛାତ୍ର ସଞ୍ଜୟ ଚକ୍ରବର୍ତ୍ତୀ, ଅନନ୍ୟା ମହାପାତ୍ର, ଯୁବ ଆଇନଜୀବୀ ବିନୋଦ ସାହୁ, ଆଡଭୋକେଟ ସନ୍ତୋଷ ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଦ୍ୟାଧର ପଲେଇ ପ୍ରମୁଖ ଯୋଗ ଦେଇ ଦିବଂଗତ ଆତ୍ମାଙ୍କ ସ୍ମୃତିଚାରଣ କରିଥିଲେ। ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ' ଓ ଜିଲ୍ଲା ପ୍ରଗତିଶୀଳ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସଭା ପରିଚାଳନା କରାଯାଇଥିଲା। ଡ. ନରହରି ବେହେରା ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତ ପ୍ରକାଶ ପାଇଥିଲା। ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ୧ ମିନିଟ ନିରବ ପ୍ରାର୍ଥନା କରାଯିବା ସହିତ ତାଙ୍କ ପରିବାରକୁ ପ୍ରଭୁ ଶ୍ରୀଜଗନ୍ନାଥ ଅସୀମ ଶକ୍ତି ଓ ସାହସ, ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ।

# ଭର୍ଚୁଆଲ୍ ଇଂଟରଭ୍ୟୁ



କରୋନା ମହାମାରୀ ପାଇଁ କର୍ମକ୍ଷେତ୍ର ଉପରେ ଅନେକ ପ୍ରଭାବ ପଡ଼ିଛି । ତଥାପି ଧୀରେ ଧୀରେ ବର୍ତ୍ତମାନ କିଛି କମ୍ପାନୀରେ ନିଯୁକ୍ତି ଆରମ୍ଭ ହେଲାଣି । ହେଲେ ସତର୍କତା ଦୃଷ୍ଟିରୁ ଫିଜିକାଲ୍ ଇଣ୍ଟରଭ୍ୟୁ ବଦଳରେ ବିଭିନ୍ନ କମ୍ପାନୀ ଭର୍ଚୁଆଲ୍ ଇଣ୍ଟରଭ୍ୟୁ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଯଦି ଆପଣ ବି ଏଭଳି ଇଣ୍ଟରଭ୍ୟୁ ପାଇଁ ପ୍ରସ୍ତୁତ ହେଉଛନ୍ତି ତେବେ ଜାଣି ରଖନ୍ତୁ କେତୋଟି କଥା...

**ପ୍ରାକ୍ ପ୍ରସ୍ତୁତି ସାରନ୍ତୁ:**
ଭର୍ଚୁଆଲ୍ ଇଣ୍ଟରଭ୍ୟୁ ସମୟରେ ନିଯୁକ୍ତିଦାତା ଆପଣଙ୍କ ଟେକ୍ନୋଲୋଜି କ୍ଷମତାକୁ ପରୀକ୍ଷା କରନ୍ତି । ତେଣୁ ଇଣ୍ଟରଭ୍ୟୁ ପୂର୍ବରୁ ଆପଣ ନିଜର ସମସ୍ତ ଇକ୍ୟୁପ୍‌ମେଣ୍ଟକୁ ଯାଞ୍ଚ କରିନିଅନ୍ତୁ । ଇଣ୍ଟରନେଟ୍ ସଂଯୋଗ, ଖରାପ ଅଡିଓ କିମ୍ବା ଅନ୍ୟ କୌଣସି ସମସ୍ୟା ଥିଲେ ପୂର୍ବରୁ ଠିକ୍ କରିନିଅନ୍ତୁ । ଏହା ସହିତ ନିଜର ବ୍ୟାକଗ୍ରାଉଣ୍ଡରେ କଳାକୃତି ଅବା ବହି କିମ୍ବା ଏଭଳି କିଛି ଜିନିଷ ରଖନ୍ତୁ ଯାହା ଆପଣଙ୍କ ପର୍ସନାଲିଟିକୁ ବୃଦ୍ଧି କରିବ । କେବଳ ଏତିକି ନୁହେଁ ବେଳେବେଳେ ଇଣ୍ଟରଭ୍ୟୁ ସମୟରେ ହିଁ ଜଣାପଡ଼େ କି କିଛି ପ୍ରୋଗ୍ରାମକୁ ଡାଉନ୍‌ଲୋଡ୍ କରିବାକୁ ହେବ । ଏହି ପ୍ରକ୍ରିୟାରେ ଇଣ୍ଟରଭ୍ୟୁ ବିଳମ୍ବ ହୋଇ ଯାଇଥାଏ; ଯାହା କି ଆପଣଙ୍କ ପର୍ସନାଲିଟି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ତେଣୁ ଇଣ୍ଟରଭ୍ୟୁ ପୂର୍ବରୁ ପ୍ରଥମେ ଏ ସମସ୍ତ କାର୍ଯ୍ୟ ସମାପ୍ତ କରି ଠିକ୍ ସମୟରେ ଇଣ୍ଟରଭ୍ୟୁ ଆରମ୍ଭ କରନ୍ତୁ ।

**ଠିକ୍ ସ୍ଥାନ ବାଛନ୍ତୁ:**
ଏଭଳି ଅନ୍‌ଲାଇନ୍‌ରେ ଇଣ୍ଟରଭ୍ୟୁ ଦେବା ପୂର୍ବରୁ ପ୍ରଥମେ ଏଭଳି ସ୍ଥାନ ଚୟନ କରନ୍ତୁ, ଯେଉଁଠାରେ ଇଣ୍ଟରନେଟ୍ ସଂଯୋଗ ଠିକ୍ ରହିଥିବା । ଘରର କବାଟ, ଝରକାକୁ ବନ୍ଦ କରିଦିଅନ୍ତୁ ଏବଂ ଟିଭି ବନ୍ଦ କରିବା ସହିତ ମୋବାଇଲ୍ ମଧ୍ୟ ସାଇଲେଣ୍ଟ କରିଦିଅନ୍ତୁ ।

**ପରିଚୟକୁ କରନ୍ତୁ ସହଜ ଓ ସରଳ:**
ଡିଜିଟାଲ୍ ଦୁନିଆରେ ଆପଣଙ୍କ ଇମେଲ୍ ଆଡ୍ରେସ ଏବଂ ୟୁଜର ନେମ୍ ଫାଷ୍ଟ ଇମ୍ପ୍ରେସନ୍ ଆଣିଥାଏ । ତେଣୁ ଏସବୁକୁ ସହଜ ଏବଂ ସରଳ କରିବା ସହ ନିଜ ପରିଚୟ ମଧ୍ୟ ଠିକ୍ ଲେଖିବାକୁ ଭୁଲନ୍ତୁ ନାହିଁ । ଯେପରି ଏସବୁକୁ ମନେ ରଖିବାରେ ଅସୁବିଧା ନ ହେବ ।

**କମ୍ପାନୀ ବିଷୟରେ ଭଲଭାବେ ଜାଣନ୍ତୁ:** କମ୍ପାନୀ ବିଷୟରେ ଜାଣିବା ପାଇଁ ପ୍ରଥମେ କିଛି ଭିଡିଓ ଦେଖନ୍ତୁ ଏବଂ କମ୍ପାନୀର କର୍ମଚାରୀଙ୍କ ଇଣ୍ଟରଭ୍ୟୁ ଚେକ୍ କରନ୍ତୁ ତ୍ ସୋସିଆଲ୍ ମିଡିଆରେ ମଧ୍ୟ ଚେକ୍ କରନ୍ତୁ । କମ୍ପାନୀ ସମ୍ପର୍କରେ ପୂର୍ବରୁ ଜାଣିଥିଲେ ଇଣ୍ଟରଭ୍ୟୁ ଦେବାକୁ ସୁବିଧା ହେବ ।

**ବଡି ଲାଙ୍ଗୁଏଜ୍‌କୁ ଗୁରୁତ୍ୱ:**
ଅନ୍‌ଲାଇନ୍ ଇଣ୍ଟରଭ୍ୟୁରେ ଲୋକେ ସାଧାରଣତଃ କମ୍ ଆଟେଣ୍ଟିଭ୍ ରହିଥାନ୍ତି । କିନ୍ତୁ ଏହି ଇଣ୍ଟରଭ୍ୟୁରେ ଆପଣଙ୍କ ହାବଭାବ ଓ ପ୍ରେଜେଣ୍ଟେସନ୍ ବହୁତ ପ୍ରଭାବ ପକାଏ । ତେଣୁ ଏଥିରେ ମଧ୍ୟ ଆପଣଙ୍କୁ ନିଜ ବଡିଲାଙ୍ଗୁଏଜ୍‌କୁ ନେଇ ସଜାଗ ରହିବାକୁ ହେବ ।



# ଫ୍ଲାଟରେ ବାସ୍ତୁଶାସ୍ତ୍ର



ଆଜିକାଲି ଅଧିକାଂଶ ଲୋକ ଜମି କିଣି ଘର କରିବା ଅପେକ୍ଷା ଫ୍ଲାଟ ଘର କିଣିବାକୁ ଅଧିକ ଉଚିତ ମଣୁଛନ୍ତି । ତେବେ ଏଇ ଫ୍ଲାଟ ଘର ମନୋନୀତ କରିବା ପୂର୍ବରୁ ସେ ବାବଦରେ ଅଳ୍ପବହୁତେ ବାସ୍ତୁଶାସ୍ତ୍ର ଜ୍ଞାନ ଥିବା ଆବଶ୍ୟତ । ବହୁ ମହଲା ବିଶିଷ୍ଟ ଫ୍ଲାଟ କିଣିବା ପୂର୍ବରୁ ପ୍ରଥମେ ଦେଖିନିଅନ୍ତୁ ଜମିଟି ଯେପରି ଆୟତାକାର କ୍ଷେତ୍ର ହୋଇଥିବ । ସେହିପରି ଆପାଟମେଣ୍ଟର ଉତ୍ତର ଓ ପୂର୍ବ ଦିଗ ଯେପରି ଖୋଲା ରହିଥିବ । ଆପାର୍ଟମେଣ୍ଟ ସଂଲଗ୍ନ ଯେପରି ଚିକିତ୍ସାଳୟ ଶ୍ମଶାନ କଂସେଇଖାନା ଇତ୍ୟାଦି ନଥିବା ଖୁବ୍ ଭଲ ପ୍ରଭାବ ପକାଇଥାଏ । ଏସବୁ ଦିଗ ପ୍ରତି ଭଲଭାବେ ସଚେତନ ରହିବା ଜରୁରୀ । ଫ୍ଲାଟ କିଣିବା ପୂର୍ବରୁ ଏହାର ଜଳସ୍ରୋତ ସଂକ୍ରାନ୍ତରେ ଭଲଭାବେ ପଚାରି ବୁଝିନିଅନ୍ତୁ । ଉତ୍ତର, ପୂର୍ବ ଅବା ଐଶାନ୍ୟ କୋଣରେ ପାଣିଟାଙ୍କି ରହିବା ଭଲ । ଅନ୍ୟ ଦିଗରେ ଜଳସ୍ରୋତ ନକାରାତ୍ମକ ପ୍ରଭାବ ପକାଉଥିବାର ବାସ୍ତୁବିତଙ୍କ ମତ । ଅଧିକାଂଶ ଲୋକ ବହୁମହଲା ବିଶିଷ୍ଟ ଆପାର୍ଟମେଣ୍ଟରେ ତଳ ମହଲାରେ ରହିବାକୁ ଉଚିତ ମଣନ୍ତି । ବାସ୍ତୁ ଅନୁସାରେ କିନ୍ତୁ ସବୁଠୁ ଅଧିକ ନକରାତ୍ମକ ଶକ୍ତି ତଳମହଲାର ବ୍ୟକ୍ତିଙ୍କ ଉପରେ ପଡ଼େ । ଫ୍ଲାଟର ବାଲକୋନୀ ଉତ୍ତର, ଐଶାନ୍ୟ ଅବା ପୂର୍ବ ଦିଗରେ ଥିଲେ ଏହା ଉତ୍ତମ ପ୍ରଭାବ ପକାଇଥାଏ ।





# ମହିଳାଙ୍କ ଅଣ୍ଟାବିନ୍ଧାର କାରଣ ଇଣ୍ଟରନେଟ୍

ଅଣ୍ଟାବିନ୍ଧା ଏଭଳି ଏକ ରୋଗ ଯାହା ଏଥିରେ ପୀଡିତ ବ୍ୟକ୍ତିଙ୍କୁ ମାନସିକ ସ୍ତରରେ ଅଧିକ ଆଘାତ ପହଞ୍ଚାଇ ଥାଏ । ନିୟମିତ ଔଷଧ ସେବନ କରିବା ଦ୍ୱାରା ଉପଶମ ମିଳିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ରୂପେ ଭଲ ହୋଇ ନ ଥାଏ । ମହିଳାମାନେ ଇଣ୍ଟରନେଟ୍ ବ୍ୟବହାର କରିବା ଦ୍ୱାରା ଅଣ୍ଟାବିନ୍ଧା ରୋଗରେ ପୀଡିତ ହୋଇଥାନ୍ତି ବୋଲି ଏକ ଗବେଷଣାରୁ ଜଣାପଡିଛି । ବ୍ରିଟେନ୍‌ର ଗବେଷକମାନେ କରିଥିବା ଏକ ଗବେଷଣାରୁ ଜାଣିବାକୁ ପାଇଛନ୍ତି ଯେ, ଇଣ୍ଟର୍‌ନେଟ୍ ମାଧ୍ୟମରେ ପେସ୍‌ବୁକ୍, ଟ୍ୱିଟର୍ ଭଳି ସୋସିଆଲ୍ ନେଟ୍‌ୱର୍କ ସାଇଟ୍ ବ୍ୟବହାର କରୁଥିବା ଅଧିକାଂଶ ମଧ୍ୟମ ବୟସ୍କା ମହିଳା ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗ କରିଥାନ୍ତି । ଏ ସମ୍ପର୍କରେ ଜାଣିବା ନିମନ୍ତେ ଗବେଷକମାନେ ସୋସିଆଲ ନେଟ୍‌ୱର୍କ ସାଇଟ୍ ବ୍ୟବହାର କରୁଥିବା ୩୫ ରୁ ୫୦ ବର୍ଷ ବୟସ୍କା ୧୦୦୦ ମହିଳାଙ୍କ ମତ ସଂଗ୍ରହ କରିଥିଲେ । ପ୍ରତି ୪ ଜଣରୁ ୩ ଜଣ ଅର୍ଥାତ୍ ୭୫ ପ୍ରତିଶତ ମହିଳା ଦୀର୍ଘ ସମୟ ଇଣ୍ଟର୍‌ନେଟ୍ ବ୍ୟବହାର କରି ଦାରୁଣ ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗୁଥିବାର କହିଥିଲେ । ପ୍ରତି ୫ ଜଣରୁ ଜଣେ ଅର୍ଥାତ୍ ୨୦ ପ୍ରତିଶତ ମହିଳା ପ୍ରତିଦିନ ଅଣ୍ଟାବିନ୍ଧା ଯନ୍ତ୍ରଣାର ଶିକାର ହେଉଥିବା କହିଥିଲେ । ୩ ଭାଗରୁ ଏକ ଭାଗ ମହିଳା ଅଳ୍ପ କେତେ ଦିନ ବ୍ୟବଧାନରେ ଅଣ୍ଟାବିନ୍ଧା ଯନ୍ତ୍ରଣା ଭୋଗ କରୁଥିବାବେଳେ ୪ ଭାଗରୁ ଏକ ଭାଗ ମହିଳା ପ୍ରତି ସପ୍ତାହରେ ଥରେ ପିଠି ଯନ୍ତ୍ରଣା ଅନୁଭବ କରିଥାନ୍ତି ବୋଲି କହିଥିଲେ । ତେବେ ଅଂଶଗ୍ରହଣ କାରୀଙ୍କ ଯନ୍ତ୍ରଣା ଯୋଗୁ ସହଜରେ ଚାଲି ପାରନ୍ତି ନାହିଁ ବୋଲି ମତ ଦେଇଥିଲେ । ଅଣ୍ଟାବିନ୍ଧା ଏଭଳି ଏକ ରୋଗ ଯାହା ଇଣ୍ଟନେଟ୍ ବ୍ୟବହାରକାରୀଙ୍କ ଜୀବନରେ ଅନେକ ଅସୁବିଧା ସୃଷ୍ଟି କରିଥାଏ । ଅଣ୍ଟାବିନ୍ଧାରେ ପୀଡିତ ବ୍ୟକ୍ତି ନିଜର ଦୈନନ୍ଦିନ କାର୍ଯ୍ୟକୁ ସଠିକ ଭାବରେ ସମ୍ପାଦନ କରିପାରନ୍ତି ନାହିଁ ଯାହି ଫଳରେ ସେମାନଙ୍କ ସାମାଜିକ ଜୀବନ କ୍ଷତିଗ୍ରସ୍ତ ହୁଏ ବୋଲି ଫିଜିଓ ଥେରାପିଷ୍ଟ ସ୍ୟାମି ମାର୍ଗୋ କହିଛନ୍ତି ।





# ଟ୍ରେନ୍ ହର୍ନ

ଆପଣ ଜାଣନ୍ତି କି, ଟ୍ରେନ୍‌ରେ ଅନ୍ୟ ଗାଡ଼ି ଭଳି ମନ ଇଚ୍ଛା ହର୍ନ ବଜାଯାଇ ନଥାଏ । ଏଥିରେ ସ୍ଥାନ, ପରିସ୍ଥିତି ଏବଂ ସମୟ ଆଦିକୁ ଦେଖି କେତେକ ନିର୍ଦ୍ଦିଷ୍ଟ ପ୍ରକାରର ହର୍ନ ବ୍ୟବହାର କରାଯାଇଥାଏ । ଆସନ୍ତୁ ଜାଣିବା ଭାରତୀୟ ରେଳରେ ବ୍ୟବହାର ହେଉଥିବା ବିଭିନ୍ନ ହର୍ନ ଏବଂ ଏହାର ଅର୍ଥ ସମ୍ପର୍କରେ...

- ♦ଗୋଟିଏ ଛୋଟ ହର୍ନ ବାଜିବାର ଅର୍ଥ ହେଉଛି ଟ୍ରେନ୍ ସଫା ହେବାଲାଗି ଯାଉଛି ।
- ♦ଟ୍ରେନ୍ ଷ୍ଟାର୍ଟ ହେବା ପୂର୍ବରୁ ଗାର୍ଡଙ୍କ ସିଗ୍ନାଲ୍ ଦେବା ଲାଗି ସୂଚାଇ ଦେବାକୁ ଚାଳକ ଦୁଇଟି ଛୋଟ ହର୍ନ ଦେଇଥାନ୍ତି।
- ♦କୌଣସି କାରଣ ବଶତଃ ଟ୍ରେନ୍ ନିୟନ୍ତ୍ରଣ ହରାଇଲେ ଏହାକୁ ରୋକିବା କିମ୍ବା ବ୍ରେକ୍ କରିବାରେ ଗାର୍ଡଙ୍କ ସାହାଯ୍ୟ ଦରକାର ବୋଲି ସୂଚାଇ ଦେବାକୁ ଚାଳକ ତିନୋଟି ଛୋଟ ହର୍ନ ଦିଅନ୍ତୁ ।
- ♦ଯେତେବେଳେ ୪ଟି ଛୋଟ ହର୍ନ ଶୁଣିବାକୁ ମିଳେ, ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ, ଦୁର୍ଘଟଣା, ଯାନ୍ତ୍ରିକ ତ୍ରିଟି କିମ୍ବା ଅନ୍ୟ କୌଣସି କାରଣରୁ ଟ୍ରେନ୍ ଚଳାଚଳ ବନ୍ଦ କରାଯାଇଛି ।
- ♦ଷ୍ଟେଶନ୍‌ରୁ କ୍ଲିୟର ସିଗ୍ନାଲ ପାଇ ଟ୍ରେନ୍ ଛାଡ଼ିବା ପରେ ଚାଳକ ଗୋଟିଏ ଲମ୍ବା ହର୍ନ ଦେଇଥାନ୍ତି ।
- ♦ଯେତେବେଳେ ଟ୍ରେନ୍ ଷ୍ଟାର୍ଟ କରିବା ଲାଗି ଗାର୍ଡ ମେନ୍ ଲାଇନ୍ କ୍ଲିୟର ଅଛଇ କି ନାହିଁ ସୁନିଶ୍ଚିତ କରନ୍ତି ଏବଂ ବ୍ରେକ୍ ଛାଡ଼ିଦିଅନ୍ତି ଚାଳକ ଗୋଟିଏ ଲମ୍ବା ପରେ ଗୋଟିଏ ଛୋଟ ହର୍ନ ବଜାଇଥାନ୍ତି ।
- ♦ଗୋଟିଏ ଅଧିକ ଲମ୍ବା ହର୍ନ ଲେଭ୍ଲ୍ କ୍ରସିଂ ପାର କରିବା, ଟନେଲ୍ ମଧରେ ଯିବା କିମ୍ବା କୌଣସି ଷ୍ଟେଶନ୍‌ରେ ନ ଅଟକିବା ଆଦି ଭଳି କେତୋଟି ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବହାର କରାଯାଇଥାଏ ।
- ♦ଟ୍ରେନ୍‌ର ଚେନ୍ ଟଣା ହେଲେ ତୁରନ୍ତ ଭାକ୍ୟୁମ୍ ବ୍ରେକ୍ ଲଗାଇବା ଲାଗି ଗାର୍ଡକୁ ସୂଚନା ଦେବାକୁ ଚାଳକ ଗୋଟିଏ ଲମ୍ବା ହର୍ନ ପରେ ଦୁଇଟି ଛୋଟ ହର୍ନ ବଜାଇଥାନ୍ତି ।
- ♦ଆଉ ଯେତେବେଳେ ଚାଳକ କୌଣସି ଆଗାମୀ ବିପଦର ଆଶଙ୍କା କରନ୍ତି କିମ୍ବା ଭୁଲ୍ ଟ୍ରାକ୍‌ରେ ଚାଲିଯାଆନ୍ତି ୬ଟି ଛୋଟି ହର୍ନ ବଜାଇଥାନ୍ତି ।

## ଦୃଷ୍ଟି ଶକ୍ତି ହ୍ରାସ କରିପାରେ ଅବସାଦ

ଜଞ୍ଜାଳମୟ ଜୀବନ ଯୋଗୁ ବୃଦ୍ଧି ପାଉଥିବା ଅବସାଦ ଦୃଷ୍ଟିଶକ୍ତି ହ୍ରାସର କାରଣ ସାଜିପାରେ । ଏକ ସଦ୍ୟ ଗବେଷଣାରୁ ଏହା ଜଣାପଡ଼ିଛି । ମନୋବୈଜ୍ଞାନିକଙ୍କ ଅନୁସାରେ, ଅବସାଦ ନିଜ ସହ ଗ୍ଲୁକୋମା, ଡାଏବିଟିକ ଭିଜନ୍ ଲସ୍ ଏବଂ ଆହୁରି ଅନେକ ପ୍ରକାରର ଚକ୍ଷୁ ସମ୍ବନ୍ଧୀୟ ରୋଗକୁ ଜନ୍ମ ଦେଇଥାଏ । ପ୍ରକୃତରେ ଆଖିରେ ଥିବା ଶିରା, ବ୍ଲଡ୍ ସେଲ୍ସ ଏବଂ ମସ୍ତିଷ୍କ ଉଭୟ କାର୍ଟିସୋଲ ନାମକ ହର୍ମୋନ ଦ୍ୱାରା ପ୍ରଭାବିତ ହୋଇଥାଏ । ଏହା ଏକ ଷ୍ଟ୍ରେସ୍ ହର୍ମୋନ, ଯାହା ଆଖିର ରଶ୍ମିକୁ ଧୀରେ ଧୀରେ ହ୍ରାସ କରିଦିଏ । ଗବେଷଣାରୁ ଆହୁରି ମଧ ଜଣାପଡ଼ିଛି, ଅବସାଦ କମ୍ ହେବା ଦ୍ୱାରା ଦୃଷ୍ଟିଶକ୍ତି କିଛି ମାତ୍ରାରେ ଫେରି ଆସିଥାଏ । ଅବସାଦ ବଢ଼ିଲେ ଆଖି ଉପରେ ବିଶେଷ ପ୍ରଭାବ ପଡ଼ିଥାଏ ।ଯଦ୍ଦ୍ୱରା ବ୍ଲଡ୍ ସେଲ୍ସ ଖରାପ ହୋଇଯାଏ ।

## ଉଡ଼ନ୍ତା ରୋବର୍ଟ



ପକ୍ଷୀରୁ ପ୍ରେରିତ ହୋଇ ବୈଜ୍ଞାନିକ ମାନେ ପ୍ରସ୍ତୁତ କରିଛନ୍ତି ଦୁନିଆର ପ୍ରଥମ ଉଡ଼ନ୍ତା ରୋବର୍ଟ । ଏହି ସ୍ୱତନ୍ତ୍ର ରୋବର୍ଟ ଉଡୁଥିବା ସମୟରେ ନିଜର ଆକାର ମଧ୍ୟ ବଦଳାଇ ପାରିବ । ସ୍ଥାନ ଅନୁସାରେ ଏହାର ଡେଣାକୁ ଚାଳନଜକ୍ର ସହ ଯୋଡ଼ା ଯାଇଛି, ଯାହାକି ଏହାକୁ ହେଲିକପ୍ଟର ଭଳି ଉଡାଣ ଭରିବାରେ ସାହାଯ୍ୟ କରିବ । ଏହି ପଦ୍ଧତି ସମ୍ବନ୍ଧରେ 'ସଫ୍ଟ ରୋବୋଟିକ୍ସ' ନାମକ ପତ୍ରିକାରେ ବିସ୍ତାରରେ ପ୍ରକାଶ କରାଯାଇଛି । ଭବିଷ୍ୟତରେ ଏହି ରୋବର୍ଟ ଜରିଆରେ ଅନୁସନ୍ଧାନ ଅଭିଯାନ ଓ ଉଦ୍ଧାର କାର୍ଯ୍ୟରେ ସାହଯ୍ୟ ମିଳିବ ବୋଲି ଆଶା କରାଯାଉଛି । ଫ୍ରାନ୍ସ ସ୍ଥିତ ନ୍ୟାସନାଲ୍ ଡେରା ରିସର୍ଚ୍ଚ ଏଭଳି ଖାସ୍ ବିଶେଷତ୍ୱ ସହ ଏହି ରୋବୋର୍ଟକୁ ପ୍ରସ୍ତୁତ କରିଛନ୍ତି ।

# ଠିକ୍ ସମୟରେ ନ ଖାଇଲେ

ପାଠପଢ଼ା, ଜବ୍ ହେଉ କିମ୍ବା ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ଭିତରେ ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକଙ୍କର ଖାଇବାର ସମୟ ଠିକ୍ ରହୁ ନଥିବା ଦେଖିବାକୁ ମିଳୁଛି । ପରବର୍ତ୍ତୀ ସମୟରେ ସେମାନଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି । ତେଣୁ ସୁସ୍ଥ ରହିବା ଲାଗି କେଉଁ ସମୟରେ ଖାଇବା ଆବଶ୍ୟକ ଜାଣି ରଖନ୍ତୁ ସେ ସମ୍ପର୍କରେ....

- ସକାଳର ଜଳଖିଆ ଅଧିକାଂଶ ମିସ୍ କରିଥାନ୍ତି । ହେଲେ ଏହା ହିଁ ସାରା ଦିନ ଶରୀରକୁ ଶକ୍ତି ଯୋଗାଇଥାଏ ଏବଂ କାର୍ଯ୍ୟକ୍ଷମତା ବଢ଼ାଇବାରେ ସାହାଯ୍ୟ କରିଥାଏ । ତେଣୁ ପ୍ରତିଦିନ ସକାଳ ୯ ଟା ପୂର୍ବରୁ ଜଳଖିଆ ନିଶ୍ଚିତ ଭାବେ ଖାଆନ୍ତୁ । ମନେ ରଖନ୍ତୁ ଏଥିରେ ଫାଷ୍ଟ ଫୁଡ୍ କିମ୍ବା ତେଲ ମସଲାଯୁକ୍ତ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ । ଭିଟାମିନ୍ ଏ ଯୁକ୍ତ ଫଳକୁ ଜଳଖିଆ ତାଲିକାରେ ସାମିଲ କରନ୍ତୁ ଉପକୃତ ହେବେ ।
- କେବଳ ବ୍ରେକ୍ କାହିଁକି ମଧ୍ୟାହ୍ନ ଭୋଜନ ହେଉ କିମ୍ବା ରାତ୍ର ଭୋଜନ ମଧ ସର୍ବଦା ଯଥା ସମୟରେ କରିବା ଆବଶ୍ୟକ । ହେଲେ ଅନେକ ଯୁବତୀଯୁବକ ଏଥିପ୍ରତି ଗୁରୁତ୍ୱ ଦେଇ ନଥାନ୍ତି । ଫଳରେ ମସ୍ତିଷ୍କ ବା ବ୍ରେନ୍‌କୁ ପର୍ଯ୍ୟାପ୍ତ ମାତ୍ରାରେ ଗ୍ଲୁକୋଜ ପହଞ୍ଚି ପାରେନି । ଫଳରେ ହାଲିଆ ଲାଗିବା, କାର୍ଯ୍ୟଦକ୍ଷତା ହ୍ରାସ ପାଇବା ସହ ଭ୍ରମ ଆଦି ବିଭିନ୍ନ ସମସ୍ୟା ଦେଖା ଦେଇଥାଏ ।
- ସେହିପରି ନିର୍ଦ୍ଦିଷ୍ଟ ସମୟରେ ନ ଖାଇ ବିଳମ୍ବରେ ଖାଇବାଦ୍ୱାରା ଶରୀରରେ ଅଧିକ କ୍ୟାଲୋରୀ ଜମା ହୋଇଥାଏ । କାରଣ ଅଧିକ ଭୋକ ସମୟରେ ଆବଶ୍ୟକତାରୁ ବେଶୀ ଖାଇ ହୋଇଯାଏ, ଯାହାକି ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ ।
- ଠିକ୍ ସମୟରେ ଖାଇବାଦ୍ୱାରା ଶରୀରରେ ଆବଶ୍ୟକ ମାତ୍ରାରେ ଇନ୍‌ସୁଲିନ୍ ପ୍ରସ୍ତୁତ ହୋଇଥାଏ, ଯାହାକି ରକ୍ତରେ ଗ୍ଲୁକୋଜ ବା ସର୍କରା ପରିମାଣ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ । ହେଲେ ଖାଇବା ସମୟ ଅଧିକ ବିଳମ୍ବ ହେଲେ କିମ୍ବା କୌଣସି ସମୟର ଖାଦ୍ୟ ନ ଖାଇଲେ ଉଭୟ ଇନ୍‌ସୁଲିନ୍ ଏବଂ ଗ୍ଲୁକୋଜ ସ୍ତରକୁ ପ୍ରଭାବିତ କରିଥାଏ । ଏମିତିକି ଡାଇବେଟିସ୍ ସମସ୍ୟା ଥିଲେ ହଠାତ୍ ଏସବୁର ମାତ୍ରା ହ୍ରାସ ପାଇବା ଦ୍ୱାରା ଷ୍ଟ୍ରୋକ୍‌ର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।
- ଖାଦ୍ୟ ସ୍କିପ୍ କରିବା ମଧ ହାଇ ବ୍ଲଡ୍ ପ୍ରେସର ସମସ୍ୟାର କାରଣ ସାଜିଥାଏ । କେବଳ ଏତିକି ନୁହେଁ ଏଥିପାଇଁ ମୁଣ୍ଡ ବିନ୍ଧା, ହାଲିଆ ଲାଗିବା ଏମିତିକି କାହାଠାରେ ଚେତାଶୂନ୍ୟ ହେବା ଭଳି ସମସ୍ୟା ବି ସୃଷ୍ଟି କରିଥାଏ ।



- ଯଥା ସମୟରେ ନ ଖାଇବା ଦ୍ୱାରା ଗ୍ୟାସ୍, ଏସିଡ୍, ପେଟ ଯନ୍ତ୍ରଣା ଏବଂ ଷ୍ଟୋମାକ୍ ଅଲସର୍ ଭଳି ସମସ୍ୟା ବି ଦେଖାଦେବାର ଆଶଙ୍କା ରହିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ଜୀବନଶୈଳୀର ପରିବର୍ତ୍ତନ ଆବଶ୍ୟକ...

ଅନ୍ତତଃ ଆସନ୍ତା ବର୍ଷେ ପର୍ଯ୍ୟନ୍ତ ହାତପାହାନ୍ତାରେ ସମସ୍ତଙ୍କ ପାଇଁ ଟିକା ମିଳିବାର ସମ୍ଭାବନା ନାହିଁ । ହର୍ଡ ଇମ୍ୟୁନିଟି ଜରିଆରେ କରୋନା ସଂକ୍ରମଣକୁ ପ୍ରତିହତ କରିବାର ଆଶା ମଧ ନାହିଁ- ସେରୋଲଜିକାଲ ରିପୋର୍ଟରୁ ଆପାତତଃ ଏହି ସୂଚନା ମିଳିଛି । ତେଣୁ ଲୋକଙ୍କ ସୁରକ୍ଷା ଏବେ ସେମାନଙ୍କ ହାତରେ । ଅର୍ଥାତ୍ କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ପ୍ରାକୃତିକ ରୋଗ ପ୍ରତିରୋଧକ ଶକ୍ତି ହିଁ ସର୍ବୋତ୍ତମ ବିକଳ୍ପ । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ମଧ ଏହି ମର୍ମରେ କେତେକ ପରାମର୍ଶ ଦେଇଛି । ଏହି ପରାମର୍ଶ ଭିତରେ ସିଗାରେଟ୍ ବା ଧୂମପାନ ଓ ସାଇକେଲ ଗୁରୁତ୍ୱ ଲାଭ କରିଛି । କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସଆଇସି) ଦ୍ୱାରା ପ୍ରସ୍ତୁତ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ଜାରି ହୋଇଥିବା ଏହି ମାର୍ଗଦର୍ଶିକାରେ କୁହାଯାଇଛି ଯେ, କୋଭିଡ-୧୯ ସଂକ୍ରମଣକୁ ପ୍ରତିହତ କରିବାକୁ ହେଲେ କର୍ମସଂସ୍କୃତି ଓ ଜୀବନ ଶୈଳୀରେ ଆବଶ୍ୟକ ସଂଶୋଧନ ଆବଶ୍ୟକ । କାର୍ଯ୍ୟାଳୟଗୁଡ଼ିକରେ ଯଥାସମ୍ଭବ ସେଣ୍ଟ୍ରାଲ ଏସି (କେନ୍ଦ୍ରୀୟ ବାତାନୁକୂଳିତ) ବ୍ୟବସ୍ଥାକୁ ବନ୍ଦ କରିବା, କର୍ମଚାରୀଙ୍କ ଟେବୁଲକୁ କାଚ କିମ୍ବା କାର୍ଡବୋର୍ଡ ଦ୍ୱାରା ପରସ୍ପରଠାରୁ ଅଲଗା କରିବା, ସିଗାରେଟ ବ୍ରେକ୍ (ଧୂମପାନ ବିରତି) ବାତିଲ କରିବା ଆବଶ୍ୟକ । ସର୍ବୋପରି କର୍ମଚାରୀମାନଙ୍କ କାର୍ଯ୍ୟାଳୟ ଆସିବା ପାଇଁ ସାଇକଲ ବ୍ୟବହାର କରିବା ଉପରେ ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଛି । ସବୁ କର୍ମଚାରୀ ଯେପରି ସ୍ୱାସ୍ଥ୍ୟ ବୀମାଭୁକ୍ତ ହୋଇପାରିବେ, ସମସ୍ତଙ୍କୁ ଚିକିତ୍ସା ସେବା ଉପଲବ୍ଧ କରାଯାଇ ପାରିବ, ଅସୁସ୍ଥତା ଜନିତ ଛୁଟିପାଇଁ ଅନୁମତି ଦିଆଯିବ ସେ ସବୁ ନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି ।

ଏସବୁ ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସାଇକଲ ଓ ସିଗାରେଟ । କର୍ମଚାରୀମାନେ ଘରୁ କାର୍ଯ୍ୟାଳୟ ଆସିବା ପାଇଁ ସାଇକଲ ବ୍ୟବହାର କରିବାକୁ ଦିଆଯାଇଥିବା ଉପଦେଶ ପଛରେ ଦୁଇଟି କାରଣ ରହିଛି । ପ୍ରଥମତଃ ଯେଉଁମାନେ ବ୍ୟକ୍ତିଗତ ଗାଡ଼ି ବ୍ୟବହାର କରିବା ସ୍ଥିତିରେ ନାହାନ୍ତି ସେମାନେ ସାଧାରଣତଃ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଯାତ୍ରୀ ପରିବହନ ମାଧ୍ୟମ ଯଥା- ବସ୍ ଓ ଅଟୋ ଆଦି ଉପରେ ନିର୍ଭର କରିଆସୁଛନ୍ତି । ଏହାଦ୍ୱାରା ସଂକ୍ରମଣ ଆଶଙ୍କା କରିବାକୁ ପସନ୍ଦ କରୁନାହାନ୍ତି । ବର୍ତ୍ତମାନ ପରିସ୍ଥିତିରେ ସ୍ୱାସ୍ଥ୍ୟ ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଅଧିକରୁ ଅଧିକ ସାଇକଲ ବ୍ୟବହାର କରିବା ଉଚିତ ବୋଲି କୁହାଯାଉଛି । ଦ୍ୱିତୀୟତଃ ଅଧୁନା ଅନେକ ଲୋକ କାର୍ଯ୍ୟବ୍ୟସ୍ତତା ହେଉ କିମ୍ବା ଅନ୍ୟ କିଛି କାରଣ, ଶାରୀରିକ ଶ୍ରମରୁ ଦୂରେଇ ରହିବାକୁ ପସନ୍ଦ କରୁଛନ୍ତି । ଏହାଦ୍ୱାରା ରୋଗ ସଂକ୍ରମଣ ଆଶଙ୍କା ଅଧିକ ରହିଛି । ତେଣୁ ଯାତାୟତ ପାଇଁ ସାଇକଲ ବ୍ୟବହାରକୁ ଗୁରୁତ୍ୱ ଦେଲେ ଏକାସଙ୍ଗରେ ଦୁଇଦୁଇଟି ଉପକାର ମିଳିବ । ସେହିପରି ସିଗାରେଟ ସାମାଜିକ ସ୍ମୋକ୍ ବା ଧୂମପାନ ବାହାନାରେ ଲୋକମାନେ ଏକାଠି ହୋଇ ଅନେକ ସମୟରେ ସାମାଜିକ ଦୂରତ୍ୱ ବଜାୟ ରଖିବାରେ ଅବହେଳା କରୁଥିବା ଦେଖାଯାଉଛି । ତେଣୁ ଅନ୍ତତଃ କାର୍ଯ୍ୟାଳୟ ପରିସରରେ କିମ୍ବା କାର୍ଯ୍ୟ ଅବଧି ଭିତରେ ସିଗାରେଟ୍ ବ୍ରେକକୁ ନିରୁତ୍ସାହିତ କରିବା ଉଚିତ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି । ଧୂମପାନରୁ ନିବୃତ୍ତ ରଖିବାର ପରାମର୍ଶ ପଛରେ ଥିବା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ ହେଲା- ଲୋକମାଙ୍କୁ ତମାଖୁସେବନ ଓ ଧୂମପାନ ଜନିତ ରୋଗରୁ ସୁରକ୍ଷା ଦେବା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଦ୍ୱାରା ଗତ ଏପ୍ରିଲ ମାସରେ କରାଯାଇଥିବା ଏକ ସମୀକ୍ଷାର ରିପୋର୍ଟ ଅନୁଯାୟୀ ଧୂମପାନ କରୁଥିବା ବ୍ୟକ୍ତିମାନେ ତୁଳନାତ୍ମକ ଭାବେ କୋଭିଡ-୧୯ ସଂକ୍ରମିତ ହେବାର ଆଶଙ୍କା ଅଧିକ । କାରଣ ଧୂମପାନ ଓ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କ ଫୁସ୍‌ଫୁସ୍ ଓ ଶ୍ୱାସନଳୀ ଦୁର୍ବଳ ହୋଇଯାଉଥିବରୁ କୋଭିଡ-୧୯ ଭୂତାଣୁ ଶୀଘ୍ର ଓ ସହଜରେ କ୍ଷତିକରେ । ଏହାଛଡ଼ା ଏମାନଙ୍କ ମଧ୍ୟରୁ ଅଧିକାଂଶ ହୃଦ୍‌ଘାତ, ଯକ୍ଷ୍ମା, କର୍କଟ, ମଧୁମେହ ଆଦି ଅଣସଂକ୍ରମିତ ରୋଗରେ ଆକ୍ରାନ୍ତ ହେଉଥିବା ଜଣାଯାଉଛି । କୋଭିଡ-୧୯ ସଂକ୍ରମିତଙ୍କ ମଧ୍ୟରୁ ଉପରୋକ୍ତ ରୋଗାକ୍ରାନ୍ତମାନଙ୍କ ମୃତ୍ୟୁ ଅନୁପାତ ସର୍ବାଧିକ ଏହା ମଧ ପ୍ରମାଣିତ ହୋଇସାରିଛି । ଇତି ମଧ୍ୟରେ କରୋନା ଓ ଲକ୍‌ଡାଉନ ଜନିତ ଜୀବନ-ଜୀବିକା ଆଶଙ୍କା ଲୋକମାନଙ୍କୁ ଅଧିକରୁ ଅଧିକ ଆତଙ୍କିତ ଓ ଉଦ୍‌ବିଗ୍ନ କରିଛି । ମାନସିକ ଚାପରୁ ଉଦ୍ଧାର ପାଇବା ପାଇଁ ଲୋକମାନେ ଅଧିକରୁ ଅଧିକ ଧୂମପାନ ପ୍ରତି ଆକୃଷ୍ଟ ହେଉଛନ୍ତି । ଏହା ସେମାନଙ୍କ ଶରୀର ପ୍ରତି କରୋନା ସଂକ୍ରମଣର ଆଶଙ୍କାକୁ ଆହୁରି ବୃଦ୍ଧି କରୁଛି । ଏବେ ସମୟ ଆସିଛି ରାଜସ୍ୱ ତୁଳନାରେ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନକୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ । ଜନସାଧାରଣ ସୁସ୍ଥ ଓ ନିରୋଗ ରହିଲେ ରାଜକୋଷ ବ୍ୟୟଭାର କମ୍ ହେବ ଓ ଅର୍ଥନୀତି ସମୃଦ୍ଧ ହେବ ।

# ମିଶନାରୀଙ୍କ ଟାର୍ଗେଟରେ ଦଳିତ ଆଦିବାସୀ

**ଗୋପାଳ ମହାପାତ୍ର**



ଧର୍ମାନ୍ତରଣରେ ଲିପ୍ତ ୧୩ଟି ବେସରକାରୀ ସଂଗଠନ (ଏନ୍‌ଜିଓ)ର ବିଦେଶୀ ଫଣ୍ଡିଙ୍ଗ୍ ଲାଇସେନ୍ସ ବାତିଲ କରାଯିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ନିଷ୍ପତ୍ତି ନେଇଛି । ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନ ସାଂସଦ ସୟ ସେଠ୍ ମଧ ସଂସଦରେ ଝାଡ଼ଖଣ୍ଡରେ ଆଦିବାସୀମାନଙ୍କୁ ଧର୍ମାନ୍ତରିତ କରାଯାଉଛି ବୋଲି କଥା ଉଠାଇଥିଲେ । ଏସବୁରୁ ସ୍ପଷ୍ଟ ଯେ ଖ୍ରୀଷ୍ଟିଆନ୍ ମିଶନାରୀମାନେ କିପରି ବେପରୁଆ ଭାବରେ କାର୍ଯ୍ୟକରି ଚାଲିଛନ୍ତି । ଖ୍ରୀଷ୍ଟିଆନ ମିଶନାରୀ ହିଁ ଭାରତ ବର୍ଷରେ ଧର୍ମାନ୍ତରଣର ଅଗ୍ରଦୂତ ପାଲଟିଛି । ପର୍ତ୍ତୁଗାଲମାନେ ଯେତେବେଳେ ଭାରତ ବର୍ଷକୁ ଆସିଥିଲେ ସେତେବେଳେ ତାଙ୍କ ସହ ଖ୍ରୀଷ୍ଟଧର୍ମର ପ୍ରଚାରକ ଫ୍ରନସିସ୍ ଜାଭିଅର ଭାରତ ଆସିଥିଲେ । ତାଙ୍କ ମତ ଥିଲା ଯେ ବ୍ରାହ୍ମଣମାନେ ଶୈତାନୀ ଭୁତମାନଙ୍କ ସହ ସମ୍ପର୍କ ରଖି ହିନ୍ଦୁମାନଙ୍କ ଉପରେ ପ୍ରଭାବ ବିସ୍ତାର କରୁଛନ୍ତି, ଏଣୁ ହିନ୍ଦୁମାନଙ୍କୁ ଖ୍ରୀଷ୍ଟତତ୍ତ୍ୱରେ ପ୍ରଭାବିତ କରିବାକୁ ହେଲେ ପ୍ରଥମେ ବ୍ରାହ୍ମଣମାନଙ୍କୁ ପ୍ରଭାବ ହୀନ କରିବାକୁ ପଡ଼ିବ । ଜାଭିଅର ମଧ ବଳପୂର୍ବକ ଧର୍ମାନ୍ତରଣକୁ ପ୍ରାଥମିକତା ଦେଉଥିଲେ । କିନ୍ତୁ ସେତେବେଳର ପର୍ତ୍ତୁଗାଲ ଔପନିବେଶିକ ଶାସକ ତାଙ୍କୁ ଅଧିକ ଭାବେ ସହଯୋଗ କରିନଥିଲେ । ତଥାପି ମଧ ଜାଭିଅର ଗୋଆରେ ତାଙ୍କ ଆଧିପତ୍ୟ ଜାହିର କରିବାରେ ସକ୍ଷମ ହୋଇଥିଲେ । ଜାଭିଅର ଲେଖିଥିବା ପୁସ୍ତକମାନଙ୍କରେ ସ୍ପଷ୍ଟ ଭାବରେ ହିନ୍ଦୁ ଦେବାଦେବୀଙ୍କ ମନ୍ଦିର ଭାଙ୍ଗିଥିବା ଓ ଏଥିଯୋଗୁଁ ତାଙ୍କୁ ଖୁସି ମିଳିଥିବା ଉଲ୍ଲେଖ କରିଛନ୍ତି । ଜାଭିଅରଙ୍କ ପ୍ରଥମ ଟାର୍ଗେଟରେ ଥିଲେ ବ୍ରାହ୍ମଣମାନେ । ଏଇଥିପାଇଁ ପର୍ତ୍ତୁଗାଲ ଶାସକମାନଙ୍କ ସହ ସନ୍ଧି କଲାବେଳେ ହିନ୍ଦୁ ରାଜାମାନେ ବ୍ରାହ୍ମଣଙ୍କୁ ପ୍ରତାଡ଼ନା ନକରିବା ପାଇଁ ସର୍ତ୍ତ ରଖୁଥିଲେ । କିନ୍ତୁ ଖ୍ରୀଷ୍ଟିଆନ ମିଶନାରୀମାନଙ୍କର ବ୍ରାହ୍ମଣ ବିରୋଧି ନୀତି କମୁନଥିଲା । ସେମାନେ ବୈଚାରିକ ଭାବେ ବ୍ରାହ୍ମଣ ବିରୋଧି ଥିଲେ । ଏହାର ଦୁଃପ୍ରଭାବ ଏବେ ବି ମଧ ରହିଛି ଓ ଆହୁରି ବଢ଼ିଯାଇଛି । ଖ୍ରୀଷ୍ଟିଆନ ମିଶନାରୀମାନେ ନିରନ୍ତର ପ୍ରଚାର କରି ସାଧାରଣ ଭାରତୀୟଙ୍କ ମନରେ ବିଷ ମି ବୁଣିଦେବାରେ ଲାଗିଛନ୍ତି । ଏବେ ଏପରି ଅବସ୍ଥା ସୃଷ୍ଟି ହେଲାଣି ଯେ ରାଜନୀତିକୁ ମଧ ହିନ୍ଦୁଙ୍କ ସ୍ୱାର୍ଥ ବିରୁଦ୍ଧରେ ବ୍ୟବହାର କରାଯାଉଛି । କଥିତ ଧର୍ମନିରପେକ୍ଷ (ସେକୁଲାର) ମାର୍କ୍ସବାଦୀ, ଇସଲାମୀ ଏବଂ କିଛି ଆଞ୍ଚଳିକ ଦଳମାନେ ଯେଭଳି ବ୍ରାହ୍ମଣ ବିରୋଧି କଥା କହୁଛନ୍ତି ତାର ପ୍ରାରମ୍ଭ ହିଁ ମିଶନାରୀମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଡ଼କ୍ଟର କୁନରାଡ଼ ଏଲର୍ଟ ଲେଖିଛନ୍ତି ଯେ ବିଶ୍ୱ ଇତିହାସରେ ଇହୁଦି ବିରୋଧି ଅଭିଯାନ ଠାରୁ ବଡ଼ ଅଭିଯାନ ହେଉଛି ମିଶନାରୀମାନଙ୍କର ବ୍ରାହ୍ମଣ ବିରୋଧି ଅଭିଯାନ ।

ଯେତେ ସବୁ ମିଶନାରୀ ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ କାମ କରୁଛନ୍ତି ସେ ସମସ୍ତେ ବ୍ରାହ୍ମଣ ବିରୋଧି । ସେମାନଙ୍କ ମଧ୍ୟରେ କେବଳ ପ୍ରକ୍ରିୟା ବା କାର୍ଯ୍ୟପ୍ରଣାଳୀକୁ ନେଇ ମତଭେଦ ରହିଛି । ରବର୍ଟ ଦେ ନୋବିଲିଙ୍କ ମତରେ ବଳପ୍ରୟୋଗ ପରିବର୍ତ୍ତେ ଲୋକଙ୍କୁ ଧୋକା ଦେଇ ମିଛ କହି ଧର୍ମାନ୍ତରଣ କରାଯିବା ହେଉଛି ଉତ୍ତମ ପନ୍ଥା । ରବର୍ଟ ନିଜକୁ ରୋମାନ୍ ବ୍ରାହ୍ମଣ ବୋଲି ପରିଚୟ ଦେବା ସହିତ ଯେଶୁର୍ବେଦ ଅର୍ଥାତ୍ ଯିଶସବେଦ୍‌କୁ ପଞ୍ଚମ ବେଦ ବୋଲି କହୁଥିଲେ । ଏହା ନିଶ୍ଚୟ ଧୋକା । କିନ୍ତୁ ଏବେବି କିଛି ମିଶନାରୀ ଏଭଳି କଥା କହି ଧର୍ମାନ୍ତରଣ କରୁଛନ୍ତି । ହିନ୍ଦୁମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ, ହିନ୍ଦୁ ଦେବା ଦେବୀଙ୍କ ବାବଦରେ ଭୁଲ କଥା କହି ହିନ୍ଦୁମାନଙ୍କୁ ଫସାଇ ଖ୍ରୀଷ୍ଟିଆନ ଧର୍ମରେ ଦିକ୍ଷିତ କରାଇବା କାର୍ଯ୍ୟ ଚାଲିଛି । ନୋବିଲିଙ୍କ କଳ୍ପନା ଥିଲା ଯେ କୌଣସି ପ୍ରକାରେ ଯଦି ବ୍ରାହ୍ମଣମାନଙ୍କୁ ଧର୍ମାନ୍ତରିତ କରାଯାଇପାରିବ ତେବେ ସାଧାରଣ ହିନ୍ଦୁମାନଙ୍କୁ ଖ୍ରୀଷ୍ଟଧର୍ମରେ ଦିକ୍ଷିତ କରାଇବା ସହଜ ହୋଇପାରିବ । ଚୀନ, ଜାପାନ, କୋରିଆରେ ମିଶନାରୀମାନଙ୍କର ଏହି ଫର୍ମୁଲା ବା ସୂତ୍ର କିଛି ମାତ୍ରାରେ ସଫଳ ହୋଇଥିଲା । ପ୍ରାରମ୍ଭରେ ମିଶନାରୀମାନେ ନିମ୍ନବର୍ଗଙ୍କୁ ଗୁରୁତ୍ୱ ଦେଉନଥିଲେ କାରଣ ୟୁରୋପରେ ସମାନତାର କିଛି ମୂଲ୍ୟ ନଥିଲା । ସେଣ୍ଟପଲ ଦାସତ୍ୱ ପ୍ରଥାର ସମର୍ଥକ ଥିଲେ । ପୋପ ଗ୍ରିଗୋରୀ ଥିଲେ ଜାତି ପ୍ରଥାର ପ୍ରଚଣ୍ଡ ସମର୍ଥକ । ୧୮-୧୯ଶ ଶତାବ୍ଦି ପର୍ଯ୍ୟନ୍ତ ଚର୍ଚ୍ଚଗୁଡ଼ିକରେ ଜାତିଭେଦ ପ୍ରଥା ଥିଲା ଓ ସମାନତା ପ୍ରସଙ୍ଗକୁ ବିରୋଧ କରାଯାଉଥିଲା । ଯେତେବେଳେ ଦେଢ଼ଶହ ବର୍ଷ ପୂର୍ବରୁ ବିଶ୍ୱରେ ସମାଜବାଦୀ ହାୱା ବୋହିଲା ସେତେବେଳେ ଚର୍ଚ୍ଚର ଆଇନ ବଦଳିଲା ଓ ଜାତିଭେଦ କଥା ଉଠାଇଦିଆଗଲା । ଏପରିକି ଚର୍ଚ୍ଚଗୁଡ଼ିକ ନିଜକୁ ଶୋଷିତ ପୀଡିତଙ୍କ ସମର୍ଥକ ବୋଲି କହିବାରେ ଲାଗିଲେ ।

ମିଶନାରୀମାନେ ଭାରତ ବର୍ଷକୁ ଆସିବା ପରେ ଅନେକ ବର୍ଷ ପର୍ଯ୍ୟନ୍ତ ନିମ୍ନ ଜାତିମାନଙ୍କୁ କୌଣସି ଗୁରୁତ୍ୱ ଦେଉନଥିଲେ କିନ୍ତୁ ଏବେ ସେମାନେ ଦଳିତଙ୍କ ମସିହା ବୋଲି ନିଜକୁ ପରିଚିତ କରାଉଛନ୍ତି । ଏବେ ବି ଗୋଆରେ ଥିବା ଚର୍ଚ୍ଚଗୁଡ଼ିକ ମଧ୍ୟରୁ ଅନେକ ଚର୍ଚ୍ଚରେ ଉଚ୍ଚଜାତି ଓ ନୀଚ ଜାତିର ଲୋକଙ୍କ ପାଇଁ ଯିବା ଆସିବା କରିବା ପାଇଁ ଅଲଗା ଅଲଗା ଦରଜା ରହିଛି । ଏଭଳି ବ୍ୟବସ୍ଥା କୌଣସି ହିନ୍ଦୁ ମନ୍ଦିରରେ ନାହିଁ । ଭାରତ ବର୍ଷରେ ସକ୍ରିୟ ଥିବା ମିଶନାରୀ ସଂସ୍ଥାମାନେ ନିଜର ଶିକ୍ଷିକ, ବୌଦ୍ଧିକସ୍ତରରେ ହିନ୍ଦୁ ସଂସ୍କୃତି-ସମାଜ ଠାରୁ ଦଳିତ ଆଦିବାସୀମାନଙ୍କୁ ଦୂରେଇ ଦେବାର ଚେଷ୍ଟା କରୁଛନ୍ତି । ଏହି ମିଶନାରୀମାନେ ନିଜର ସ୍ୱାର୍ଥ ହାସଲ ତଥା ଧର୍ମା'ରଣ ପାଇଁ ଡଃ. ଆମ୍ବେଦକରଙ୍କ ନାମକୁ ମଧ ବ୍ୟବହାର କରିବାକୁ ପଛାଉନାହାଁନ୍ତ । କେବଳ ଯେ ସେମାନେ ହିନ୍ଦୁମାନଙ୍କୁ ଧର୍ମାନ୍ତର କରୁଛନ୍ତି ତା ନୁହେଁ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ମଧ ଧର୍ମାନ୍ତର କରୁଛନ୍ତି । ଏହି ମିଶନାରୀଙ୍କ କାର୍ଯ୍ୟ ସମ୍ପର୍କୀତ ଅନେକ ସୂଚନା ଆମ ଓଡ଼ିଶାର ଫୁଲବାଣୀ, କୋରାପୁଟ ଭଳି ଜିଲ୍ଲାରେ ଦେଖିବାକୁ ମିଳେ । ଫୁଲବାଣୀରେ ମିଶନାରୀଙ୍କ କାର୍ଯ୍ୟକୁ ରୋକିବା ପାଇଁ ପ୍ରଚେଷ୍ଟାରତ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ପରିଶେଷରେ ଅସାମାଜିକ ତତ୍ତ୍ୱଙ୍କ ଶୀକାର ହେବାକୁ ପଡ଼ିଥିଲା । ଲକ୍ଷ୍ମଣାନନ୍ଦ ଚକାପାଦ ଠାରେ ଆଶ୍ରମ ନିର୍ମାଣ କରିବା ସହ ମିଶନାରୀଙ୍କ କାର୍ଯ୍ୟକଳାପକୁ ରୋକିବା ଦିଗରେ ଅନେକାଂଶରେ ସଫଳ ହୋଇଥିଲେ । କେନ୍ଦୁଝରର ଗ୍ରାହାମ୍‌ଷ୍ଟେନଙ୍କ ଘଟଣା ପ୍ରାୟତଃ ସମସ୍ତେ ଜାଣନ୍ତି । ଧର୍ମାନ୍ତରଣ କାର୍ଯ୍ୟରେ ଲିପ୍ତ ଏହି ବ୍ୟକ୍ତି ଲୋକଙ୍କର ଆକ୍ରୋଶର ଶୀକାର ହୋଇଥିଲେ । ଓଡ଼ିଶା, ଝାଡ଼ଖଣ୍ଡ ସମେତ ଅନେକ ରାଜ୍ୟରେ ଥିବା ଆଦିବାସୀ ଅଞ୍ଚଳରେ ମିଶନାରୀମାନେ ସକ୍ରିୟ ।

ସେଣ୍ଟ ଥୋମାସ ବା ଜାଭିୟର ଭାରତ ବର୍ଷକୁ ସମାନତାର ସନ୍ଦେଶ ବା ବାର୍ତ୍ତା ନେଇ ଆସିନଥିଲେ । ସେମାନେ ବଳ ପ୍ରୟୋଗ ଏପରିକି ଛଳନାପୂର୍ଣ୍ଣ ବ୍ୟବହାର ଦ୍ୱାରା ନିଜ କାର୍ଯ୍ୟ ପରିସରକୁ ବ୍ୟାପକ କରିବାରେ ସକ୍ଷମ ହୋଇଥିଲେ । ପୂର୍ବରୁ ବ୍ରାହ୍ମଣମାନଙ୍କୁ ଧର୍ମାନତ୍‌ରିତ କରିବା ପାଇଁ ଯେଭଳି ଚେଷ୍ଟା ମିଶନାରୀମାନେ କରୁଥିଲେ ପରବର୍ତ୍ତୀକାଳରେ ସେଇ ମିଶନାରୀମାନେ ଦଳିତ ଆଦିବାସୀଙ୍କୁ ମୋହରା ବନାଇବା ପାଇଁ ଚେଷ୍ଟା କଲେ । ମିଶନାରୀମାନେ ଶତ ପ୍ରତିଶତ ସଫଳ ନହେବାର କାରଣ ହେଉଛି ସେମାନଙ୍କ ବ୍ରାହ୍ମଣ ବିଦ୍ୱେଷ ଭାବ । ଜାତିର ସୁରକ୍ଷା ଏବଂ ପରିବାର ଭାବନାକୁ ମିଶନାରୀମାନେ ବିଲୁପ୍ତ କରିଦେଉଛନ୍ତି । ଏକଥାର ପ୍ରମାଣ ଅନେକ ବ୍ରିଟିଶ ସର୍ବେକ୍ଷଣରୁ ମିଳେ । ବିଭିନ୍ନ ଜାତି ପ୍ରସଙ୍ଗରେ ମିଶନାରୀମାନେ ମଧ ଭ୍ରାମକ ତଥ୍ୟ ଲୋକଙ୍କୁ ପ୍ରଦାନ କରିଥାନ୍ତି । ସବୁ ଜାତିର ନିଜସ୍ୱ ସ୍ୱତନ୍ତ୍ର ଗୌରବ ରହିଥିଲା । ଏଥିରେ ହୀନତାର ଭାବନା ନଥିଲା । କିନ୍ତୁ ଏବେ ବିଭିନ୍ନ ଜାତି ବାବଦରେ ଅତିରିତ ପ୍ରଚାର କରାଯାଉଛି । ବସ୍ତୁତଃ ଜାତିବାଦ କାରଣରୁ ଧର୍ମାନ୍ତରଣକାରୀମାନେ ରକ୍ଷା ପାଇଯାଉଛନ୍ତି । ଆମ ଦେଶର ଅବସ୍ଥା ପଶ୍ଚିମ ଏସିଆ ଭଳି ହୋଇନାହିଁ । ବିଗତ ୧୦୦ବର୍ଷରୁ ଅଧିକ ସମୟ ହେବ ମିଶନାରୀମାନେ ସ୍ୱଚ୍ଛନ୍ଦରେ ସେମାନଙ୍କ କାର୍ଯ୍ୟ କରିଚାଲିଛନ୍ତି ଓ ତାଙ୍କ ନଜରରେ ଅଛନ୍ତି ଦଳିତ ଏବଂ ବନବାସୀ ଓ ଆଦିବାସୀ । ଆଦିବାସୀ ଦଳିତମାନଙ୍କୁ ଛାଡ଼ି ଦେଲେ ଅନ୍ୟ ଜାତିର ଲୋକମାନଙ୍କୁ ଏହି ମିଶନାରୀମାନେ ନିଜ ଜାଲରେ ଫସାଇ ପାରୁନାହାଁନ୍ତି । ଏଣୁ ମିଶନାରୀମାନେ ବ୍ରାହ୍ମଣମାନଙ୍କୁ ଅନ୍ୟ ଜାତିମାନଙ୍କର ଶୋଷକ ଭାବେ ଉପସ୍ଥାପନ କରିବା ସହିତ ନିଜକୁ ଦଳିତ ଆଦିବାସୀଙ୍କ ସଂରକ୍ଷକ ବୋଲି ଦାବି କରୁଛନ୍ତି । ମିଶନାରୀ ସଂସ୍ଥାମାନଙ୍କରେ ଭାରତୀୟ ଇତିହାସକୁ ବିକୃତ କରାଯାଇ ପଢ଼ାଯାଉଛି ଯାହାଫଳରେ ଲୋକଙ୍କ ମନରେ ବ୍ରାହ୍ମଣ ବିରୋଧି ଭାବ ଜାଗ୍ରତ ହେବ । ନିରନ୍ତର ପ୍ରଚାର କାରଣରୁ ଏକଥା ମିଛ ହେଲେ ମଧ ଆଦିବାସୀ ଓ ଦଳିତମାନେ ସେମାନଙ୍କ କଥାକୁ ବିଶ୍ୱାସ କରିଯାଉଛନ୍ତି । ଆଦିବାସୀ-ଦଳିତମାନେ ଭୁଲିଯାଉଛନ୍ତି ଯେ ଯେତେସବୁ ଜ୍ଞାନୀ, ମହାନ୍ କବି ଓ ସାଧୁସନ୍ଥ ଥିଲେ ବା ଅଛନ୍ତି ସେମାନେ ଗୋଟିଏ ନିର୍ଦ୍ଦିଷ୍ଟ ଜାତିର ନୁହଁନ୍ତି, ଏମାନଙ୍କ ଜାତି ମଧ ଭିନ୍ନ ଭିନ୍ନ । ବ୍ରାହ୍ମଣ ବିରୋଧ କଥା କୁହାଯିବା ହିଁ ହିନ୍ଦୁ ବିରୋଧର ଛଦ୍ମ ରୂପ ।

ଦୁର୍ଭାଗ୍ୟ ଯେ ଦେଶ ସ୍ୱାଧିନ ହେବା ପରେ ମଧ ମିଶନାରୀମାନଙ୍କ କାମ ଆହୁରି ସହଜ ହୋଇଗଲା । ଆମର ଧର୍ମନିରପେକ୍ଷ (ସେକୁଲାର) ବାମପନ୍ଥୀ ଇଂରେଜୀ ବୁଦ୍ଧିଜୀବିମାନେ ମିଶନାରୀମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେଲେ । କମ୍ୟୁନିଷ୍ଟ ଐତିହାସିକ ହିନ୍ଦୁ ଧର୍ମକୁ ନିଚ ଦେଖାଇବା ପାଇଁ ବ୍ରାହ୍ମଣବାଦକୁ ଟାର୍ଗେଟ କରିବାରେ ଲାଗିଲେ । ଜାତିବାଦୀ ନେତାମାନେ ନିଜର ଭୋଟ ବ୍ୟାଙ୍କ ପାଇଁ ମଧ ବ୍ରାହ୍ମଣମାନଙ୍କୁ ଟାର୍ଗେଟ କଲେ ଯାହା ମାୟାବତୀ କରୁଥିଲେ ଓ କରୁଛନ୍ତି । ଏହିଭଳି ଚାରିଦିଗରୁ ଦୁଃପ୍ରଚାର କାରଣରୁ କେତେକ ହିନ୍ଦୁବାଦୀ ନେତା ମଧ ମିଶନାରୀମାନଙ୍କ ଜାଲରେ ଫସିଯାଉଛନ୍ତି । ସ୍ୱାମୀ ବିବେକାନନ୍ଦ କହିଥିଲେ ଯେ 'ବ୍ରାହ୍ମଣମାନେ ହିଁ ଆମ ପୂର୍ବପୁରୁଷଙ୍କ ଆଦର୍ଶ ଥିଲେ' । ଆମ ଶାସ୍ତ୍ର ପୁରାଣମାନଙ୍କରେ ବ୍ରାହ୍ମଣମାନଙ୍କର ଆଦର୍ଶ ବିଶିଷ୍ଟ ରୁପରେ ପ୍ରତିଷ୍ଠିତ । ଭାରତ ବର୍ଷର ସବୁ ରଜାମାନଙ୍କ ବଂଶଧରମାନେ ନିଜକୁ କୌଣସି ନା କୌଣସି ଋଷି ମୁନୀଙ୍କ ସନ୍ତାନ ବୋଲି କହିଥାନ୍ତି ।

+ ରାମଚନ୍ଦ୍ରପୁର, ରଣପୁର,
ମୋ.-୯୪୩୮୪୮୫୦୯୪

# କରୋନାରେ ନହୋଇ ଉଦାସ କରିବା ଅଶ୍ୱଗନ୍ଧା ଚାଷ

**ନଳିନୀ କୁମାର ପଣ୍ଡା**



ସାରା ବିଶ୍ୱରେ କରୋନାର ପ୍ରକୋପ ବୃଦ୍ଧି ପାଇଚାଲିଛି ଓ ଅନେକ ଲୋକ ଏହା ଦ୍ୱାରା ଅସମୟରେ ମୃତ୍ୟୁ ବରଣ କରୁଛନ୍ତି । ମହାମାରୀର ଟୀକା ବାହାରିବା ପାଇଁ ଆଉ କେତେଦିନ ଯେ ଲାଗିବ ତାହା ମଧ କହିହେବ ନାହିଁ । ଏହିଭଳି ଏକ ଘଡ଼ିସନ୍ଧିଥି ମୁହୂର୍ତ୍ତରେ ସମସ୍ତେ ଭାବୁଛନ୍ତି ଔଷଧୀୟ ଗୁଳ୍ମକୁ ବ୍ୟବହାର କରି କେମିତି ନିଜର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଯାଇପାରିବ । ଆମ ସରକାର ମଧ କେତେଗୁଡ଼ିଏ ଔଷଧୀୟ ଉଦ୍ଭିଦ ଉପରେ ଗବେଷଣା ଚଲାଇଛନ୍ତି । ଏହା ମଧ୍ୟରୁ ଅଶ୍ୱଗନ୍ଧା ଅନ୍ୟତମ । ଏହି କାରଣରୁ ଅଧିକାଂଶ ଲୋକ ଏବେ ବଜାରରେ ମିଳୁଥିବା ଅସ୍ୱଗନ୍ଧା ବଟିକା ବା କ୍ୟାପସୁଲ ବ୍ୟବହାର କରୁଛନ୍ତ ।ଏଥିପାଇଁ ଟୀକାର ବିଳମ୍ବରେ ଉଦାସ ନହୋଇ ଆସନ୍ତୁ ଆମେ ଏହି ଅଶ୍ୱଗନ୍ଧାର ଚାଷ ପ୍ରଣାଳୀ ଓ ଆଉ କେତେକ ଉପକାର ବିଷୟରେ ଜାଣିବା । ଅଶ୍ୱଗନ୍ଧାର ବୈଜ୍ଞାନିକ ନାମ ଉଇଥାନିଆ ସୋମନି ଫେରା । ଏହାର ପ୍ରତ୍ୟେକ ଅଂଶ ଯଥା ଚେର, ପତ୍ର, ଫଳ, ମଞ୍ଜି ଆଦି ଔଷଧ ପ୍ରସ୍ତୁତିରେ ବ୍ୟବହାର ହେଉଥିଲେ ମଧ ମୁଖ୍ୟତଃ ଏହାର ଚେର ବହୁମାତ୍ରାରେ ଉପଯୋଗ ହୋଇଥାଏ ।

**ଅଶ୍ୱଗନ୍ଧାର ଉପକାରିତା :**

୧) ଅଶ୍ୱଗନ୍ଧା ମୂଳ ଚୂର୍ଣ୍ଣ ସହିତ ଘିଅ ଓ ମହୁ ଖାଇଲେ ବାତ ରୋଗ ଭଲ ହୁଏ । ୨) ଅଶ୍ୱଗନ୍ଧା ଚେରର ଚୂର୍ଣ୍ଣ ନିୟମିତ ଦୁଗ୍ଧ ସହ ସେବନ କଲେ ବଳ, ବୀର୍ଯ୍ୟ ବୃଦ୍ଧି ପାଇ ଶରୀରରେ ଶକ୍ତି ସ୍ଫୁର୍ତି ଆସିଥାଏ । ୩) ଏହା ସେବନ କଲେ ଶରୀରର ସଠିକ ବିକାଶ ହେବା ସହିତ ଶରୀର ହୃଷ୍ଟପୁଷ୍ଟ ହୋଇଥାଏ । ୪) ନିୟମିତ ଅଶ୍ୱଗନ୍ଧା ଚେରର ଚୂର୍ଣ୍ଣ ବା କ୍ୱାଥ ସେବନ କଲେ ରୋଗ ପ୍ରତିରୋଧକ ଶକ୍ତି ଓ ସ୍ମରଣ ଶକ୍ତି ବୃଦ୍ଧି ପାଏ ।

**ଅଶ୍ୱଗନ୍ଧାର ଚାଷ ପ୍ରଣାଳୀ:**

**ସିଧାସଳଖ ମଞ୍ଜିବୁଣା:-** ଅଶ୍ୱଗନ୍ଧା ମଞ୍ଜି ଦ୍ୱାରା ବଂଶ ବିସ୍ତାର କରେ । ଗୋଟିଏ ବା ଦୁଇଟି ବର୍ଷା ପାଇଲା ପରେ ଜମିକୁ ଭଲ ଭାବରେ ପ୍ରସ୍ତୁତ କରି କେତୋଟି ନିର୍ଦ୍ଦିଷ୍ଟ ଆକାରର ପଟାଳିରେ ବିଭକ୍ତ କରାଯାଏ ଓ ମଞ୍ଜି ଗୁଡ଼ିକୁ ଜୁଲାଇ ମାସର ଦ୍ୱିତୀୟ ସପ୍ତାହରୁ ଅଗଷ୍ଟ ମାସ ମଧ୍ୟରେ ବୁଣାଯାଏ । ଏହି ପଦ୍ଧତିରେ ଗଛ ଲଗାଇବା ପାଇଁ ହେକ୍ଟର ପିଛା ପ୍ରାୟ ୧୦ - ୧୨କି.ଗ୍ରା. ମଞ୍ଜି ଆବଶ୍ୟକ ହୁଏ । ଅଧିକ ବର୍ଷା ହେଉଥିଲେ ମଞ୍ଜିବୁଣା ସେପ୍ଟେମ୍ବର ପର୍ଯ୍ୟନ୍ତ ହୋଇପାରେ ।

**ନର୍ସରୀ ପ୍ରସ୍ତୁତି:-** ମୃତିକାର ଉର୍ବରତା ଓ ମଞ୍ଜିର କିସମ ଅନୁସାରେ ଗଛ ରୁ ଗଛ ଏବଂ ଧାଡ଼ି ରୁ ଧାଡ଼ିର ଦୂରତାକୁ ବ୍ୟବସ୍ଥିତ କରାଯାଏ । ଚାରା ଗୁଡ଼ିକ ପ୍ରତିରୋପଣ ହେବାର ଥିଲେ, ମଞ୍ଜି ଗୁଡ଼ିକୁ ଭଲଭାବରେ ପ୍ରସ୍ତୁତ ହୋଇଥିବା ଉଠାଣିଆ ଚାରା ପଟାଳିରେ ବୁଣାଯାଇଥାଏ । ଜୁଲାଇ- ଅଗଷ୍ଟ ମାସରେ ଚାରା ଗୁଡ଼ିକୁ ଭଲଭାବରେ ପ୍ରସ୍ତୁତ ହୋଇଥିବା ଜମିରେ ୬୦ ୬୦ ସେ.ମି. ଦୂରତାରେ ରୋପଣ କରିଦିଆଯାଏ ।

**ଚାରାର ହାର ଓ ପ୍ରାକ ଉପଚାର:-** ୧ ହେକ୍ଟର ଜମିରେ ପର୍ଯ୍ୟାପ୍ତ ପରିମାଣର ଚାରା ଲଗାଇବା ପାଇଁ ପ୍ରାୟ ୫ କି.ଗ୍ରା. ମଞ୍ଜି ଆବଶ୍ୟକ ହୁଏ । ଚାରାକିଆରୀରେ ରୋଗ ଦୂର କରିବା ପାଇଁ ମଞ୍ଜି ଗୁଡ଼ିକୁ ବୁଣିବା ପୂର୍ବରୁ କି.ଗ୍ରା. ପ୍ରତି ୩ ଗ୍ରାମ ଥିରାମ-୪୫ ଦ୍ୱାରା ବିଶୋଧନ କରାଯାଏ ।

**ଜମି ପ୍ରସ୍ତୁତି ଓ ସାର ପ୍ରୟୋଗ:-** ଜମିର ମାଟିକୁ ଭଲ ଭାବରେ ହଳକରି ଗୁଣ୍ଡକରି ମହୀଦିଆଯାଏ । ଅଶ୍ୱଗନ୍ଧା ଫସଲ ବହୁତ ଖତସାର ଦରକାର କରେ ନାହିଁ । ଏଥିରେ ୨୫କି.ଗ୍ରା. ଯବକ୍ଷାରଜାନ, ୨୫କି.ଗ୍ରା. ଫସଫରସ ଓ ୨୦କି.ଗ୍ରା. ପଟାସ ଦିଆଯିବା ଉଚିତ୍ ।

**ପରିରୋପଣ ଓ ଉପଯୁକ୍ତ ବ୍ୟବଧାନ:-** ୨୫ ରୁ ୩୫ ଦିନ ପରେ ଚାରାଗଛ ଗୁଡ଼ିକୁ ଧାଡ଼ିରୁ ଧାଡ଼ି୨୦-୨୫ ସେ.ମି. ଓ ଗଛରୁ ଗଛ ୧୦-୧୫ ସେ.ମି. ବ୍ୟବଧାନରେ ଲଗାଯାଏ । ଅଶ୍ୱଗନ୍ଧାର ବୁଣିବା ବା ଲଗାଇବା କାର୍ଯ୍ୟ ଅଗଷ୍ଟ ରୁ ସେପ୍ଟେମ୍ବର ମାସ ମଧ୍ୟରେ ସମ୍ପାଦିତହେବା ଉଚିତ ।

**ଆନ୍ତଃ ଫସଲର ବ୍ୟବସ୍ଥା:-** ଅଶ୍ୱଗନ୍ଧା ଆନ୍ତଃ ଫସଲ ଭାବରେ ନୂଆ କରି ଲଗାଯାଉଥିବା ନଡ଼ିଆ, ଆମ୍ବ, ଶାଗୁଆନ, ପାଇନ୍, ପପଲାର୍, ଆଦି ସହିତ ଲଗାଯାଇପାରେ ।

**ଉପଯୁକ୍ତ ଯତ୍ନ ଓ ରକ୍ଷଣାବେକ୍ଷଣ:-** ସିଧାସଳଖ ବୁଣା ଯାଇଥିବା ଫସଲରେ ହେକ୍ଟର ପ୍ରତି ଗଛ ସଂଖ୍ୟା ୨୦,୦୦୦ ରୁ ୨୫,୦୦୦ ରଖିବା ପାଇଁ ୨୫-୩୦ ଦିନ ମଧ୍ୟରେ ବଛାବଛି କରାଯାଏ । ସଫଳ ଘାସ ନିୟନ୍ତ୍ରଣ ପାଇଁ ୩୦ ଦିନ ବ୍ୟବଧାନରେ ହାତରେ ଘାସ ବଛାବଛି ହୁଏ ।

**ଜଳସେଚନ:-** ପରିରୋପଣ ପରେ ସ୍ୱଳ୍ପ ବର୍ଷା ଚାରାଗଛ ସ୍ଥାପନାକୁ ସୁନିଶ୍ଚିତ କରେ । ନିୟମିତ ବ୍ୟବଧାନରେ ବର୍ଷା ହେଉଥିଲେ ଜଳସେଚନ ଦରକାର ପଡେ ନାହିଁ ।

**ରୋଗ ଓ ପୋକ ନିୟନ୍ତ୍ରଣ:-** ଏଥିରେ ସାଧାରଣତଃ ମଞ୍ଜି ଶଢ଼ିଯିବା, ଛୋଟ ଗଛର ମୂଳ ପଚିଯିବା, ଝାଉଁଳା ରୋଗ ଓ ପତ୍ରପୋଡା ପରି ରୋଗ ଦେଖାଯାଏ । ପତ୍ରଖିଆ ସବୁଜ ପୋକ ଓ କାଣ୍ଡବିନ୍ଧା ପୋକ ଏଥିରେ ଲାଗିଥାନ୍ତି । ଝାଉଁଳା ରୋଗ ଓ ପତ୍ର ରୋଗ ପାଇଁ ଧୂଆଁପତ୍ରକୁ ସିଝାଇ ତାର ପାଣି ସିଂଚନ କରାଯାଏ ।

**ଫସଲ ପରିପକ୍ୱତା ଓ ଅମଳ:-** ଅମଳ ଜାନୁଆରୀ ମାସରୁ ଆରମ୍ଭହୋଇ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଚାଲେ । ଅଶ୍ୱଗନ୍ଧା ଫସଲ ଲଗାଯିବାର ୧୫୦ ରୁ ୧୮୦ ଦିନ ପରେ ଅମଳ ଆରମ୍ଭ ହୁଏ । ପତ୍ରର ଶୁଷ୍କତା ଏବଂ ପୀତ ଲୋହିତ ବର୍ଣ୍ଣର ମଞ୍ଜିରୁ ଫସଲର ପରିପକ୍ୱତା ବିବେଚନା କରାଯାଏ । ସଂପୂର୍ଣ୍ଣ ଗଛଟିକୁ ଉପାଡ଼ି ଆଣି ମୂଳ ସବୁକୁ ଧୋଇ ମାଟି ସଫାକରି ମୂଳରୁ ୧ସେ.ମି. ଉପରକୁ କାଟି ମୂଳ ଗଛ ଅଲଗା କରାଯାଏ । ଏହାପରେ ମୂଳ ଗୁଡ଼ିକୁ ୭ ରୁ ୧୦ସେ.ମି. ଲମ୍ବରେ ଖଣ୍ଡ ଖଣ୍ଡ କରି ଶୁଖାଯାଏ ।

**ଅମଳ ପରର ପକ୍ରିୟାକରଣ:-** ଅମଳ ହୋଇଥିବା ସମ୍ପୂର୍ଣ୍ଣ ଶୁଷ୍କ କନ୍ଦାଗୁଡ଼ିକୁ ଛୋଟଛୋଟ ଖଣ୍ଡରେ କାଟି ଭଲ ଭାବରେ ପାଣିରେ ଧୋଇ ଛାଇରେ ଶୁଖାଯାଏ ଓ ବିଭିନ୍ନ ଗ୍ରେଡରେ ବିଭକ୍ତ କରାଯାଏ । ଭଲ ଭାବରେ ଶୁଖାଯାଇଥିବା ଖଣ୍ଡଗୁଡ଼ିକୁ ଅଖାବସ୍ତାରେ ଭର୍ତ୍ତିକରି ବାୟୁ ଚଳାଚଳ କରୁଥିବା ଘରଭିତରେ ଥାକକରି ରଖାଯାଏ

**ଅମଳ ଓ ଲାଭ:-** ଅଶ୍ୱଗନ୍ଧା ଚାଷରୁ ୫ ରୁ ୬ ମାସ ମଧ୍ୟରେ ଏକ ହେକ୍ଟରରୁ ପ୍ରାୟ ୫୦୦ ରୁ ୭୦୦ କି.ଗ୍ରା. ଶୁଷ୍କ କନ୍ଦା ଓ ୩୦ - ୪୦ କି.ଗ୍ରା. ମଞ୍ଜି ମିଳେ । ଏଥିରୁ ଏକ ହେକ୍ଟରରୁ ପ୍ରାୟ ୨୫,୦୦୦.୦୦ ଟଙ୍କା ଲାଭ ମିଳିଥାଏ ।

+ ବନ ଗବେଷକ, ସ୍ନାତକତର,
ଓ.ୟୁ.ଏ.ଟି.,
ମୋ: ୮୦୧୮୧୮୮୧୨୮

## କବିତା କୋଣାର୍କ

### ମୁଁ ଓ ମୋର...

**ପ୍ରଶାନ୍ତ କୁମାର ନାଥ**

ଜୀବନରେ କେବେ କହି ମୁଁ ନଥିଲି
ଅଟେ ବୋଲି କିଛି ମୋର
ହେଲେ ମୁଁ କହୁଛି ମୋର ମୋର ବୋଲି
ଦେଖାହେଲା ଯେବେ ତୋର ।

ଯେବେଠାରୁ ଆସି ହୃଦୟରେ ମୋର
ତୋଳିନେଲୁ ଗୋଟେ ଘର
ସେବେଠାରୁ ପରା କହି ମୁଁ ବୁଲିଲି
ତୁ ପରା ଅଟୁଲୋ ମୋର ।

ଆଜି ମୁଁ କହୁଛି ତୋ ପାଇଁ ବଞ୍ଚିଛି
ଭଲପାଏ ତୋତେ ମୁହିଁ
ତୋବିନା ସତରେ ଜୀବନରେ ମୋର
ଆଉ କିଛି ମାନେ ନାହିଁ ।

ମୁଁ ପରା ଜିଇଁଛି ତୋ ପାଇଁ ପ୍ରିୟାଲୋ
ତୋତେ ମୁଁ ଭାବି ନିଜର
ହୃଦୟରେ ତୋର ରହିବି ଏକା ମୁଁ
କରିବୁନି କେବେ ପର ।

+ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର ।
ମୋ-୦୮୩୧୦୩୨୮୩୪୫



## କବିତା କୋଣାର୍କ

### ପ୍ରତାରଣାର ପରିଭାଷା..

**ସୁଧାକର ରାଉତ**

ପୀରତି ତୁଠରେ କି ଉଲ୍ଲାସ ମନେ
ଦୁହେଁ ତ କରିଲେ ସ୍ନାନ
ସେ ତୁଠର ସେହି ଗଭୀର ଜଳରେ
ହଜିଗଲା ଆମ ମନ ।

କାମନା ନିଶାରେ ବୁଡି ଗଲୁ ଦୁହେଁ
ନିଜକୁ ନିଜେ ହଜାଇ
ତ୍ୟାଗର ଆହୁଲା ମୁଁ ଖୋଜିଲା ବେଳେ
ତୁମେ ଯେ ଗଲ ଦୂରେଇ ।

ହାରିବାର ଗ୍ଲାନି ନାହିଁ ମନେ ମୋର
ତୁମେ ଜିତିବାର ଭ୍ରମେ
ଅବଶେଷେ ଯାହା ଜାଳିଲ ନିଜକୁ
ପଚାରି ବୁଝ ମରମେ ।

ପ୍ରତାରଣାର ଯେ ଝାଞ୍ଜି ବୁହାଇ
ଖୋଜିଲ ନୂଆ ଠିକଣା
ନିନ୍ଦା, ଅପବାଦେ ବିଷାଦେ ତୁମକୁ
ସେ କରିଲା ବାଟବଣା ।

ପିପାସା ମନରୁ ସମାଧି ନେଇଛି
ତା' ସ୍ଥାନେ ସପନ ସ୍ତୁପ
ନିର୍ଜୀବ ହୋଇ ନିରେଖି ଦେଖଇ
ତୁମର ପୀଡ଼ିତା ରୂପ ।

ଆଶ୍ୱାସନାର ଆହା ପଦ ମୋର
ଜୀବ ପିଞ୍ଜରାରେ
ପ୍ରତିଧ୍ୱନି ତୋଳେ ଅହରହ ପ୍ରିୟା
ଥରେ ଶୁଣ ନୀରବରେ ।

ଅବାଞ୍ଛିତ ଭାବି ବଞ୍ଚିତ କଲ
ନ ପଡୁଣୁ ଯବନିକା
ମୁଁ କିନ୍ତୁ ତୁମ ମନର ଭୂଗୋଳେ
ଇତିହାସ ଲେଖେ ଏକା ।

ପଡ଼ି ନେବ ଥରେ ନିଥର ଜୀବନ
ହୋଇବା ଆଗୁ ନିଷ୍ଫଳ
ଆଲୋଡ଼ା ଜୀବନର ତୃଷା ମେଣ୍ଟିବ
ପାଇ ଶେଷେ ସ୍ନେହ କୂଳ ।

+ ପ୍ରତାପ ନଗରୀ, କଟକ
ମୋ: ୮୩୪୯୯୩୨୭୯୨

### ଉତ୍କଳମଣି...

**ଚିନ୍ମୟ ପଣ୍ଡା**

ଏଇ ଉତ୍କଳର ଗୁଣୀ ପୁଅଟିଏ
ଗୋପବନ୍ଧୁ ଦାସ ନାମ ।
ଭାଗବୀର କୂଳେ ସୁଆଣ୍ଡୋ ଗ୍ରାମରେ
ହୋଇଥିଲା ତାଙ୍କ ଜନ୍ମ ॥

ଗୁରୁ ରାମଚନ୍ଦ୍ର ଦେଇଥିଲେ ଦୀକ୍ଷା
ଦେଶ ସେବା ହେଲା ବ୍ରତ ।
ସେବା ତ୍ୟାଗ ବେଳେ
ହେଲେ ଜ୍ୟୋତିଷ୍ମାନ
ସତ୍ କର୍ମେ ଦେଇ ଚିତ୍ତ ॥

କୁଶଭଦ୍ର ନଈ ଦୁଇ କୂଳ ଖାଇ
ବେଢ଼ିଲା ଧନ ଜୀବନ ।
ଚୁଡ଼ା ଓ ଚାଉଳ ଧରି ସାଥି ମେଳେ
ବୁଲିଲେ ଗ୍ରାମକୁ ଗ୍ରାମ ॥

ହଇଜା ମଡକ ପଡ଼ିଲା ରାଇଜେ
ଗଢ଼ିଲେ ସେବା ସଦନ ।
ରୋଗୀଙ୍କ ପାଖରେ ପହଞ୍ଚିଲେ ଯାଇ
ଜୀବନ କରି ବିପନ୍ନ ॥

ଓଡ଼ିଆ ଭାଷାର ସୁରକ୍ଷାର ପାଇଁ
ଧରିଲେ କଲମ କରେ ।
ରଚନା କରିଲେ କାଳଜୟୀ କୃତି
ବନ୍ଦୀ ଥାଇ କାରାଗାରେ ॥

ସତ୍ୟବାଦୀ ବନ ବିଦ୍ୟାଳୟ ଗଢ଼ି
ଶିଖାଇଲେ ଦେଶ ପ୍ରେମ ।
ଦୀକ୍ଷିତ କରିଲେ ମାନବ ଧର୍ମରେ
ହେଲା ନବ ଜାଗରଣ ॥

ଲେଖିଲେ ସମାଜ ସତ୍ୟବାଦୀ ଦୁଇ
ଜନତାଙ୍କ ଉଦ୍ଦେଶ୍ୟରେ ।
ସ୍ୱର ଉଠାଇଲେ ନିର୍ଭୀକପଣେ
ଅନ୍ୟାୟର ବିରୋଧରେ ॥

ଅନେକ ବାଧା ଯେ ବିପତ୍ତି ସହିଲେ
ଜୀବନର ଚଲା ପଥେ ।
ତଥାପି କେବେ ସେ ସାଲିସ୍ ନକଲେ
ଆପଣା କର୍ତ୍ତବ୍ୟ ସାଥେ ॥

ଜୀବନଟା ସାରା ଦୀପ ସମ ଜଳି
ଆଲୋକ କରିଲେ ଦାନ ।
ପର ଦୁଃଖ ଦେଖି ଝରୁଥିଲା ଲୁହ
କାନ୍ଦୁଥିଲା ତାଙ୍କ ପ୍ରାଣ ॥

ଧନ୍ୟ ସେ ମହାତ୍ମା ଉତ୍କଳର ମଣି
ଧନ୍ୟ ତାଙ୍କ ପୌରୁଷ ।
ଯାର ଲାଗି ଏଇ ଉତ୍କଳ ଧନ୍ୟ
ଲଭି ଅମିଳନ ଯଶ ॥

+ ଫକୀରପୁର, କେନ୍ଦୁଝର
ମୋ: ୬୩୭୨୬୧୫୦୫୬

# ଅଫିସ୍ ଯାଉଥିଲେ

ବର୍ତ୍ତମାନ ସମୟରେ ଅନେକ ଅଫିସ୍‌ରେ କରୋନା ରୋଗୀସଂଖ୍ୟା ବଢୁଥିବାର ଦେଖିବାକୁ ମିଳୁଛି । ତେଣୁ ଏଭଳି ପରିସ୍ଥିତିରେ ଅଫିସ ଯାଉଥିବା କର୍ମଚାରୀମାନେ କେଉଁସବୁ ଦିଗ ପ୍ରତି ବିଶେଷ ସଜାଗ ରହିଲେ ନିଜ ସହିତ ସହକର୍ମୀ ଏବଂ ପରିବାର ସଦସ୍ୟଙ୍କୁ ସୁରକ୍ଷିତ ରଖିପାରିବେ ଜାଣିରଖନ୍ତୁ ସେ ସମ୍ପର୍କରେ...



■ ସର୍ବପ୍ରଥମ କଥା ହେଉଛି, ଅଫିସ କାମ କଲା ବେଳେ ଆଦୌ ମାସ୍କ ଖୋଲନ୍ତୁ ନାହିଁ । କାରଣ ଅନେକେ କାମ ସମୟରେ ମାସ୍କକୁ ବେକରେ ଝୁଲାଇଥିବା କିମ୍ବା ବ୍ୟାଗ୍‌ରେ ରଖିଥିବା ଦେଖିବାକୁ ମିଳୁଛି, ହେଲେ ପାଖରେ କେହି ବସିଥାନ୍ତୁ ଅବା ନାହିଁ, ଭୂତାଣୁ ବାୟୁ ବାହିତ ହୋଇଥିବାରୁ ସଂକ୍ରମଣର ଆଶଙ୍କା ରହିଛି ।

■ ଅଫିସ ସାନିଟାଇଜ୍ ହେଉଥିଲେ ସୁଦ୍ଧା ଏଣ୍ଟ୍ରି କରିବା ପରେ ହ୍ୟାଣ୍ଡ ୱାଶ୍ କରିବା ସହ ନିଜେ ବ୍ୟବହାର କରୁଥିବା କମ୍ପ୍ୟୁଟର, ଟେବୁଲ୍ ଚେୟାର୍‌କୁ ସାନିଟାଇଜର ସ୍ପ୍ରେ କରିବା ପରେ କାମ କରନ୍ତୁ ।

■ ଅଧିକାଂଶ ଅଫିସ୍‌ରେ କର୍ମଚାରୀଙ୍କ ବିଭିନ୍ନ ସାମଗ୍ରୀ ରଖିବା ଲାଗି ସ୍ୱତନ୍ତ୍ର ର୍‌ୟାକ୍ ବ୍ୟବସ୍ଥା ଥାଏ । ହେଲେ ବର୍ତ୍ତମାନ ସମୟରେ ସମସ୍ତେ ଏକାଠି ଜିନିଷ ରଖିବା ବିପଦପୂର୍ଣ୍ଣ । ତେଣୁ ନିଜ ବ୍ୟାଗ୍, ଲାପ୍‌ଟପ୍, ଫାଇଲ୍, ଟିଫିନ୍, ପାଣିବୋତଲ ଭଳି ସାମଗ୍ରୀ ନିଜ ଡେସ୍କ ବା ଚ୍ୟାମ୍ବରରେ ହିଁ ରଖନ୍ତୁ ।

■ ଅନେକ କର୍ମଚାରୀ ଲଞ୍ଚ ଆୱାରରେ ଏକାଠି ଗପସପ୍ କରି ଖାଇଥାନ୍ତି ଏବଂ ପରସ୍ପର ସହ ଟିଫିନ୍ ସେୟାର କରିଥାନ୍ତି । ହେଲେ ବର୍ତ୍ତମାନ ଏଭଳି ଆଦୌ କରିବା ଠିକ୍ ନୁହେଁ । କାରଣ ଏକାଠି ଖାଇବା, ପରସ୍ପରକୁ ଖାଦ୍ୟ ଦେବା ଖାଇବା ସମୟରେ ମାସ୍କ ଖୋଲି ପାଖାପାଖି ବସି ଗପିବା ସଂକ୍ରମଣର ବଡ଼ କାରଣ ।
ତେଣୁ ଅଫିସ୍‌ରେ ଏକା ଖାଆନ୍ତୁ ।

■ ଅଫିସ୍‌ରେ ଗୋଟିଏ ଫ୍ଲୋର୍‌ରେ ଅଧିକ କର୍ମଚାରୀ କାମ କରୁଥିଲେ ଏସି ଦ୍ୱାରା ସଂକ୍ରମଣ ବଢ଼ିବାର ଆଶଙ୍କା ବେଶୀ । ତେଣୁ ଏସି ବଦଳରେ ଫ୍ୟାନ୍ ବ୍ୟବହାର କରନ୍ତୁ ଏବଂ ଭେଣ୍ଟିଲେଶନ୍ ପାଇଁ ଝରକା ଖୋଲି ରଖନ୍ତୁ ।

■ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଫିସ୍‌ରେ କମନ୍ ଟଏଲେଟ୍ ବ୍ୟବହାର ସମୟରେ ବିଶେଷ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ । କାରଣ ଅନ୍ୟ ସମସ୍ତ କଥାକୁ ଧ୍ୟାନ ଦେଇ ଏହାକୁ ଅବହେଳା କରିବସିଲେ ରୋଗ ସଂକ୍ରମଣର ଆଶଙ୍କା ଦ୍ୱିଗୁଣିତ ହୋଇଯାଏ ।



## ସ୍ୱାସ୍ଥ୍ୟ ମନ୍ତ୍ର

କାହା ପାଇଁ କେତେ କାଲୋରି: ସାଧାରଣ କାମ କରୁଥିବା ୬୦ କିଲୋ ଓଜନର ପୁରୁଷଙ୍କ ଦୈନିକ ଆବଶ୍ୟକତା ହେଉଛି ୨୪୨୫ କାଲୋରି । ଏହି ବର୍ଗର ପୁରୁଷ ମଧ୍ୟମ ଧରଣର ଶ୍ରମ କରୁଥିଲେ, ୩୮୦୦ କାଲୋରି । ସେହିପରି ସାଧାରଣ କାମ କରୁଥିବା ୫୦ କିଲୋ ଓଜନର ମହିଳାଙ୍କ ଦୈନିକ ଆବଶ୍ୟକତା ହେଉଛି ୧୮୭୫ କାଲୋରି । ଏହି ବର୍ଗର ମହିଳା ମଧ୍ୟମ ଧରଣର ଶ୍ରମ କରୁଥିଲେ, ଦରକାର ୨୨୨୫ କାଲୋରି । ଆଉ ଅଧିକ ଶ୍ରମ କରୁଥିଲେ, ୨୯୨୫ କାଲୋରି । ୫୦ କିଲୋ ଓଜନର ଗର୍ଭବତୀ ମହିଳାଙ୍କର ଲୋଡ଼ା ୩୨୨୫ କାଲୋରି ଏବଂ ସ୍ତନ୍ୟପାନ କରାଉଥିଲେ ୩୪୭୫ କାଲୋରି । ୧୩-୧୫ ବର୍ଷ ବୟସ୍କ ବାଳକ (୪୮ କିଲୋ)ର ଲୋଡ଼ା ୨୪୫୦ କାଲୋରି ଏବଂ ବାଳିକାର (୪୭କିଲୋ) ୨୦୬୦ କାଲୋରି । ସେହିପରି ୧୬-୧୮ ବଷୟ ବୟସ୍କ ବାଳକ (୫୭ କିଲୋ) ୨୦୬୦ କାଲୋରି ।



## ଲାଞ୍ଜ ନ ଥିବା ଲଞ୍ଜାତାରା

ମହାକଶବିଜ୍ଞାନୀମାନେ ଏପରି ଏକ ଲଞ୍ଜାତାରାକୁ ଠାବ କରିଛନ୍ତି ଯାହାର ଲାଞ୍ଜ ହିଁ ନାହିଁ । ସାଧାରଣତଃ ଲଞ୍ଜାତାରା ବା ଧୂମକେତୁର ଲାଞ୍ଜ ରହିଥାଏ । ଏହି ବିଶେଷପ୍ରକାର ଲାଞ୍ଜବିହୀନ ଲଞ୍ଜାତାରାରୁ ସୌରମଣ୍ଡଳର ବିକାଶ ରହସ୍ୟ ଜଣପଡ଼ିବ ବୋଲି ସେମାନେ ଆଶା କରିଛନ୍ତି । ଅଧିକାଂଶ ଧୂମକେତୁ ବରଫ ତଥା ଅନ୍ୟାନ୍ୟ ଜମାଟ ବାନ୍ଧିଥିବା ପଦାର୍ଥର ହୋଇଥିବା ବେଳେ ଏହା ସୌରମଣ୍ଡଳରୁ ଦୂରରେ ଜମିଥିବା ଅବସ୍ଥାରେ ମିଳନ୍ତି । ଉଜ୍ଜ୍ୱଳ ଲାଞ୍ଜ ଥିବା ଧୂମକେତୁଗୁଡ଼ିକ ସୂର୍ଯ୍ୟଙ୍କ ନିକଟତର ହୋଇଗଲେ ତରଳିଯାନ୍ତି । ହେଲେ ପୃଥିବୀ ଭଳି ସୂର୍ଯ୍ୟଙ୍କ ଠାରୁ ଦୂରରେ ଥିବା ଏହି 'ମ୍ୟାନ୍‌କ୍ସ' ନାମକ ଧୂମକେତୁ କଳା ଏବଂ ଲାଞ୍ଜବିହୀନ । ବିନା ଲାଞ୍ଜ ଥିବା ଏକ ବିଲେଇ ପ୍ରଜାତିର ନାମାନୁସାରେ ଏହାର ନାମ ରଖାଯାଇଛି । ଏଥିରେ ମଙ୍ଗଳ ଏବଂ ବୃହସ୍ପତି ଗ୍ରହରେ ମିଳୁଥିବା ବିଭିନ୍ନ ସାମଗ୍ରୀର ଅଂଶ ମିଳିଛି । ମୁଖ୍ୟ ଗବେଷକ ତଥା ୟୁନିଭରସିଟି ଅଫ୍ ହାୱାଇର ମହାକାଶବିଜ୍ଞାନୀ କାରେନ୍ ମିଚ୍ କହିଛନ୍ତି ଯେ, ମ୍ୟାନ୍‌କ୍ସ ଅନେକ ଦିନ ହେବା ସୌରମଣ୍ଡଳରେ ଜମାଟ ହୋଇଥିଲା ବୋଲି ଜଣାପଡ଼େ ।

## ସ୍ୱର୍ଣ୍ଣିମ ଐତିହ୍ୟର ଗାଥା ଗାଇବ ରାନି ବଖ୍‌ରି











ଦେଶର ପୂର୍ବ ଭୂଖଣ୍ଡର ପ୍ରାଚୀନ ଇତିହାସରୁ ଆରମ୍ଭ କରି ବିଂଶ ଶତାବ୍ଦୀର ସ୍ୱାଧୀନତା ସଂଗ୍ରାମ ପର୍ଯ୍ୟନ୍ତ ପ୍ରତିଟି ପୃଷ୍ଠାରେ ସମ୍ବଲପୁରର ସ୍ୱର୍ଣ୍ଣିମ ଐତିହ୍ୟ ସ୍ୱତନ୍ତ୍ର ସ୍ଥାନ ପାଇ ଆସିଛି । ତଥାପି ମଧ ଦଶନ୍ଧି ଧରି ସମ୍ବଲପୁରର ଅନେକ କୀର୍ତ୍ତିରାଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ସମ୍ବଲପୁରର ଶେଷ ରାଜବଂଶ ଭାବେ ପରିଚିତ ଚୌହାନ ସାମାଜ୍ୟର ଅନେକ କୀର୍ତ୍ତି ଇତିମଧ୍ୟରେ ଲୋପ ପାଇଥିବା ବେଳେ ଅଳ୍ପ କିଛି ବିଲୋପର ଦ୍ୱାରଦେଶରେ । ଯେମିତିକି ରାଣୀ ମହଲ ବା ରାନି ବଖ୍‌ରି ଯାହା କି ଶତାଧିକ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା । କିନ୍ତୁ ଏହି ରାନି ବଖ୍‌ରି ପୁଣି ଥରେ ତାର ପୂର୍ବ ଐତିହ୍ୟର ଗାଥାକୁ ଦୁନିଆଁ ଆଗରେ ବଖାଣିବା ପାଇଁ ରାଣୀ ବେଶରେ ଝଟକି ଉଠିଲାଣି । ଦୀର୍ଘ ବର୍ଷ ଦରି ଚାଲିଥିବା ଏହାର ପୁନଃଉଦ୍ଧାର କାମ ଇତିମଧ୍ୟରେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଖୁବ୍ ଶୀଘ୍ର ଏଠାରେ ଆର୍ଟ ଏବଂ ଫଟୋଗ୍ରାଫି ଗ୍ୟାଲେରି ଉଦ୍‌ଘାଟନ ହେବାକୁ ଯାଉଛି । ଐତିହାସିକ ତଥ୍ୟ ଅନୁସାରେ ପ୍ରାୟ ୧୬୬୦ ମସିହାରେ ରାଜା ବଳିୟାର୍ ସିଂ ତାଙ୍କ ଝିଅ ଜେମାଦେଇଙ୍କ ନାମରେ ରାଣୀଙ୍କ ରହିବା ପାଇଁ ଉକ୍ତ କୋଠା ନିର୍ମାଣ କରିଥିଲେ । ତିନି ମହଲା ବିଶିଷ୍ଟ ଉକ୍ତ କୋଠାରେ ୧୬ଟି କୋଠରୀ ରହିଛି । ରାଜସ୍ଥାନୀ ଗମ୍ବୁଜ ଏବଂ ଛତ୍ରି ଶୈଳୀରେ ନିର୍ମିତ ଏହି ମହଲ ଅନେକ ଇତିହାସକୁ ବହନ କରି ଆସିଛି । ରାଜତନ୍ତ୍ର ଯିବା ପରେ କାଳକ୍ରମେ ସଂପୃକ୍ତ କୋଠା ଅବହେଳିତ ଅବସ୍ଥାରେ ପଡ଼ି ସଂପୂର୍ଣ୍ଣ ଜରାଜୀର୍ଣ୍ଣ ହୋଇପଡ଼ିଥିଲା । ତେବେ ୨୦୦୧ ମସିହାରେ ପ୍ରଜେକ୍ଟ ଓଡ଼ିଶା ସ୍କିମ୍ ଜରିଆରେ କେନ୍ଦ୍ରୀୟ ଅନୁଦାନରେ ଏହାର ଛାତ ମରାମତି କରି ପୁନରୁଦ୍ଧାର କାମ ଆରମ୍ଭ ହୋଇ ମଧ ଅଟକି ଯାଇଥିଲା । ୨୦୦୯ ମସିହାରେ ସମ୍ବଲପୁର ଇନ୍‌ଟାକ୍ ଚାପଟର୍ ହେବାପରେ ଇନଟାକ୍ ଏହାର ପୁନରୁଦ୍ଧାର କାମକୁ ଗୁରୁତ୍ୱ ଦେଇ ପ୍ରୟାସ ଆରମ୍ଭ କରିଥିଲା । ୨୦୧୪-୧୫ ମସିହାରେ ତତ୍କାଳୀନ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପୁନଃଉଦ୍ଧାର କାମ ପାଇଁ ଦେଢ଼ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା । ତତ୍କାଳୀନ ଜିଲ୍ଲାପାଳ ବଲୱନ୍ତ ସିଂଙ୍କ ପ୍ରଚେଷ୍ଟାରେ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଇନଟାକ୍ ଦ୍ୱାରା ପୁନରୁଦ୍ଧାର କାମ ଚାଲିଥିବା ବେଳେ ଏବେ ଏହା ସଂପୂର୍ଣ୍ଣ ହେବା ସ୍ଥିତିରେ । ମଲ୍ଲିକା ମିତ୍ର ନାମକ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ଚାଲିଥିବା ପୁନରୁଦ୍ଧାର କାମରେ ସପ୍ତଦଶ ଶତାବ୍ଦୀର କିଛି ପାରମ୍ପରିକ ସାମଗ୍ରୀ ବ୍ୟବହାର କରାଯାଇଛି । ମରାମତି କାମରେ ସିମେଣ୍ଟ କିମ୍ବା କୌଣସି ରାସାୟନିକ ପଦାର୍ଥ ବ୍ୟବହାର ହୋଇନଥିବା ବେଳେ ପ୍ଲାଷ୍ଟରିଂ କାମରେ ବିଭିନ୍ନ ଗଛର ମଞ୍ଜି, ରସ, ଚୂନ ଆଦି ବ୍ୟବହାର କରାଯାଇଛି । ଏହାର ମରାମତି କାମ ଚୂଡ଼ାନ୍ତ ପର୍ଯ୍ୟାୟରେର ପହଞ୍ଚିଥିବା ବେଳେ ଖୁବ୍ ଶୀଘ୍ର ଏକ ଆର୍ଟ ଏବଂ ଫଟୋଗ୍ରାଫି ଗ୍ୟାଲେରି କରାଯିବାକୁ ଯୋଜନା ରହିଛି । ଇତିମଧ୍ୟରେ ଏହି ରାନି ବଖ୍‌ରି ସତକୁ ସତ ରାଣୀ ପରି ଝଟକିଲାଣି । ଏଥିରେ ସମ୍ବଲପୁର ଇତିହାସ ସମ୍ବଳତ ଫଟୋଗ୍ରାଫି ସାଙ୍ଗକୁ ଆର୍ଟ ଗ୍ୟାଲେଣି ସ୍ଥାନ ପାଇବ ବୋଲି ଜଣାପଡ଼ିଛି ।

## ମାୱା ଜଲେବି



ମଧ୍ୟପ୍ରଦେଶର ଏକ ଲୋକପ୍ରିୟ ମିଠା ମାୱା ଜଲେବି । ଏହାକୁ ଖୁଆ ଜଲେବି ବୋଲି ମଧ କୁହାଯାଇଥାଏ । ଜିଲାପି ଯେମିତି ତିଆରି ହୁଏ ଏହା ମଧ ସେହିପରି ପଦ୍ଧତିରେ ତିଆରି ହୋଇଥାଏ । କିନ୍ତୁ ଏହାର ସ୍ୱାଦ ସାଧାରଣ ଜିଲାପି ତୁଳନାରେ ସଂପୂର୍ଣ୍ଣ ଭିନ୍ନ । ଏହାକୁ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକୀୟ ଜିନିଷ ମଧ ସାଧାରଣ ଜିଲାପି ତୁଳନାରେ ଭିନ୍ନ । ଏହାକୁ ଭୋପାଳରେ ଶାହି ଜଲେବି କୁହାଯାଇଥାଏ । ବିଶ୍ୱାସ କରାଯାଏ ଏହି ଜିଲାପି ପ୍ରଥମେ ରାଜପରିବାରର ସଦସ୍ୟମାନଙ୍କ ପାଇଁ ପ୍ରସ୍ତୁତ କରାଯାଉଥିଲା । ସାଧାରଣ ଜନତା ଏହାର ସ୍ୱାଦ ଚାଖୁନଥିଲେ । କାଳକ୍ରମେ ରାଜ ଦରକାରରୁ ବାହାରି ଏହା ସାଧାରଣ ଲୋକଙ୍କ ପାକଶାଳାରେ ପ୍ରସ୍ତୁତ ହେଲା । ଯେକୌଣସି ଭୋଜି, ଉତ୍ସବ ଓ ଅନୁଷ୍ଠାନରେ ମାୱା ଜଲେବି ପରିବେଷଣ କରିବା ସତେ ଯେମିତି ଏକ ଅଲିଖିତ ପରମ୍ପରା । ମଧ୍ୟପ୍ରଦେଶର ବୁରହାନପୁର ହେଉଛି ମାୱା ଜଲେବି ପାଇଁ ପ୍ରସିଦ୍ଧ । ରାମଜାନ ମାସରେ କେବଳ ମାୱା ଜଲେବି ପାଇଁ ସଂପୂର୍ଣ୍ଣ ବୁରହାନପୁର ଚଳଚଞ୍ଚଳ ହୋଇଉଠେ । ଦେଶ ବିଦେଶରୁ ବୁରହାନପୁରର ମିଠା କାରିଗରମାନଙ୍କ ପାଖକୁ ଏହି ଜିଲାପି ପାଇଁ ବରାଦ ଆସେ । ତେବେ ଆସନ୍ତୁ ଜାଣିବା ମାୱା ଜଲେବିର ପ୍ରସ୍ତୁତ ବିଷୟରେ ।

**ପ୍ରସ୍ତୁତି :**

ମାୱା ଜଲେବି ପାଇଁ ମଇଦା, ମାୱା (ଖୁଆ), ଚିନି, ଘିଅ, ଅଳ୍ପ କ୍ଷୀର, ସାମାନ୍ୟ କେଶର (ସାଫରନ) ଆବଶ୍ୟକ ହୋଇଥାଏ । ତେବେ ଆସନ୍ତୁ ଜାଣିବା କେଉଁ ଜିନିଷ କେତେ ପରିମାଣରେ ନେବେ । ମାୱା ଜଲେବି ପାଇଁ ୧ କପ୍ ଖୁଆ, ମଇଦା ଚଉଠେ କପ୍, ଚିନି ଦେଢ଼ କପ୍, କେଶର ସାମାନ୍ୟ, ୩ ଟେବଲ ଚାମଚ କ୍ଷୀର ଓ ଛାଣିବା ପାଇଁ ଘିଅ ନେବେ । ଘିଅ ପରିବର୍ତ୍ତ ରିଫାଇନ୍ ତେଲ ନିଆଯାଇପାରିବ । ତେବେ ଘିଅରେ କଲେ ଜିଲାପିର ବାସ୍ନା ଭଲ ଆସିଥାଏ । ପ୍ରଥମେ ମଇଦା ଅଳ୍ପ ଅଳ୍ପ ପାଣି ଦେଇ ଏକ ଘୋଳ ପ୍ରସ୍ତୁତ କରିନ୍ତୁ । ଘୋଳ ଅତ୍ୟଧଦିକ ପତଳା କରିବେ ନାହିଁ । ଦେଖିବେ ଯେମିତି ଭଲ କରି ଗୋଳେଇ ହୋଇଥିବ । ଏହା ପରେ ପାତ୍ରରେ ଢାଙ୍କୁଣି ଦେଇ ଘୋଳକୁ ୧ ଘଣ୍ଟା ରଖିଦିଅନ୍ତୁ । ଏଥର ନରମ ଖୁଆରେ ୨ରୁ ୩ ଟେବଲ ଚାମଚ କ୍ଷୀର ଦେଇ ଭଲ କରି ଚକଟନ୍ତୁ ଯେମିତି ଏହା ନରମ ହୋଇଯିବ । ଚକଟା ହୋଇଗଲା ପରେ ଏହାକୁ ୧ ଘଣ୍ଟା ରଖିଦିଅନ୍ତୁ । ଘଣ୍ଟାଏ ପରେ ମାୱା ଏବଂ ମଇଦଦା ଘୋଳକୁ ଏକାଠି କରି ଗୋଳାନ୍ତୁ । ଜିଲାପିର ତିଆରି ପାଇଁ ମିଶ୍ରଣ ଯେମିତି ହୁଏ ପ୍ରାୟ ସେମିତି । କେଉଁଠି ଯେମିତି ଗୁଳା ରହିନଯାଏ ଧ୍ୟାନ ଦେବାକୁ ହେବ । ଏହାପରେ ୧ ଟେବଲ ଚାମଚ ଗରମ ପାଣିରେ କେଶର ବତୁରାଇ ରଖନ୍ତୁ । ଏକ ବଡ଼ ପାତ୍ରରେ ସିରା ତିଆରି କରିବା ପାଇଁ ଚିନି ନିଅନ୍ତୁ । ସେଥିରେ ୧ କପ୍‌ରୁ ସାମାନ୍ୟ ଅଧିକ ପାଣି ମିଶାଇ ସିରା ପ୍ରସ୍ତୁତ କରନ୍ତୁ । ୨ରୁ ୩ ମିନିଟ୍ ମଧ୍ୟରେ ଚିନି ମିଳେଇ ଗଲେ ଆଞ୍ଚ କମ୍ କରି ଦେଖନ୍ତୁ ସିରା ଅଠାଳିଆ ହେଲାଣି କି ନାହିଁ । ସିରା ଅଠାଳିଆ ହୋଇଥିଲେ କେଶର ମିଶା ପାଣି ମିଶାଇ ଗୋଳାଇ ଆଞ୍ଚରୁ କାଢ଼ି ଅଲଗା ରଖିଦେବେ । ଏହାପରେ ତଳ ମୋଟା ଥିବା ଏକ କରେଇରେ ଘିଅ ଗରମ କରି ଜିଲାପି ମିଶ୍ରଣରୁ ନେଇ ଜିଲାପି ଛାଣନ୍ତୁ । ଛାଣିବା ପାଇଁ ପଲିଥିନ ଜରି କିମ୍ବା ବଜାରରେ ମିଳୁଥିବା ପ୍ଲାଷ୍ଟିକ୍ କୋନ୍ ବ୍ୟବହାର କରିପାରିବେ । ତରବାର ହୋଇ ଛାଣିବେ ନାହିଁ । ମଧ୍ୟମ ଆଞ୍ଚରେ କୁରକୁରିଆ ହେବା ଯାଏ ଛାଣିବେ । ବାଦାବି ରଙ୍ଗର ହୋଇଆସିଲେ ଘିଅରୁ କାଢ଼ି ସିରାରେ ପକାନ୍ତୁ । ସିରାରେ ପକାଇବାର ୨ ରୁ ୩ ମିନିଟ୍ ମଧ୍ୟରେ ବାହାରକୁ ବାହାର କରିବାକୁ ହେବ । ପ୍ରସ୍ତୁତ ହୋଇଗଲା ମାୱା ଜଲେବି । ଏହାକୁ ଗରମାଗରମ ଖାଇଲେ ଖୁବ୍ ସ୍ୱାଦିଷ୍ଟ ଲାଗେ । ତେବେ ଏହା ବେଶ୍ କିଛିଦିନ ରହିଥାଏ । ମଇଦା ଓ ମାୱାର ଘୋଳକୁ ଅଧିକ ପତଳା କରିବେ ନାହିଁ । ନହେଲେ ଛାଣିଲା ବେଳେ ଏହାର ଆକୃତି ବଦଳିଯିବ ।



## ମନସୁନ୍ ଫ୍ୟାଶନ୍

ବର୍ଷାଦିନିଆ ପୋଷାକ ଋତୁ ଉପଯୋଗୀ ନ ହେଲେ ତାହା ପିନ୍ଧିବାକୁ ଅସହଜ ମନେ ହୁଏ । ତେଣୁ ବର୍ଷାଦିନେ ଫ୍ୟାଶନ୍‌ରେ କିଛିଟା ପରିବର୍ତ୍ତନ ନିଶ୍ଚୟ ଆଣିରିବା ଦରକାର । ଏହି ଦିନେ ପ୍ୟାଷ୍ଟେଲ୍ କଲର୍ ବଦଳରେ ଗାଢ଼ ରଙ୍ଗ ଟ୍ରେଣ୍ଡ୍‌ରେ ରହେ । ଆପଣ ବର୍ଷାଦିନେ କିଭଳି ପୋଷାକ, ଆକ୍ସେସରିଜ୍ ଏବଂ ରଙ୍ଗ କ୍ୟାରି କରିବେ ଜାଣନ୍ତୁ କିଛି ଟିପ୍ସ ।



**ଉଜ୍ଜ୍ୱଳ ରଙ୍ଗ ସହିତ ଆକ୍ସେସରିଜ୍:**

ବର୍ଷାଦିନେ ବ୍ରାଇଟ୍ ରଙ୍ଗର ପୋଷାକ ନିଅନ୍ତୁ । ତେବେ ମୋନୋକ୍ରୋମ ପାଟର୍ନ ସବୁଠୁ ଭଲ । ଚେରି, ଫ୍ରେଶ୍ ରେଡ୍, ବ୍ଲଶ୍ ରଙ୍ଗ ସହିତ ଗ୍ରେ, ବ୍ଲୁ ଏବଂ କ୍ରିମି ରଙ୍ଗକୁ ଟିମ୍ କରିପାରିବେ । ୟେଲୋକୁ ପପ୍ ଆଉଟ୍ କଲର୍ ରୂପେ ବ୍ୟବହାର କରିପାରିବେ । ଏହି ରଙ୍ଗକୁ ଉଭୟ ଆଉଟ୍‌ଫିଟ୍ ଏବଂ ଆକ୍ସେସରିଜ୍‌ରେ କ୍ୟାରି କରନ୍ତୁ । ହଁ ଧଳା ରଙ୍ଗକୁ ବର୍ଷାଦିନେ ନା କରନ୍ତୁ ।

**ସର୍ଟ ଆଉଟଫିଟ୍:**

ବର୍ଷାଦିନେ ୱାକ୍ କରିବା ପସନ୍ଦ ଥିଲେ, ସର୍ଟ ଆଉଟଫିଟ୍ କ୍ୟାରି କରନ୍ତୁ । କ୍ରପ୍ ଟପ୍, ସଟସ୍, ସ୍କର୍ଟ ପିନ୍ଧିପାରିବେ । ବର୍ଷାଦିନେ ସ୍ମିଟ୍ ଫ୍ୟାଶନ କ୍ୟାରି କରିବାକୁ ଭୁଲନ୍ତୁ ନାହିଁ । ଡ୍ର ଷ୍ଟ୍ରିଙ୍ଗ୍ ଡ୍ରେସ୍ ମିଡି ସ୍କର୍ଟ, ମ୍ୟାକ୍ସି ଡ୍ରେସ୍, କମନ ସ୍ଲିଭ୍ ସର୍ଟ ଡ୍ରେସ୍, ର୍‌ୟାମ୍ପ ପରି ପୋଷାକ ଆପଣଙ୍କ ଅନ୍ୟମାନଙ୍କ ଠାରୁ ଭିନ୍ନ କରିବ ।

**ସିଫନ୍ ଏବଂ ରେୟର:**

ବର୍ଷାଦିନେ ନାଇଲନ୍, ସିଫନ୍, ରେୟର୍ ପୋଷାକ ଟ୍ରେଣ୍ଡ୍‌ରେ ଥାଏ । ସିଫନ୍ ଏବଂ ରେୟର୍ କପଡ଼ା ଓଦା ହେଲେ ଜଲଦି ଶୁଖିଯାଇଥାଏ । ତେଣୁ ବର୍ଷଦିନ ପାଇଁ ଏହି ଫ୍ୟାବ୍ରିକ ସବୁଠାରୁ ଭଲ ହୋଇଥାଏ । ହେଲେ ଏହାକୁ କ୍ୟାରି କରିବା ସମୟରେ ମିକ୍ସ କଟନ୍ ସହିତ କ୍ୟାରି କରିବା ଆବଶ୍ୟକ ।

**ଟାଇଟ୍ ନୁହେଁ, ଢିଲା ଆଉଟଫିଟ୍:**

ପୋଷାକ ଓଦା ହୋଇଗଲେ ଶରୀରରେ ଲାଗିଯାଏ । ତେଣୁ ବର୍ଷାଦିନେ ଟାଇଟ୍ ଫିଟ୍ ପୋଷାକରୁ ବିରତି ନିଅନ୍ତୁ । କଟନ୍, ଖଦି ଏବଂ ସିନ୍ଥେଟିକ୍ ମ୍ୟାଟେରିଆଲ୍‌ର ଢିଲା ପୋଷାକ ପିନ୍ଧିପାରିବେ । ଫୁଲ୍ ସ୍ଲିଭ ସ୍ଥାନରେ ହାଫ୍ ସ୍ଲିଭ୍ ବାଛନ୍ତୁ ।

# ସ୍କୁଲ ଫି’ ଛାଡ଼ ପ୍ରସଙ୍ଗରେ ସରକାର ଦେଇଥିବା ଏମଓୟୁକୁ ‘ଓସା’ ଓ ‘ଓପାପ’ର ମିଳିତ ବିରୋଧ

ଭୁବନେଶ୍ୱର,୦୪।୧୦ (ନି.ପ୍ର): ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ୱେ ରାଜ୍ୟ ସରକାର ବିଦ୍ୟାଳୟର ଫି’ ବାବଦରେ ମତ ଦେଉନାହାନ୍ତି ବୋଲି ଅର୍ଗାନାଇଜେସନ୍ ଅଫ୍ ପ୍ୟାରେଂଟସ୍ ଆସୋସିଏସନନ୍ ଫୋରମ୍ ‘ଓପାପ’ ଓ ଓଡ଼ିଶା ସୂଚନା ଅଧିକାର ଅଭିଯାନ ‘ଓସା’ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେଅଭିଯୋଗ କରିଛନ୍ତି। ଓଡ଼ିଶା ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ, ଅର୍ଗାନାଇଜେସନ୍ ଅଫ୍ ପ୍ୟାରେଂଟସ୍ ଆସୋସିଏସନନ୍ ଫୋରମ୍ର ସମ୍ପାଦିକା ରୀତାରାଣୀ ସାହୁ କହିଛନ୍ତି ଯେ ଏମ୍.ଓ.ୟୁ.ରେ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କ ପାଇଁ ଫି’ ଛାଡ଼ ଧାର୍ଯ୍ୟ କେବେଠାରୁ କିପରି ହିସାବରେ ଲାଗୁ ହେବ ଏବଂ କେଉଁ ଆଧାରରେ ଏହା ଲାଗୁ କରାଯିବ, ଏହାର କୌଣସି ସ୍ପଷ୍ଟ ଚିତ୍ର ରାଜ୍ୟ ସରକାର ଉଲ୍ଲେଖ କରିନାହାନ୍ତି। ଏମ୍ଓୟୁରେ ଆନ୍ସିଲାରି ଫି’ ଉପରେ କୌଣସି ଡେଫିନେସନ୍ ନ ଦେଇ କେବଳ କିଛିଟା ନାମ ବ୍ୟବହାର କରାଯାଇଛି। ଯେଉଁ ଛଅଟି ଅତିରିକ୍ତ ଫି’ର ନାମ ଏମ୍ଓୟୁରେ ଉଲ୍ଲେଖ କରାଯାଇଛି, ତାକୁ ଛାଡ଼ିଦେଲେ ଆହୁରି ଅନେକ ଫି ଅଛି। ତେଣୁ ଯେଉଁ ଫି’ର ନାମ ଏଠି ଉଲ୍ଲେଖ କରାଯାଇଛି, ତାହା ବଦଳରେ ଆଉ ଗୋଟେ ନାମ ଦେଇ ବେସରକାରୀ ବିଦ୍ୟାଳୟମାନେ ଫି’ ଆଦାୟ କରିବେ। ଶିକ୍ଷା ଅଧିକାର ଆଇନ ଓ ସୁପ୍ରିମ କୋର୍ଟଙ୍କ ଅର୍ଡ଼ର ମୁତାବକ ଯେତେବେଳେ କୌଣସି ବିଦ୍ୟାଳୟ ୱାନ ଟାଇମ୍ ଆଡମିସନ୍ ଫି’ ଛଡ଼ା ରିଆଡ଼ମିଶନ୍ ଫି’, କ୍ୟାପିଟେସନ୍ ଫି’ ଆଦାୟ କରିପାରିବେ ନାହିଁ, ସେତେବେଳେ ଏହି ଫି’ ଛାଡ଼ର ପ୍ରଶ୍ନ ଉଠୁଛି କେଉଁଠୁ ? ଯେଉଁ ସ୍କୁଲ ଏହା ଆଦାୟ କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଦରକାର।ଯେଉଁ ବିଦ୍ୟାଳୟର ଫି’ ବାର୍ଷିକ ୬,୦୦୦ ଟଙ୍କାରୁ ଅଧିକ, ସେମାନଙ୍କୁ ୭.୫% ରିହାତି ମିଳିଲା ବେଳେ ଲକ୍ଷେ ଦେଉଥିବା ଅଭିଭାବକଙ୍କୁ ୨୬% ରିହାତି ଦେଇଛନ୍ତି। କରୋନା ଯୋଗୁଁ ପିଲା ଘରେ ଥିବା ବେଳେ ହଷ୍ଟେଲ ବାବଦକୁ ୭୦% ଆଦାୟ ଲକରାଯାଉଛି। ପରିବହନ ବାବଦରେ ଫି’ ଆଦାୟ ନିଷ୍ପତିକୁ ଅଭିଭାବକମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏ ବର୍ଷର ଯେଉଁ ଫି’ ଛାଡ଼ କରାଯିବ, ତାହା ଯେପରି ଆସନ୍ତା ବର୍ଷ ସୁଧ ମୂଳ ସହିତ ସ୍କୁଲ କର୍ତ୍ତୃପକ୍ଷ ଆଦାୟ ନ କରିବେ, ତାକୁ ଧ୍ୟାନରେ ରଖି ତୁରନ୍ତ ବେସରକାରୀ ବିଦ୍ୟାଳୟକୁ ନିୟନ୍ତ୍ରଣ କରିବା ପାଇଁ ଏକ ରେଗୁଲେସନ୍ ଆକ୍ଟ ପ୍ରଣୟନ କରିବାକୁ ସେମାନେ ଦାବି କରିଛନ୍ତି। ତା’ସହିତ ର କୋର୍ଟ ଏ ବାବଦରେ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରିଛନ୍ତି।

## ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ତୋଫାନ ତ୍ରିପାଠୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୦୪।୧୦ (ନି.ପ୍ର): ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ତୋଫାନ ତ୍ରିପାଠୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ତୋଫାନ ତ୍ରିପାଠୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ’ସାଧନା’, ’ଅଶାନ୍ତ’ ଗ୍ରହ ପରି ଚଳଚ୍ଚିତ୍ର ନିର୍ମାଣ କରି ସେ ଛାଡ଼ି ଯାଇଥିବା ଛାପ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ତାଙ୍କ ଅମର ଆତ୍ମାର ସଦଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଉଛି।

# ଜନଜାତି ସଂଗ୍ରହାଳୟରୁ ଭର୍ଚୁଆଲ୍ ଟୁର୍ ରେ ଆଜି କୁଟିଆ କନ୍ଧ ଜନଜାତିଙ୍କ ଦେଶୀ ଜ୍ଞାନକୌଶଳ

ଭୁବନେଶ୍ୱର,୦୪।୧୦ (ନି.ପ୍ର): ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଆସନ୍ତାକାଲି (ରବିବାର) ଭର୍ଚୁଆଲ୍ ଟୁରରେ କୁଟିଆ କନ୍ଧମାନେ କିଭଳି ପାରମ୍ପରିକ ଔଷଧ ବ୍ୟବହାରରେ ଦେଶୀ ଜ୍ଞାନର ଉପଯୋଗ କରୁଛନ୍ତି ତାହା ଦର୍ଶକମାନେ ଜାଣିପାରିପେବ। କୁଟିଆ କନ୍ଧମାନଙ୍କର ଜୀବନଶୈଳୀ, ପରିବେଶ ଓ ପ୍ରକୃତି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। କୌଣସି ରୋଗ ମନୁଷ୍ୟର ଶରୀର ଓ ଆତ୍ମାକୁ ପ୍ରଭାବିତ କରିଥାଏ। ବିଭିନ୍ନ କାରଣରୁ ଶରୀରର ଅସୁସ୍ଥତା ଜୀବନ ପ୍ରକ୍ରିୟାକୁ ବିଶୃଙ୍ଖଳିତ କରିଥାଏ। ତେଣୁ କୁଟିଆ କନ୍ଧମାନେ ବିଭିନ୍ନ ରୋଗରୁ ଆରୋଗ୍ୟ ଲାଭ ନିମନ୍ତେ ଉଦ୍ଭିଦ, ପ୍ରାଣୀ ଓ କୃତ୍ରିମ ଖଣିଜ ଜଳକୁ ଉପଯୋଗ କରିଥାଆନ୍ତି। ଐଶ୍ୱରିକ ଶକ୍ତିର ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଅଂଚଳର ବ୍ୟକ୍ତିମାନେ ଆରୋଗ୍ୟ ଲାଭ କରିଥାନ୍ତି। ଆଜିର ଏହି ଭିଡ଼ିଓରେ କୁଟିଆ କନ୍ଧମାନେ କିଭଳି ପାରମ୍ପରିକ ପ୍ରକ୍ରିୟାରେ ସୁସ୍ଥ ହୋଇଥା’ନ୍ତି ତାହାକୁ ଦର୍ଶକମାନେ ଦେଖିପାରିବେ । ଓଡ଼ିଶାର କଳାହାଣ୍ଡି, କନ୍ଧମାଳର ପୂର୍ବାଂଚଳ ଘାଟରେ ବସବାସ କରୁଥିବା କୁଟିଆ କନ୍ଧମାନେ କୁଇ ଭାଷା ବ୍ୟବହାର କରନ୍ତି । ଝାଡୁ ତିଆରି, ମ୍ୟାଟ୍ ପ୍ରସ୍ତୁତି, ବେତ ଆଦି ବୁଣିବା, ଲିଚୁ ଚାଷ, ଟସର ଚାଷ, ପୋଡୁଚାଷ ସେମାନଙ୍କର ମୁଖ୍ୟ ପେଶା ଅଟେ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ପ୍ରତ୍ୟେକ ରବିବାର ଦିନ ଦର୍ଶକମାନେ ଏସ୍‌ସିଏସ୍‌ଟିଆରଟିଆଇ ପରିସରରେ ଥିବା ଜନଜାତି ସଂଗ୍ରହାଳୟକୁ ଫେସବୁକ୍ ଓ ଟୁଇଟର ପେଜ୍ ଅସ୍ପସ୍ପସ୍ପକ୍ସସ୍ପସ ଓ ଅସ୍ପସ୍ପସ୍ପମୟରଙ୍ଗ ଖୋଲି ଘରେ ବସି ଦେଖିପାରୁଛନ୍ତି। ମାସର ପ୍ରତ୍ୟେକ ରବିବାର ଦିନ ଏହି ଭର୍ଚୁଆଲ୍ ପରିଦର୍ଶନର ସୁଯୋଗ ନେବା ପାଇଁ ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି ।

## ଜିଲ୍ଲା ସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

# ଗାନ୍ଧୀ ପଡିଆ ସ୍ଥିତ ଗାନ୍ଧିମୂର୍ତ୍ତି ସୌନ୍ଦର୍ଯ୍ୟକରଣ, ସୁଲଭ ଶୌଚାଳୟ ଲୋକାର୍ପିତ

ଭଦ୍ରକ,୪।୧୦(ହି.ସ) : ଭଦ୍ରକ ନୂଆବଜାର ଗାନ୍ଧୀ ପଡିଆ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ସୌନ୍ଦର୍ଯ୍ୟ କରଣ କରାଯାଇ ଆଜି ତାହାକୁ ଲୋକାର୍ପିତ କରାଯାଇଛି। ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଲୋକାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲାପାଳ ଡ. ଜ୍ଞାନ ଦାସ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ପୌରନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପରେ ଅତିଥିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରେ ଗାନ୍ଧିଜୀ ଟାଲିସମ୍ୟାନ (କବଚ)ର ଏକ ଫଳକର ଶୁଭ ଉନ୍ମୋଚନ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ




ଫାଟକ ନିକଟସ୍ଥ ସୁଲଭ ଶୌଚାଳୟ ଓ ପାର୍କକୁ ମଧ ଲୋକାର୍ପଣ କରିଥିଲେ। ଉତ୍ସବ ପୂର୍ବରୁ ପୂର୍ବାହ୍ନରେ ଜିଲ୍ଲାପାଳ ଡ. ଦାସ ଜିଲ୍ଲା ସ୍କୁଲ ପରିସର ଓ ମହତାବ କୋଠୀ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ଗରଦପୁର ସ୍ଥିତ ଗାନ୍ଧୀ ଓଡ଼ିଶା ବାଳାଶ୍ରମକୁ ଯାଇ ସେଠାରେ ଅନ୍ତେବାସୀଙ୍କୁ ଜଳଖିଆ ପ୍ୟାକେଟ ପ୍ରଦାନ କରିବା ସହିତ ଗାନ୍ଧୀ ସ୍ମୃତି ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ଭର୍ଚୁଆଲ ମୋଡ୍‌ରେ ପାଳନ କରାଯାଇଥିଲା।

# ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଅକ୍ଟୋବର ମାସ ପାଇଁ କୋଭିଡ୍ – ୧୯ ମାର୍ଗଦର୍ଶିକା ଜାରି

ବାରିପଦା,୦୪।୧୦ (ନି.ପ୍ର): ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଅକ୍ଟୋବର ମାସ ପାଇଁ କୋଭିଡ୍ -୧୯ ମାର୍ଗଦର୍ଶିକା ଜାରି କରାଯାଇଛି। ପରିବର୍ତ୍ତିତ ଗାଇଡ୍ ଲାଇନ ନିର୍ଦ୍ଦେଶାନାମାନୁସାରେ କେବଳ କଣ୍ଟେନମେଣ୍ଟ ଜୋନରେ ଲକ୍ ଡାଉନ ଅକ୍ଟୋବର ୩୧ ପ୍ରର୍ଯ୍ୟନ୍ତ ଲାଗୁ ହେବ । ସ୍ୱାସ୍ଥ୍ୟ ବିଭାଗ ମାର୍ଗଦର୍ଶିକାନୁସାରେ କଣ୍ଟେନମେଣ୍ଟ ଜୋନ ଅଂଚଳରେ କେବଳ ସ୍ୱାସ୍ଥ୍ୟସେବା ଏବଂ ଅତ୍ୟାବଶ୍ୟକୀୟ ସେବା ପ୍ରଦାନ, ଯୋଗାଣ ପାଇଁ ନିୟୋଜିତ ପ୍ରାଧିକୃତ ଅଧିକାରୀ, ଡାକ୍ତର, କର୍ମଚାରୀ ବ୍ୟତୀତ ଅନ୍ୟ କୌଣସି ଲୋକଙ୍କ କଣ୍ଟେନମେଣ୍ଟ ଜୋନ ଅଂଚଳର ଭିତରେ ଓ ବାହାରେ ଚଳପ୍ରଚଳ ପ୍ରତି କଟକଣା ଲାଗୁଅଛି। ଜିଲ୍ଲାରେ ସମସ୍ତ ସାମାଜିକ, ରାଜନୈତିକ, କ୍ରୀଡା(ଖେଳ କୁଦ), ମନୋରଞ୍ଜନ, ଏକାଡେମିକ, ସାଂସ୍କୃତିକ, ଧର୍ମୀୟ ସମାବେଶ ଆଦି ଜନସମାବେଶ କାର୍ଯ୍ୟକ୍ରମକୁ ଅକ୍ଟୋବର ୩୧ ପ୍ରର୍ଯ୍ୟନ୍ତ ନିଷେଧ କରାଯାଇଅଛି। ସମସ୍ତ ସିନେମା ହଲ, ସୁଇମିଂ ପୋଲ୍, ଅବସର ବିନୋଦନ କେନ୍ଦ୍ର, ଥିଏଟର, ଓଡିଟୋରିଅମ ଆଦି ଜନସମାଗମ ଭଳି ସ୍ଥାନ ସର୍ବସାଧାରଣଙ୍କ ପାଇଁ ଅକ୍ଟୋବର ୩୧ ପ୍ରର୍ଯ୍ୟନ୍ତ ବନ୍ଦ ରହିବ। ସେହିପରି ଜିଲ୍ଲାର ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଅନ୍ୟାନ୍ୟ ଶିକ୍ଷା ସମ୍ବନ୍ଧୀୟ ତାଲିମ, କୋଚିଂ,ଅଙ୍ଗନୱାଡି କେନ୍ଦ୍ର ଆଦି ଆସନ୍ତା ପୂଜା ଛୁଟି ଅକ୍ଟୋବର ମାସ ପ୍ରର୍ଯ୍ୟନ୍ତ ବନ୍ଦ ରହିବ। ତେବେ ପରୀକ୍ଷା ପରିଚାଳନ , ପ୍ରବେଶିକା ପରୀକ୍ଷା ଓ ମୂଲ୍ୟାଙ୍କନ ଏବଂ ପ୍ରଶାସନିକ କାର୍ଯ୍ୟ ଅନ୍‌ଲାଇନ, ଦୂରଶିକ୍ଷା ଆଦି ଅନୁମତି ମୁତାବକ ଚାଲୁରହିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ ଅନୁମତି କ୍ରମେ ୫୦ ପ୍ରତିଶତ ଟିଚିଂଗ ଓ ନନ୍ ଟିଚିଂଗ ଷ୍ଟାଫ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟର ସୁପରିଚାଳନା ପାଇଁ ଉପସ୍ଥିତ ରହିବେ। ସେହିପରି ଅନ୍ୟାନ୍ୟ ସମସ୍ତ କଟକଣା ନଥିବା କାର୍ଯ୍ୟକ୍ରମ ମଧ ସ୍ୱାସ୍ଥ୍ୟବିଭାଗ ପ୍ରୋଟୋକଲ୍ ଅନୁସାରେ କାର୍ଯ୍ୟକ୍ରମ ଗୁଡିକ କରାଯାଇପାରିବ। ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ସ୍ୱୀକୃତି ପ୍ରାପ୍ତ ପରିଚାଳିତ ସୁଇମିଂ ପୋଲ ଅକ୍ଟୋବର ୧୫ ରୁ କ୍ରୀଡାବିତ୍‌ମାନଙ୍କ ତାଲିମ୍ କାର୍ଯ୍ୟକ୍ରମ କେନ୍ଦ୍ର ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜାରି(ଏସ୍‌ଓପି) ଅନୁସାରେ କାର୍ଯ୍ୟକାରୀ ହେବ। ଏତଦ୍ ବ୍ୟତୀତ୍ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ଏବଂ ଘରୋଇ କାର୍ଯ୍ୟାଳୟ/ ପ୍ରତିଷ୍ଠାନ କ୍ଷେତ୍ରରେ କୋଭିଡ୍ ସଂକ୍ରମଣ ପ୍ରତିରୋଧ ପାଇଁ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜାରି ଗାଇଡ୍ ଲାଇନ୍ (ଏସ୍‌ଓପି) ଆଧାରରେ ଅଫିସ କାର୍ଯ୍ୟ ସଂପାଦନ କରାଯିବ। ସମସ୍ତ ଦୋକାନ, ବଜାର ଓ ବାଣିଜ୍ୟକ / ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କରେ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତା ୬ ଫୁଟ ବ୍ୟବଧାନ ବଜାଇ ରଖିବା ସହିତ ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ଅଟେ। ୬୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି, ଅସୁସ୍ଥ ବ୍ୟକ୍ତି, ଗର୍ଭବତୀ ମହିଳା ଏବଂ ୧୦ ବର୍ଷରୁ କମ୍ ଶିଶୁ ପିଲାଙ୍କ କ୍ଷେତ୍ରରେ ସ୍ୱାସ୍ଥ୍ୟ ସମସ୍ୟା ଭଳି ଅତ୍ୟନ୍ତ ଜରୁରୀ ଆବଶ୍ୟକତା ନଥିଲେ ଘରୁ ବାହାରକୁ ନବାହାରିବାକୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ କଟକଣା ଲାଗୁ କରାଯାଇଛି। ଏଥି ସହିତ କୋଭିଡ୍-୧୯ ସଂକ୍ରମଣର ପ୍ରତିରୋଧ ପାଇଁ ସର୍ବସାଧାରଣ ସତର୍କତା ଆଧାରିତ ମାର୍ଗଦର୍ଶିକାନୁସାରେ ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ଅଟେ। ସମସ୍ତ ସର୍ବସାଧାରଣ ସ୍ଥାନ, ପରିବହନ ଓ କାର୍ଯ୍ୟ କ୍ଷେତ୍ରରେ ସାମାଜିକ ଦୂରତା ବଜାୟ ରଖିବା ନିୟମ ଅନୁପାଳନ ସହ ସର୍ବସାଧାରଣ ସ୍ଥାନ, କାର୍ଯ୍ୟସ୍ଥଳରେ ଛେପ ପକାଇବା ମନା। ଏହା ଅମାନ୍ୟ କଲେ ନିୟମାନୁସାରେ ଦଣ୍ଡିତ ହେବେ। ବିବାହ, ଅନ୍ତେଷ୍ଟି କ୍ରିୟା ଆଦି ସମାଜିକ କାର୍ଯ୍ୟକ୍ରମ ଯଥା ବିବାହ ପାଇଁ ସର୍ବାଧିକ ୫୦ ଜଣ ଏବଂ ଶେଷକୃତ୍ୟ କାର୍ଯ୍ୟ ପାଇଁ ସର୍ବାଧିକ ୨୦ ଜଣ ସୀମିତ ଲୋକଙ୍କ ମଧ୍ୟରେ ଅନୁମତି ପୂର୍ବକ କୋଭିଡ୍ ନିୟମ ଅନୁପାଳନ କରିବେ। ସର୍ବସାଧାରଣ ସ୍ଥାନ ମାନଙ୍କରେ ମଦ, ପାନ, ଗୁଟକା, ଟାବାକୋ(ତମାଖୁ) ଆଦି ବ୍ୟବହାର ଉପରେ କଟକଣା ଲାଗୁ ରହିଛି। ସମସ୍ତ ଯାତ୍ରୀବାହୀ ଯାନବାହାନ ଓ ଜିନିଷ ପତ୍ର ପରିବହନ ଆଦି ଯାନବାହାନ ନିୟମ ଅନୁଯାଇ ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ଚଳାଚଳ କରିପାରିବେ। ସେଲୁନ୍, ସ୍ପା, ବିୟୁଟି ପାଲର୍ ଆଦି ଦୋକାନରେ ସତର୍କତା ଅବଲମ୍ବନ ପୂର୍ବକ ଗ୍ରାହକ ମାନଙ୍କ ପାଇଁ ସାନିଟାଇଜେସନ ବ୍ୟବସ୍ଥା ମଧ୍ୟରେ ପରିଚାଳାନା କରିବେ ଏଥିରେ ଖିଲାପ କଲେ ନିୟମ ଅନୁସାରେ ଦୋକାନ ବନ୍ଦ କରାଯିବ। ଏହା ତ୍ୱରିତ କାର୍ଯ୍ୟକାରିତା ପାଇଁ ଆରକ୍ଷୀ ଅଧିକ୍ଷକ, ପିଡି ଡିଆର୍‌ଡିଏ, ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ, ବି.ଡି.ଓ , ତହସିଲଦାର, ପୌର ଓ ବିଜ୍ଞାପିତ କ୍ଷେତ୍ର ପରିଷଦର ନିର୍ବାହୀ ଅଧିକାରୀଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି ନିର୍ଦ୍ଦେଶନାମାରେ ଅବଗତ କରାଯାଇଛି।

# ଗୁଣପୁରରେ ମିନି ମାରାଥନ ଓ ଗାନ୍ଧୀ ଜୟନ୍ତୀ ପାଳିତ

ଗୁଣପୁର,୦୪।୧୦ (ନି.ପ୍ର): ଗୁଣପୁର ଉପଖଣ୍ଡ ସଦର ମହକୁମା ଠାରେ ଗାନ୍ଧୀ ଜୟ‘ୀ ଅବସରରେ ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜୟ‘ୀ ପାଳିତ ହୋଇ ଯାଇଛି । ଗୁଣପୁର ଉପ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ପୁରୁଣା ବସ ଷ୍ଟାଣ୍ଡ ସ୍ଥିତ ଗାନ୍ଧୀ ମୂର୍ତ୍ତୀରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ପିଲା ମାନଙ୍କୁ ମିଠେଇ ବାଣ୍ଟି ସମସ୍ତଙ୍କ ସହ ମିଶି ଜାତୀୟ ସଙ୍ଗୀତ ଗାନ କରିଥିଲେ । ପରେ ଜଗନ୍ନାଥ ମନ୍ଦିର ପରିସରରୁ ଏକ




ମିନି ମାରାଥନ ଦୌଡ଼ର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳଙ୍କ ସହ ଗୁଣପୁର ପୌର ନିର୍ବାହୀ ଅଧିକାରୀ ଶ୍ରୀ ଉମା ପ୍ରସାଦ ଦାସ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ସେହିପରି ଗାନ୍ଧୀ ବିଶ୍ୱବିଦ୍ୟାଳୟ, ଗାନ୍ଧୀ ପବ୍ଲିକ ସ୍କୁଲ, ମହାତ୍ମାଗାନ୍ଧୀ ଇଣ୍ଟରନେସନାଲ ପବ୍ଲିକ ସ୍କୁଲ, ଓ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ସମସ୍ତ ଅନୁଷ୍ଠାନ ରେ କୋଭିଡ୍-୧୯ ନିୟମକୁ ପାଳନ କରି ସାମାଜିକ ଦୁରତା କୁ ବଜାୟ ରଖି ପାଳନ କରାଯାଇଛି।

# ପାହି ଅସ୍ତିଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ଶିବଶକ୍ତି ହୋମିଓ କ୍ଲିନିକ ଉଦଘାଟିତ

ବାଲିଆପାଳ,୦୪।୧୦ (ନି.ପ୍ର): ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ପାହି ଅସ୍ତି ଦୁର୍ଗା ମଣ୍ଡପଠାରେ ସମାଜ କଲ୍ୟାଣ ଓ ସେବା ଉଦ୍ଦେଶ୍ୟରେ“ଶିବଶକ୍ତି ହୋମିଓ କ୍ଲିନିକ”ଉଦଘାଟିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧାପକ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ । ଗ୍ରାମାଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଶିବଶକ୍ତି ହୋମିଓ କ୍ଲିନିକ ବେଶ ସହାୟକ ହେବ ବୋଲି ଶ୍ରୀ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ କହିଥିଲେ । ସମ୍ମାନୀତ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ତଥା କବି ବ୍ରଜେନ୍ଦ୍ର ନାଥ ଗିରି ,ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ପ୍ରସାଦ ସାହୁ,ସୁବଳ ଚରଣ ମଇକାପ,ନିତ୍ୟାନନ୍ଦ ଦାସ,ଅମୂଲ୍ୟ କୁମାର ଘଡାଇ,ନିରଞ୍ଜନ



ଦେ,ଶ୍ରୀମତୀ ଗୀତାରାଣୀ ଦେ,କବି ସନ୍ୟାସୀ ବେହେରା,ଦେବାନନ୍ଦ ବେରି,ରାଖାଲ ଚନ୍ଦ୍ର ସାମନ୍ତ,ଅଧାପକ ପିତାମ୍ବର ଜେନା,ସୁଧୀର କୁମାର ପାତ୍ର,ଅମୂଲ୍ୟ ଚରଣ ସାନ୍ତରା,ବଳରାମ ମଣ୍ଡଳ,ଜଳଧର ମଣ୍ଡଳ ପ୍ରମୁଖ ଉକ୍ତ ଉଦଘାଟନ ଉତ୍ସବରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଲିନିକର ଡାକ୍ତର ଅନିରୁଦ୍ଧ ମଣ୍ଡଳ ଶିବଶକ୍ତି ହୋମିଓ କ୍ଲିନିକ ଅବିରାମ ଗତିରେ ଗ୍ରାମାଞ୍ଚଳର ସମସ୍ତ ରୋଗୀ ମାନଙ୍କୁ ଚିକିତ୍ସା ଯୋଗାଇ ଦେବ ବୋଲି କହିବା ସହିତ ଉପରୋକ୍ତ ଅତିଥି ମାନଙ୍କୁ ପ୍ରୀତିଭରା ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଥିଲେ ।

# କୋଭିଡ ରୋଗୀଙ୍କ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆଉ ଏକ ସୁବିଧା

ଝାରସୁଗୁଡ଼ା,୦୪।୧୦ (ନି.ପ୍ର): କୋଭିଡ ହସ୍ପିଟାଲ, ଝାରସୁଗୁଡ଼ାରେ ଏଇ ଜିଲ୍ଲା ତଥା ପାର୍ଶ୍ୱବର୍ତ୍ତୀ ବରଗଡ଼ର କୋଭିଡ ସଂକ୍ରମିତ ରୋଗୀମାନେ ଚିକିତ୍ସାର ସୁବିଧା ଲାଭ କରିଛନ୍ତି ଓ ଆଗକୁ ଗୁଣାତ୍ମକ ଚିକିତ୍ସା ମଧ ପାଇବେ । ଏହି ରୋଗ ପାଇଁ ନିର୍ଦ୍ଦେଶିକା ଅନୁଯାୟୀ କୋଭିଡ ହସ୍ପିଟାଲ ମଧକୁ ଚିକିତ୍ସା ସେବା ଯୋଗାଉଥିବା କାର୍ଯ୍ୟକର୍ତ୍ତାମାନଙ୍କ ଛଡ଼ା ଆଉ କେହି ଯାଇପାରିବେ ନାହିଁ । ଏହି ଦୃଷ୍ଟିରୁ ବିଭିନ୍ନ ସମୟରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କର ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ରୋଗୀମାନଙ୍କର ସ୍ୱାସ୍ଥ୍ୟ ବିଷୟରେ ନଜାଣିପାରି ଉଦବିଗ୍ନ ରହୁଛନ୍ତି । ଏହା ବ୍ୟତୀତ ସମ୍ପୃକ୍ତ ରୋଗୀଙ୍କୁ କଣ କଣ ଚିକିତ୍ସା ଯୋଗାଇ ଦିଆଯାଉଛି ସେ ବିଷୟରେ ଜାଣି ପାରୁନାହାନ୍ତି । ଏହାକୁ ଦୃଷ୍ଟିରେ ରଖି କୋଭିଡ ହସ୍ପିଟାଲ କ୍ୟାମ୍ପସ ମଧ୍ୟରେ ଏକ ସ୍ୱତନ୍ତ୍ର ବିଲଡିଂରେ ଚବିଶ ଘଣ୍ଟିଆ ସହାୟତା କେନ୍ଦ୍ର (ହେଲ୍ପ ଡେସ୍କ)କାର୍ଯ୍ୟକ୍ଷମ କରାଯାଇଛି । ଏହି ହେଲ୍ପ ଡେସ୍କର ଫୋନ ନମ୍ବର ୦୬୬୪୫ - ୨୭୦୦୧୦ , ୭୮୪୮୦୯୮୫୯୨। ଏହି ଫୋନକୁ ଯୋଗାଯୋଗ କରି ପରିବାର ସଦସ୍ୟ ଓ ଆତ୍ମୀୟମାନେ ରୋଗୀଙ୍କ ବିଷୟରେ ଜାଣିପାରିବେ ଓ ଏହା ଛଡ଼ା କେହି ଚାହିଁଲେ ସ୍ୱତନ୍ତ୍ର ବିଲଡିଂରେ କାମ କରୁଥିବା ହେଲ୍ପ ଡେସ୍କକୁ ଯାଇପାରିବେ । ସେହି ଭଳି ଭାବରେ କୋଭିଡ ପଜିଟିଭ ହେଲା ପରେ ଘରେ ପୃଥକ ବାସରେ ରହି ଚିକିତ୍ସିତ ହେଉଥିବା ବ୍ୟକ୍ତିମାନଙ୍କ ପାଇଁ ଜିଲ୍ଲାରେ ଆଠ ଗୋଟି ମୋବାଇଲ ମେଡିକାଲ ଟିମ କାର୍ଯ୍ୟ କରୁଛି । ମୋବାଇଲ ମେଡିକାଲ ଟିମରେ ଥିବା ଡାକ୍ତର ଓ ଅନ୍ୟ କର୍ମଚାରୀମାନଙ୍କର ଟେଲିଫୋନ ସମ୍ପୃକ୍ତ ରୋଗୀଙ୍କର ମେଡ଼ିସିନ କିଟରେ ଦିଆଯାଇଅଛି ।ଏହି ବର୍ଗର କୋଭିଡ ରୋଗୀଙ୍କର ଚିକିତ୍ସା ଓ ବ୍ୟବହାରିକ ଜୀବନ ଚର୍ଯ୍ୟାକୁ ନିଶ୍ଚିତ କରାଇବା ପାଇଁ କାର୍ଯ୍ୟ କରୁଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ କର୍ମଚାରୀ ଦଳ(ମୋବାଇଲ ମେଡିକାଲ ଟିମ)ର କାର୍ଯ୍ୟକୁ ତଦାରଖ କରିବା ନିମନ୍ତେ ସମ୍ପୃକ୍ତ ବିଡିଓ ଓ ମ୍ୟୁନିପାଲିଟି ନିର୍ବାହୀ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ତେବେ ଏହି ସଂଚାଳନକୁ ସୁଗମ କରିବା ନିମନ୍ତେ ଜିଲ୍ଲା ସଦର ମହକୁମା ମୁଖ୍ୟ ଚିକିତ୍ସାଳୟରେ ଏକ ନିୟନ୍ତ୍ରଣ କକ୍ଷ ଆସନ୍ତା ଦୁଇ ଦିନ ମଧ୍ୟରେ କାର୍ଯ୍ୟକ୍ଷମ କରାଯାଉଅଛି । ଘରେ ପୃଥକ ବାସରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ମଧ୍ୟରେ ସ୍ଥଳ ବିଶେଷରେ ସ୍ୱାସ୍ଥ୍ୟଗତ ଜଟିଳତା ଦେଖାଯାଉଛି ଏବଂ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ କୋଭିଡ ହସ୍ପିଟାଲ / କୋଭିଡ ହେଲଥ ସେଣ୍ଟର / କୋଭିଡ କେୟାର ସେଣ୍ଟରକୁ ଅଣାଯାଉଅଛି । ତେବେ, ଏହି କାର୍ଯ୍ୟରେ ବେଗ ଆଣିବା ଏବଂ ଆମ୍ବୁଲାନ୍ସ ସେବାକୁ ବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ଆମ୍ବୁଲାନ୍ସ ଆଟ କଲ ଆରମ୍ଭ କରାଯାଇଅଛି । ସେବା ହାସଲ କରିବା ନିମନ୍ତେ ହେଲ୍ପ ଡେସ୍କ ପାଇଁ ପ୍ରଦତ୍ତ ଟେଲିଫୋନ ନମ୍ବରରେ ଆମ୍ବୁଲାନ୍ସ ଡକାଯାଇପାରିବ ।

# ସ୍ତ୍ରୀକୁ ଛୁରୀ ଭୁଷି ଓ ପଥରରେ ଛେଚି ହତ୍ୟା : ଅଭିଯୁକ୍ତ ସ୍ୱାମୀକୁ ଗିରଫ କଲା ପୋଲିସ

କନ୍ଧମାଳ,୦୪।୧୦ (ନି.ପ୍ର): ସ୍ତ୍ରୀ ଗାଧୋଇବା ପାଇଁ ଯାଇଥିବା ସମୟରେ ସ୍ୱାମୀ ସ୍ତ୍ରୀକୁ ଛୁରୀ ମାରିବା ସହ ମୁହଁକୁ ପଥରରେ ଛେଚି ଜଘନ୍ୟ ହତ୍ୟା କରିଛି । ଏହିଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲିଗୁଡା ଥାନା ଅନ୍ତର୍ଗତ ଗଟାଙ୍ଗି ଅଂଚଳରେ । ଘଟଣାରୁ ପ୍ରକାଶ ଯେ, ବାରଖମା ଗ୍ରାମର ରତିକାନ୍ତ ଦିଗାଳ ନାମକ ଜଣେ ଯୁବକ ଗଟାଙ୍ଗି ଅଂଚଳରେ ରହୁଥିବା ଜାଜ୍ଞସେନୀ ଦିଗାଳଙ୍କୁ ଗତ ୨୦୦୭ ମସିହାରେ ବିବାହ କରିଥିଲେ ଓ ବର୍ତ୍ତମାନ ସେମାନଙ୍କର ତିନୋଟି ସନ୍ତାନ ଅଛନ୍ତି । ଗତ କିଛି ବର୍ଷ ଧରି ଉଭୟ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ପାରିବାରିକ କଳହ ଲାଗିରହିଥିଲା । କିଛି ଦିନ ଧରି ସ୍ତ୍ରୀ ଜାଜ୍ଞସେନୀ ନିଜ ବାପା ଘର ଗଟାଙ୍ଗିରେ ରହି ଆସୁଥିଲେ । ଗତ ଦୁଇ ଦିନ ତଳେ ରତିକାନ୍ତ କ୍ରୋଧ ପରାୟଣ ହୋଇ ଗଟାଙ୍ଗି ଗ୍ରାମରେ ପହଁଚିଥିଲେ । ସେହି ସମୟରେ ଜାଜ୍ଞସେନୀ ଗଟାଙ୍ଗିର ଦଣମୁଣ୍ଡା ନାଳକୁ ଗାଧୋଇ ଯାଇଥିଲେ । ସେହି ସ୍ଥାନକୁ ରତିକାନ୍ତ ଯାଇ ଜାଜ୍ଞସେନୀକୁ ଡାକି ଆଣି ପ୍ରଥମେ ଛୁରୀ ଭୁଷିବା ସହିତ ତାଙ୍କ ମୁଣ୍ଡ ଓ ମୁହଁକୁ ପଥରରେ ଛେଚି ହତ୍ୟା କରିବାକୁ ଚେଷ୍ଟା କରିଥିଲା । ଜାଜ୍ଞସେନୀକୁ ଗୁରୁତର ଅବସ୍ଥାରେ ସେହି ନାଳ ନିକଟରୁ ଅଂଚଳର ଲୋକମାନେ ପ୍ରଥମେ ବାରଖମା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ବାରଖମାରୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ଆଣିବା ସମୟରେ ଅଧା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପୋଲିସ ପକ୍ଷରୁ ସୂଚନା ମିଳିଛି । ଏହି ଘଟଣାକୁ ନେଇ ମୃତକର ମା ଥାନାରେ ଲିଖିତ ଏତଲା ଦେଇଛନ୍ତି । ହତ୍ୟାରେ ବ୍ୟବହୃତ ହୋଇଥିବା ଛୁରୀ ଓ ପଥରକୁ ପୋଲିସ ଜବତ କରିବା ସହ ହତ୍ୟାକାରୀ ରତିକାନ୍ତ ଦିଗାଳକୁ ଗିରଫ କରିଛି । ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ୧୮୨/୨୦୨୦ ରୁଜୁ କରି ଅଭିଯୁକ୍ତ ସ୍ୱାମୀକୁ କୋର୍ଟ ଚାଲାଣ କରାଯିବା ଏବଂ ଉକ୍ତ ହତ୍ୟା ଘଟଣାର ତଦନ୍ତ ଅଧିକାରୀ ଭାବେ ଏସଆଇ ଦୀପକ କୁମାର ରାଉତ ଦାୟୀତ୍ୱ ନେଇଛନ୍ତି ବୋଲି ବାଲିଗୁଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି ।

# କେନ୍ଦ୍ରୀୟ ପୋଲିସ୍ ବଳ ସହିତ ସମନ୍ୱୟ ରକ୍ଷା କରି ମାଓ ଦମନ କରାଯିବ

ଭୁବନେଶ୍ୱର,୦୪।୧୦ (ନି.ପ୍ର): କେନ୍ଦ୍ର ଗୃହ ମନ୍ତ୍ରଣାଳୟର ବରିଷ୍ଠ ସୁରକ୍ଷା ପରାମର୍ଶଦାତା କେ. ବିଜୟ କୁମାର ଏବଂ ସିଆରପିଏଫ୍ ଡିଜି ଏ.ପି ମାହେଶ୍ୱରୀ ଶନିବାର ଦିନ ଓଡିଶା ଗସ୍ତରେ ଆସି ଭୁବନେଶ୍ୱର ଠାରେ ବାମପନ୍ଥୀ ସନ୍ତ୍ରାସବାଦ ଉପରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଇ ସମୀକ୍ଷା କରିଥିଲେ। ବୈଠକରେ ଆନ୍ଧ୍ର ଓ ଓଡିଶା ପୋଲିସ୍ ମଧ୍ୟରେ ଥିବା ଉତମ ସମନ୍ୱୟ ଢାଂଚାରେ କେନ୍ଦ୍ରୀୟ ପୋଲିସ୍ ବଳ ସହିତ ସମନ୍ୱୟ ରକ୍ଷା କରି ମାଓ ଦମନ କାର୍ଯ୍ୟକୁ ଆଗେଇ ନେବାପାଇଁ ବୈଠକରେ ସ୍ଥିର ହୋଇଥିଲା। ଏହି ବୈଠକରେ ମୁଖ୍ୟତଃ ରାଜ୍ୟରେ ବର୍ତମାନ ବାମପନ୍ଥୀ ସନ୍ତ୍ରାସବାଦର ସ୍ଥିତି ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ରାଜ୍ୟରେ ମାଓ ପ୍ରଭାବକୁ ପ୍ରତିହତ କରିବା ପାଇଁ ନିଆଯାଇଥିବା ପଦକ୍ଷେପର ଅଗ୍ରଗତି, ମାଓ ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ରଣକୌଶଳ, ରାଜ୍ୟରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବଳର ପୁନଃ ମୁତୟନ, ରାଜ୍ୟ ପୋଲିସ୍ ଓ କେନ୍ଦ୍ରୀୟ ପୋଲିସ୍ ବଳ ମଧ୍ୟରେ ଉଚିତ୍ ସମନ୍ୱୟ ରକ୍ଷା କରି କାର୍ଯ୍ୟକରିବା ଓ ଅନ୍ୟାନ୍ୟ ଆବଶ୍ୟକତା ବାବଦରେ ଆଲୋଚନା କରାଯାଇଥିଲା। ବୈଠକରେ ରାଜ୍ୟର ଅତ୍ୟଧିକ ମାଓ ପ୍ରବଣ ଅଂଚଳରେ କେନ୍ଦ୍ରୀୟ ସୁରକ୍ଷାବଳର ସହଯୋଗରେ ମାଓ ଦମନ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। କଳାହାଣ୍ଡି , କନ୍ଧମାଳ ଓ ନବରଙ୍ଗପୁର ଜିଲ୍ଲାରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବଳର ଶୀଘ୍ର ପୁନଃ ମୁତୟନ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ରାଜ୍ୟ ପୋଲିସ୍ ଡିଜି ଶ୍ରୀ ଅଭୟ, ବିଏସଏଫର ସ୍ୱତନ୍ତ୍ର ଡିଜି କୁଲଦୀପ ସିଂହ, ଅତିରିକ୍ତ ଡିଜି ଏସ.ଏଲ୍ ଥାଓସନ୍, ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ରାଧାକୃଷ୍ଣ ଶର୍ମା, ଆଇଜି ଅପରେସନ୍ ଅମିତାଭ ଠାକୁରଙ୍କ ସମେତ ଓଡିଶା ପୋଲିସ୍ , ବିଏସଏଫ୍ ଓ ସିଆରପିଏଫ୍ ର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ମେ ଆଇ ହେଲ୍ପ ୟୁ- ମୋ ପରିବାରର ରକ୍ତଦାନ ଶିବିର : ୮୧ ୟୁନିଟ୍ ସଂଗୃହୀତ

ଜଳେଶ୍ୱର,୦୪।୧୦ (ନି.ପ୍ର): ଜଳେଶ୍ୱର ଅଂଚଳର କେତେଜଣ ଯୁବକ, ଛାତ୍ର ମିଶି ଗଠନ କରିଥିବା ମେ ଆଇ ହେଲ୍ପ ୟୁ- ମୋ ପରିବାର ସମାଜ ସଚେତନତା କାର୍ଯ୍ୟ କରିଚାଲିଛି । ଆଜି ଜଳେଶ୍ୱର କେନ୍ଦ୍ରସ୍ଥଳୀ ସତ୍ୟନାରାୟଣ ମନ୍ଦିର ପରିସରରେ ସଂଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏହାକୁ ଆଇ ଆଇ ସି ମାନସ କୁମାର ଦେଓ ଉଦ୍‌ଘାଟନ କରି ସାମ୍ପ୍ରତିକ ସମାଜରେ ଯୁବଶକ୍ତି ନିଜକୁ



ସମାଜସେବା ଓ ପରହିତ ଲାଗି ଉତ୍ସର୍ଗ କଲେ ସାମାଜିକ ବିକାଶ ଘଟିବ ବୋଲି କହିଥିଲେ । ସଂଗଠନର ଆବାହକ ଜଗନ୍ନାଥ ପରିଡାଙ୍କ ତତ୍ୱାବଧାନରେ ସତ୍ୟବ୍ରତ ପ୍ରମାଣିକ, ଆସୁତୋଷ ଜେନା, ଅଜିତ୍ ଜେନା, ଅକ୍ଷୟ ଜେନା, ସନ୍ଦିପ ମହାନ୍ତି, ତୋଫାନ ଆଚାର୍ଯ୍ୟ, ଜୟଦେବ ସାମଲ, ସଂଜିତ ପରିଡା, କାଳିଚରଣ ରାଜ, ରମେଶ ଜେନା, ସତ୍ୟବ୍ରତ ପଣ୍ଡା, ଶିବଶଂକର ସାହୁ, ବ୍ରଜକିଶୋର ଗିରି, ରାଜେଶ ପରିଡା, ରିପନ କର, ବିନିରାଣୀ ଜେନା, ଦେବୀରାଣୀ ପରିଡା, କାଂଚନ ଜେନା, ରାଜଶ୍ରୀ ଜେନା, ସୀମାରାଣୀ ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

ଏଥିରେ ରକ୍ତଭଂଣ୍ଡାରର ଡାକ୍ତର ଡା, ମହେଶ ଚନ୍ଦ୍ର ବିଶ୍ୱାଳ ଓ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଯୋଗ ନେଇଥିଲେ । ଏଥିରେ ୮୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅଙ୍ଗନୱାଡ଼ି କର୍ମୀଙ୍କ ଶେଷକୃତ୍ୟ ସମ୍ପନ୍ନ



ବାଲେଶ୍ୱର,୪।୧୦ (ନି.ପ୍ର): କରୋନା ସଂକ୍ରମଣରେ ମୃତ୍ୟୁ ବରଣ କରିଥିବା ବାହାନଗା ବ୍ଲକ୍‌ର ଅଞ୍ଜି-୧ କେନ୍ଦ୍ରର କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀ ହେମନ୍ତ କୁମାରୀ ଦିକ୍ଷୀତର ଲୁଣିଆଯୋଡ଼ି ନିକଟସ୍ଥ 'ମୁକ୍ତିଦ୍ୱାର' ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସଂପନ୍ନ କରାଯାଇଛି। ଶ୍ରୀମତୀ ଦୀକ୍ଷିତ ଅସୁସ୍ଥତା ଅନୁଭବ କରିବାରୁ ଗତ ସେପ୍ଟେମ୍ବର ୨୦ ତାରିଖ ଦିନ ତାଙ୍କୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷା ପରେ ସେ କରୋନା ସଂକ୍ରମିତ ଥିବାର ଜଣାପଡ଼ିବାରୁ ୨୧ ତାରିଖ ଦିନ ବାଲେଶ୍ୱର ଜ୍ୟୋତି ହସ୍‌ପିଟାଲକୁ କୋଭିଡ୍ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଥିଲା। ଦୀର୍ଘ ୧୫ଦିନ ଧରି କୋଭିଡ୍ ହସପିଟାଲରେ ଚିକିତ୍ସାଧୀନ ଥିବାବେଳେ ଗତକାଲି ସନ୍ଧ୍ୟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ରବିବାର ଦିନ ତାଙ୍କର ଅନ୍ତିମ ସଂସ୍କାର ପାଇଁ ଲୁଣିଆଯୋଡ଼ି ନିକଟସ୍ଥ 'ମୁକ୍ତିଦ୍ୱାର'କୁ ଅଣାଯାଇଥିଲା। ଜିଲ୍ଲା ପ୍ରଶାସନ ତରଫରୁ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ ସେନ୍ ଜଗଦୀପ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପ୍ରତିନିଧି ଲକ୍ଷ୍ମୀଧର ସେଠୀଙ୍କ ଉପସ୍ଥିତିରେ ପୋଲିସ୍ ବିଭାଗର ସିପାହୀଙ୍କ ରାଷ୍ଟ୍ରୀୟ ସମ୍ମାନ ପ୍ରଦର୍ଶନ ପରେ ତାଙ୍କର ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ସ୍ୱର୍ଗତା ଦୀକ୍ଷିତ ସଭ୍ୟାଥିବା ଅଙ୍ଗନୱାଡ଼ି କର୍ମୀ ସଂଘର ଜିଲ୍ଲା ସଂପାଦିକା ଗୌରୀ ଦାସଙ୍କ ସମେତ ଜୟନ୍ତୀ ଦାସ, ଅନୁପମା ପାତ୍ର, ମିତାରାଣୀ ରାଜ, ଦୀପ୍ତିରାଣୀ ବେହେରା, ସ୍ନେହଲତା ଦାସ, ଓ ଏ.ଆଇ.ଟି.ୟୁ.ସି.ର ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ, ମୃତ ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାମୀ ଗୌରଚନ୍ଦ୍ର ଦାଶ ପ୍ରମୁଖ ତରଫରୁ ଶେଷକୃତ୍ୟ ସମୟରେ ଉପସ୍ଥିତ ଥିଲେ। ତାଙ୍କର ପୁତୁରା ଶୁଭରଞ୍ଜନ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ଦୀକ୍ଷିତ ତାଙ୍କର କାର୍ଯ୍ୟକାଳରେ ନିଜ ଦକ୍ଷତା ଓ କର୍ତ୍ତବ୍ୟନିଷ୍ଠ ପାଇଁ ସମସ୍ତଙ୍କର ପ୍ରିୟ ହୋଇପାରିଥିଲେ। ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ ମୃତା ପରିବାରଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି।

## ଚରମ୍ପାରେ ଡଃ. ନରହରି ବେହେରାଙ୍କ ପାଇଁ ଶୋକସଭା

ଭଦ୍ରକ,୪।୧୦ (ନି.ପ୍ର): ପ୍ରଖ୍ୟାତ ସାହିତ୍ୟିକ ତଥା ଦକ୍ଷ ପ୍ରଶାସକ ଡଃ. ନରହରି ବେହେରାଙ୍କ କରୋନା ଯୋଦ୍ଧାଭାବେ ଅକାଳ ବିୟୋଗରେ ଚ଼ରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ ତରଫରୁ ହୋଟେଲ ଅଭିନନ୍ଦନ ସମ୍ମିଳନୀ କକ୍ଷରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ସଂସ୍କୃତି ମଞ୍ଚର ସଭାପତି ତଥା ବରିଷ୍ଠ ଆଇନଜୀବୀ ନିରାକାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ବିଶିଷ୍ଟ ସାହିତ୍ୟିକ ଇଂ. ଅଭୟ ସୂତାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡଃ. ବେହେରାଙ୍କ କାଳଜୟୀ ସାରସ୍ୱତ କୃତୀ, ପ୍ରାଶାସନିକ ଅଭିଜ୍ଞତା, ବାଗ୍ମିତା ତଥା ମହତ ସାଂଗଠନିକ ଦକ୍ଷତା ସମ୍ପର୍କରେ ଆଲୋଚନା କରି ତାଙ୍କୁ ଏକ ଆଦର୍ଶ, ନିରହଂକାର, ପରୋପକାରୀ ତଥା ଦୂରଦୃଷ୍ଟିସମ୍ପନ୍ନ ମଣିଷ ଭାବେ ବର୍ଣ୍ଣନା କରିଥିଲେ। ସଂପାଦକ ଶିକ୍ଷାବିତ୍ ତଥା କବି ଉମାକାନ୍ତ ନାୟକ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନ ବିହାରି ରାଉତ, ସାହିତ୍ୟିକ ବାବୁଲାଲ ଦାସ, ପ୍ରାଧାପକ ଶିବଚରଣ ଖାମୁରାଇ ଓ କବି କଲ୍ଲୋଳ କୁମାର ଲେଙ୍କା ପ୍ରମୁଖ ବକ୍ତାଭାବେ ଯୋଗଦେଇ ନରହରି ବାବୁଙ୍କ ସାହିତ୍ୟ ସାଧନା ସମ୍ପର୍କରେ ଆଲୋଚନା କରିଥିଲେ। ରୋଟାରିଆନ୍ ଶିଶିର କୁମାର ମିଶ୍ର, ସାହିତ୍ୟିକ ସଦାନନ୍ଦ ସାହୁ, ନାଟ୍ୟଶ୍ରୀ ନିର୍ମଳ ରାଉତ, ଆଇନଜୀବୀ କୁଳମଣି ବେହେରା, ବ୍ୟଙ୍ଗକବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ, ସମାଜସେବୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ସାହୁ , କବି ନାରାୟଣ ଚ଼ନ୍ଦ୍ର ପଧାନ, ସଂଗଠକ ନିଶାକର ରାଉତ, ଶିକ୍ଷକ ଧୀରେନ୍ଦ୍ର କୁମାର ଭଞ୍ଜ ଓ କବି ନିରଞ୍ଜନ ନାୟକ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଚରମ୍ପା ସାହିତ୍ୟ ସସ୍କୃତି ମଞ୍ଚର କର୍ମକର୍ତ୍ତାମାନେ ଶୋକସଭା ପରିଚ୍ଳନା କରିଥିଲେ।

## ମହାତ୍ମାଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ଅବସରରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ



ଉଦଳା,୪।୧୦ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ଉଦଳା ତରଫରୁ ଚଳିତ ଅକ୍ଟୋବର ୨ ତାରିଖ ଶୁକ୍ରବାର ଦିନ ଜାତିର ପିତା ମହାତ୍ମାଗାନ୍ଧୀ ଓ ଶାନ୍ତିର ଦୂତ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବର ପର୍ବ ଅନୁଷ୍ଠିତ ହୋଇଥିଲା । କରୋନା ପାଇଁ ବର୍ତ୍ତମାନ ସମସ୍ତଙ୍କୁ ଏକତ୍ରୀତ କରି କାର୍ଯ୍ୟକ୍ରମ କରିବା ସମ୍ଭବ ନହେବାରୁ ଗୁଗୁଲ ମିଟ ମାଧ୍ୟମରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ପାଳନ ଉତ୍ସବରେ ସଂଗଠକ ମନୋରଂଜନ ମଲ୍ଲିକ, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ସ୍ୱେଚ୍ଛାସେବକ ଗଦାଧର ଦାଶ, ଲକ୍ଷ୍ମୀଧର ସିଂ, ଆଇନଜୀବି ସତ୍ୟବ୍ରତ ମିଶ୍ର, ମମତା ମଣ୍ଡଳ ପ୍ରମୁଖ ଅଂଶ ଗ୍ରହଣ କରି ଦେଶ ଗଠନରେ ମହାତ୍ମାଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କର ଅବଦାନ କିପରି ଥିଲା ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ। ଏହାପରେ ଏହି ଦୁଇ ମହାପୁରୁଷଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସୁଶ୍ରୀ ନମିତା ରାଉତ, ଅନୀତା ବିଶ୍ୱାଳ, ସ୍ମୃତି ମୟୀ ଦାସ, ଅକ୍ଷୟ ଦାସ, ସର୍ବେଶ୍ୱର ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି ସ୍ୱରଚିତ କବିତା ପାଠୋ କରିଥିଲେ । ସ୍ମୃତିରଂଞ୍ଜନ ଶତପଥି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ।

## ଏମ.ପି.ସି. ଅଟୋନମସ କଲେଜରେ ଗାନ୍ଧି ଜୟନ୍ତୀ ଓ ଫିଟଇଣ୍ଡିଆ କାର୍ଯ୍ୟକ୍ରମ




ବାରିପଦା ,୪।୧୦ (ନି.ପ୍ର): ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ସାଶିତ ମହାବିଦ୍ୟାଳୟର ସେବା ଯୋଜନା ୟୁନିଟ ଦ୍ୱାରା ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ସରକାରଙ୍କ ପ୍ରଚଳିତ ଗାଇଡଲାଇନ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ସାନିଟାଇଜର ପ୍ରଦାନ କରାଯିବା ସହିତ ମାସ୍କ ପରିଧାନ ଓ ସାମାଜିକ ଦୂରତା ରକ୍ଷା ପାଇଁ ସାମାଜିକ ସଚେତନତା ସୃଷ୍ଟି କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ଡଃ ଆଲବର୍ଟିମା ତିର୍କି, ଡଃ ଅନାମ ଚରଣ ରାଉଳ, ଡଃ ପ୍ରିୟବ୍ରତ ବେହେରା, ଡଃ ସଉନା ମାଝି, ସ୍ୱେଚ୍ଛାସେବୀ ଶୁଭମ ପ୍ରସାଦ, ଜ୍ୟୋର୍ତିମୟୀ ପଲେଇ, ସତ୍ୟଭାମା ଦାସ, ପଲ୍ଲବୀ ଦାସ, ଆଶିଷ ବେହେରା, ମୌସୁମୀ ଘୋଷ, ସିଧାର୍ଥ ଖଟୁଆ ପ୍ରମୁଖ ପରିଚାଳନା କରିଥିଲେ।

## ସୁସ୍ଥଙ୍କ ସଂଖ୍ୟା ୨ ଲକ୍ଷ ଟପିଲା

ଭୁବନେଶ୍ୱର,୪।୧୦ (ନି.ପ୍ର): ରାଜ୍ୟରେ କରୋନାରୁ ସୁସ୍ଥଙ୍କ ସଂଖ୍ୟା ୨ ଲକ୍ଷ ଟପିଛି। ଆଜି ମୋଟ୍? ୪ ହଜାର ୧୦୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ୨ ହଜାର ୩୦୨କୁ ବୃଦ୍ଧି ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍? ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ୭୨୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି କଟକ ଜିଲ୍ଲାରୁ ୪୯୨ ଜଣ, ଯାଜପୁର ଜିଲ୍ଲାରୁ ୨୧୨ ଜଣ, ଅନୁଗୁଳ ଜିଲ୍ଲାରୁ ୧୮୬ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୧୫୪ ଜଣ, ଜଗତ୍ ?ସିଂହପୁରରୁ ୧୪୩ ଜଣ, ମୟୂରଭଂଜ ଜିଲ୍ଲାରୁ ୧୩୯ ଜଣ, ସମ୍ବଲପୁର ଜିଲ୍ଲାରୁ ୧୨୮ ଜଣ, ନୂଆପଡ଼ା ଜିଲ୍ଲାରୁ ୧୧୮ ଜଣ, କଳାହାଣ୍ଡି, କେନ୍ଦୁଝର ଜିଲ୍ଲାରୁ ୧୧୭ ଜଣ ଲେଖାଏଁ, ବାଲେଶ୍ୱର, ସୁନ୍ଦରଗଡ଼ ଜିଲ୍ଲାରୁ ୧୧୬ ଜଣ ଲେଖାଏଁ, ବରଗଡ଼ ଜିଲ୍ଲାରୁ ୧୧୪ ଜଣ ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୦୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ନବରଂଗପୁର ଜିଲ୍ଲାରୁ ୮୯ ଜଣ, ବଲାଙ୍ଗୀର ଜିଲ୍ଲାରୁ ୮୦ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭୫ ଜଣ, କୋରାପୁଟ, ସୁବର୍ଣ୍ଣପୁର ଜିଲ୍ଲାରୁ ୭୩ ଜଣ ଲେଖାଏଁ, କନ୍ଧମାଳ ଜିଲ୍ଲାରୁ ୭୧ ଜଣ, ଗଂଜାମ ଜିଲ୍ଲାରୁ ୬୭ ଜଣ, ରାୟଗଡ଼ା ଜିଲ୍ଲାରୁ ୬୪ ଜଣ, ପୁରୀ ଜିଲ୍ଲାରୁ ୫୫ ଜଣ, ନୟାଗଡ଼ ଜିଲ୍ଲାରୁ ୫୦ ଜଣ, ବୌଦ୍ଧ ଜିଲ୍ଲାରୁ ୪୪ ଜଣ, ଗଜପତି ଜିଲ୍ଲାରୁ ୪୦ ଜଣ, ମାଲକାନଗିରି ଜିଲ୍ଲାରୁ ୩୪ ଜଣ, ଭଦ୍ରକ ଜିଲ୍ଲାରୁ ୧୬ ଜଣ, ଦେବଗଡ଼ ଜିଲ୍ଲାରୁ ୮ ଜଣ ଓ ରାଜ୍ୟପୁଲରୁ ୨୮୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

# ସଂକୁଚିତ ହେଉଛି ଜଳେଶ୍ୱର ଅଂଚଳର ଗୋଚର ଜମି

### ମାକିଡିଆ ଗାଁରେ ଗୋଚର ଜମିରେ ସବୁ କାର୍ଯ୍ୟାଳୟ : ଗୋ-ଚାରଣ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର,୪।୧୦ (ନି.ପ୍ର): ଜଳେଶ୍ୱର ବ୍ଲକରେ ସମସ୍ତ ପଂଚାୟତରେ ନିର୍ମାଣ ହେଉଥିବା ସରକାରୀ କାର୍ଯ୍ୟାଳୟ ଗୁଡିକ ଗୋଚର ସ୍ଥାନରେ ହେଉଥିବାରୁ ଗୋ-ଚାରଣରେ ବାଧକ ସୃଷ୍ଟି ହେଉଛି। ଏପରି କାର୍ଯ୍ୟକୁ ବିରୋଧ କରି ମାକିଡିଆ ଗାଁରୁ ଗୋଚରରେ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହେଉଥିବାରୁ ଗାଁ ଲୋକେ ଗୋରୁ ଚରାଇବା କଷ୍ଟ ସାଧ୍ୟ ହେଉଥିବା ସଂପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସାଧାରଣତଃ ଗ୍ରାମ ପଂଚାୟତ ଓ ବ୍ଲକ ସ୍ତରୀୟ କାର୍ଯ୍ୟାଳୟ ଗୁଡିକ ଲାଗି ସରକାରୀ ସ୍ଥାନ ଖୋଜାପଡେ । ଏହି ସରକାରୀ ସ୍ଥାନ ମଧ୍ୟରୁ ଗୋଚର ସ୍ଥାନକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ସରକାରଙ୍କ ନିତୀ ନିୟମ ଅନୁଯାୟୀ ଗୋଚର ସ୍ଥାନରେ କୌଣସି କାର୍ଯ୍ୟାଳୟ ନିର୍ମାଣ ହେବା ମନା । କାରଣ ଗୋରୁଙ୍କ ଚାରଣ ଭୂମି ଲାଗି ପ୍ରତିଟି ଗାଁରେ ସ୍ୱତନ୍ତ୍ର ସ୍ଥାନ ରଖାଯାଇଛି । କିନ୍ତୁ ଏହି ସ୍ଥାନକୁ ସରକାରୀ କାର୍ଯ୍ୟାଳୟ, କ୍ୱାଟର କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଯୋଗୁଁ ଗୋରୁ ଗୁଡିକ ଚରିବାରେ ସ୍ଥାନ ନିଅଣ୍ଟ ହେଉଛି। କେତେକ ସ୍ଥାନରେ ଲୋକଙ୍କୁ ପୁନଃ ଅବସ୍ଥାପିତ କରାଯାଉଥିବା ବେଳେ ଅନ୍ୟ କେତେକ ଗୋଚର ସ୍ଥାନରେ ଭୂମିହୀନଙ୍କୁ ଥଇଥାନ କରାଯାଉଛି । ଏପରିସ୍ଥଳେ ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଥାନାର ମାକିଡିଆ ଗାଁରେ ସମସ୍ତ କାର୍ଯ୍ୟାଳୟ ଗୋଚର ସ୍ଥାନରେ ହୋଇଥିବାରୁ ଏହାକୁ ବିରୋଧ କରି ଗାଁର ଉଦୀୟମାନ ଯୁବକ ବିବେକ ପ୍ରିୟଦର୍ଶୀ ପ୍ରଧାନ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ ସେହି ଗାଁର ପ୍ଲଟ ନଂ ୧୪୩, ୧୪୪, ୧୬୯, ୧୭୦, ୩୦୯, ୩୨୭, ୩୨୮, ୩୨୯, ୩୩୦, ୩୭୭, ୩୭୮, ୩୭୯, ୩୮୦ ଗୁଡିକ ସରକାରୀ ଗୋଚର ସ୍ଥାନ । ଏହି ଗାଁର ଜନସଂଖ୍ୟା ପ୍ରାୟ ୮ହଜାର ହୋଇଥିବା ବେଳେ ପ୍ରାୟ ୪ହଜାର ଗୃହପାଳିତ ପଶୁ ରହିଛନ୍ତି । ଲକ୍ଷ୍ୟକଲେ ସ୍ପଷ୍ଟ ଜଣାଯାଏ କି, ଯେତେ ସରକାରୀ କାର୍ଯ୍ୟାଳୟ ହୋଇଛି ତାହା ପ୍ଲଟ ନଂ ୩୦୯,୩୨୮, ୧୭୦, ୧୪୩, ୧୪୪ ଉପରେ ନିର୍ମିତ ହୋଇଛି । ୨୦୧୬ ମସିହାରେ ଗୋଚର ଜମି ଜବରଦଖଲ ଅଭିଯୋଗ ହୋଇଥିବାରୁ ୩୦୯, ୩୨୮, ୧୭୦, ୧୪୩ ଓ ୧୪୪ରେ ଗଢିଉଠିଥିବା ବେସରକାରୀ ଦୋକାନଘର ଗୁଡିକ ତତ୍‌କାଳୀନ ତହସିଲଦାର ଉଚ୍ଛେଦ କରିଥିଲେ । ଏବେ ଏହି ସ୍ଥାନ ଗୁଡିକରେ ସରକାରୀ ନିର୍ମାଣ କାର୍ଯ୍ୟ ଚାଲିଛି । ପ୍ରକାଶଯୋଗ୍ୟ ଏହି ଗ୍ରାମଟି ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ ହୋଇଥିବାରୁ ସରକାରଙ୍କ ସୁରକ୍ଷା କାର୍ଯ୍ୟ ସତ୍ୱେ ଗତ ୩୦ବର୍ଷ ମଧ୍ୟରେ ପ୍ରାୟ ୩୦୦ ମିଟର ଗ୍ରାମ ଭିତରକୁ ନଦୀଟି ପଶିଆସିଥିବା ଜଣାଯାଇଛି। ଅଭିଯୋଗକାରୀ ଶ୍ରୀ ପ୍ରଧାନ ଜିଲାପାଳଙ୍କୁ ଜଣାଇବା ସହ ଜଳେଶ୍ୱର ତହସିଲଦାର, ବିଡିଓ, ବ୍ଲକର ଇଞ୍ଜିନିଆରିଂ ବିଭାଗ, ସରପଂଚ ଓ ପଂଚାୟତ କାର୍ଯ୍ୟାଳୟକୁ ଜଣାଇବା ସହ ଏହି ଗାଁର ମୋଟ ଗୋଚର ଜମି ଓ ତାହାକୁ ଜବରଦଖଲ କରାଯାଇଥିବାର ସ୍ଥାନର ପରିମାଣ ସଂପର୍କରେ ତଥ୍ୟ ମାଗିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପଞ୍ଚଭୂତରେ ଲୀନ...

ପ୍ରତିଷ୍ଠା କରି ବେଶ୍ ଚର୍ଚ୍ଚାରେ ରହିଥିଲେ ମହାରଥୀ । ସେହି ଗଣନାଟ୍ୟରେ ହାରିନାହିଁ ମହାରଥୀ, ସରିନାହିଁ ରାଜନୀତି ନାଟକ ପ୍ରଦର୍ଶିତ ହୋଇଥିଲା । ଅନ୍ୟ ନାଟକଟିଏ ଥିଲା ଶେଷ ଠିକଣା ସ୍ୱର୍ଗଦ୍ୱାର । ସେ ନିଜେ ତାଙ୍କ ଜୀବନ ସଂଘର୍ଷରେ ହାରିଯିବା ପରେ ଶେଷ ଠିକଣା ସ୍ୱର୍ଗଦ୍ୱାରରେ ପଂଚଭୂତରେ ବିଲୀନ ହୋଇଛନ୍ତି । ସ୍ୱର୍ଗଦ୍ୱାର ଠାରେ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲ୍ଲା ବିଜେପି ନେତା କୃଷ୍ଣଚନ୍ଦ୍ର ଜଗଦ୍ଦେବ ଓ ବିଭିନ୍ନ ଦଳର ନେତୃମଣ୍ଡଳୀ ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କ ପୁଅ ରୁଦ୍ରପ୍ରତାପ ମୁଖାଗ୍ନି ଦେଇଥିଲେ । ତାଙ୍କ ସ୍ତ୍ରୀ ପ୍ରତିଭା ମହାରଥୀ ଅଧାପିକା ଅଛନ୍ତି । ତାଙ୍କ ଝିଅ ପଲ୍ଲବୀ, ଜ୍ୱାଇଁ ଅର୍ଦ୍ଧେନ୍ଦୁ ଉପସ୍ଥିତ ଥିଲେ । ତାଙ୍କର ଶ୍ୱଶୁର ଘର ପୁରୀ ନିକଟ ବୀରହରେକୃଷ୍ଣପୁର ହୋଇଥିବା ବେଳେ ହରେକୃଷ୍ଣପୁର ଛକରେ ଗ୍ରାମବାସୀମାନେ ଶେଷ ସମ୍ମାନ ଜଣାଇଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ବରିଷ୍ଠ ରାଜନେତା ଶଙ୍କର୍ଷଣ ପରିଡା, ସଂଜୟ ଦାସବର୍ମା, ଜିଲ୍ଲା ପରିଷଦ ସଭ୍ୟ କୈଳାସ ପରିଡା, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ସାମ୍ବାଦିକ ବିଜୟ ମିଶ୍ର, ନାରାୟଣ ଦାଶ, ବିଶ୍ୱଜିତ୍ ମିଶ୍ର, ପ୍ରଦୀପ କୁମାର ନାୟକ, ଗଜେନ୍ଦ୍ର ମହାରଣା, ପ୍ରଦୀପ ମହାନ୍ତି, ମଧୁସୂଦନ ମିଶ୍ର, ଜୟକୃଷ୍ଣ ଦାସ, ଶଙ୍କର ବେହେରା ପ୍ରମୁଖ ଆତ୍ମାର ସଦଗତ କାମନା କରିଛନ୍ତି ।

### ଗୋଟିଏ ଦିନରେ...

୬୧, ନୟାଗଡ ଜିଲ୍ଲାରେ ୬୧, ନୂଆପଡା ଜିଲ୍ଲାରେ ୧୪୭, ପୁରୀ ଜିଲ୍ଲାରେ ୧୪୦, ରାୟଗଡା ଜିଲ୍ଲାରେ ୫୩, ସମ୍ବଲପୁର ଜିଲ୍ଲାରେ ୧୦୭ ,ସୋନପୁର ଜିଲ୍ଲାରେ ୨୫ ତଥା ସୁନ୍ଦରଗଡ ଜିଲ୍ଲାରେ ୯୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୧୪୯ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ୯ରେ ଆଉ...

ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହିତ ଆସନ୍ତା ୬ରୁ ୭ ତାରିଖ ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୁରଭଞ୍ଜ ଆଦି ଜିଲ୍ଲାରେ ବି ପ୍ରବଳ ବର୍ଷା ସମ୍ଭାବନା ରହଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### ରାଜ୍ୟରେ ଆଉ ୧୫ ଜଣଙ୍କର...

ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । କଟକ ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୬୦ ବର୍ଷୀୟ କୋରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହରେ ପୀଡିତ ଥିଲେ। ଢେଙ୍କାନାଳ ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। କେନ୍ଦ୍ରାପଡା ଜିଲ୍ଲାର ଜଣେ ୪୮ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ଓ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ। ଜଗତସିଂହପୁର ଜିଲ୍ଲାର ଜଣେ ୪୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁ ଘଟିଛି। କେନ୍ଦ୍ରାପଡା ଜିଲ୍ଲାର ଜଣେ ୮୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କେନ୍ଦୁଝର ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହରେ ପୀଡିତ ଥିଲେ। ଖୋର୍ଧା ଜିଲ୍ଲାରେ ଜଣେ ୭୪ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି। ସେ ମଧୁମେହ, ଉଚ୍ଚ ରକ୍ତଚାପ ରେ ପୀଡିତ ଥିଲେ। କୋରାପୁଟ ଜିଲ୍ଲାର ଜଣେ ୫୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମାଲକାନଗିରି ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି। ସେ ମଧୁମେହରେ ପୀଡିତ ଥିଲେ । ସମ୍ବଲପୁର ଜିଲ୍ଲାର ଜଣେ ୭୩ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

### ରାଜ୍ୟର ପ୍ରମୁଖ ୪ ସ୍ୱାସ୍ଥ୍ୟାନୁଷ୍ଠାନର...

ସେଲ୍, ପାରାଦୀପ ପୋର୍ଟ ରାଜ୍ୟରେ କୋଭିଡ୍ ହସ୍ପିଟାଲ ଏବଂ ଲାବ୍ରୋଟୋରୀ ଟେଷ୍ଟିଂ ଉଭୟରେ ପ୍ରତିଷ୍ଠା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ଓଡ଼ିଶାରେ କୋଭିଡ୍-୧୯ ପରିଚାଳନାରେ ଭାରତ ସରକାରଙ୍କ ବିଭିନ୍ନ ଅନୁଷ୍ଠାନ ଭଲ କାମ କରୁଛନ୍ତି ଏବଂ ରାଜ୍ୟର ଅପେକ୍ଷାକୁ ପୂରଣ କରୁଛନ୍ତି । କରୋନା ଯୋଦ୍ଧାମାନେ ବହୁତ ଭଲ କାମ କରୁଛନ୍ତି । ସେମାନେ ଧନ୍ୟବାଦର ପାତ୍ର । ବର୍ତମାନ ସମୟରେ କରୋନା ଟୀକା ନଆସିବା ପର୍ଯ୍ୟନ୍ତ ମାସ୍କ ପିନ୍ଧିବା, ଦୁଇ ମିଟର ସାମାଜିକ ଦୂରତା ବଜାୟ ରଖିବା, ନିୟମିତ ବ୍ୟବଧାନରେ ହାତ ଧୋଇବା ପାଇଁ ଶ୍ରୀ ପ୍ରଧାନ ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି ।

### ପ୍ରଦୀପ ମହାରଥୀଙ୍କ ବିୟୋଗରେ ...

ଉପସ୍ଥାପନା ଶୈଳୀ ପାଇଁ ଏକ ବିରଳ ପରିଚୟ ସୃଷ୍ଟି କରିଥିଲେ। ସେ କହିଛନ୍ତି ଯେ - ସବୁବେଳେ ଲୋକଙ୍କ ସାଙ୍ଗରେ ରହିବା ଓ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଦିନରାତି ଲାଗି ରହିବା ଥିଲା ତାଙ୍କର ପସନ୍ଦ। ତାଙ୍କ ବିୟୋଗରେ ରାଜ୍ୟର ରାଜନୈତିକ ଓ ସାମାଜିକ ଜୀବନରେ ଏକ ଅପୂରଣୀୟ କ୍ଷତି ହେଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଏହି ଦୁଃଖ ସମୟରେ ପରିବାର ବର୍ଗକୁ ଅସୀମ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଉଛି।

### ରାଜଧାନୀରେ ମିଠା...

ରାସ୍ତାରେ ପୋଡାଜଳା କରି ଅବରୋଧ କରିଥିଲେ। ତେବେ ପୋଲିସ୍ ସେମାନଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ହଟିଥିଲା। ସୂଚନା ଅନୁଯାୟୀ ସାମନ୍ତରାପୁରରେ ଦିଲୁ ଏକ ମିଠା ଦୋକାନ କରିଥିଲେ। ତାଙ୍କ ପାଖରେ ଶମ୍ଭୁ କାମ କରୁଥିଲେ। କିଛି ଦିନ ତଳେ ଦିଲୁଙ୍କ ଦୋକାନ ଛାଡ଼ି ସେ ନିଜେ ଏକ ମିଠା ଦୋକାନ କରିଥିଲେ। ଏହାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଦିଲୁ ଫାର୍ସାରେ ଶମ୍ଭୁକୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି।

## ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଡ. ନରହରି ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ,୪।୧୦ (ନି.ପ୍ର): ଭଦ୍ରକ ପ୍ରଖ୍ୟାତ ବାଗ୍ମୀ, ପ୍ରବଚକ ଓ ଓଡ଼ିଆ ବ୍ୟାକରଣର ନୂତନ ଦିଗ୍‌ଦର୍ଶକ, ବର୍ଣ୍ଣବୋଧ ଦିବସର ପ୍ରତିଷ୍ଠାତା ସିମୁଳିଆ ବିଡିଓ ଡ. ନରହରି ବେହେରାଙ୍କ ଅକାଳ ବିୟୋଗରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସମିତିର ମୁଖ୍ୟ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅପର୍ତ୍ତିବିନ୍ଧାସ୍ଥ ବାସ ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଡ. ବେହେରାଙ୍କ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା ସହିତ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ସମିତିର ମୁଖ୍ୟ ଆବାହକ ଶରତ ଚନ୍ଦ୍ର ସାହୁ ଡ. ବେହେରାଙ୍କ ବର୍ଣ୍ଣବୋଧ ଦିବସର ତାତ୍‌ପର୍ଯ୍ୟ ଓ ତାଙ୍କର ବାଗ୍ମିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ପରିଚାଳକ ପଣ୍ଡିତ ନନ୍ଦଶର୍ମା ଭଦ୍ରକର ପ୍ରବଚକ ମଣ୍ଡଳୀ ମଧ୍ୟରୁ ଏକ ଜ୍ୟୋତିଷ୍ମାନ ଦୀପ ଶିଖା ଲିଭିଗଲା ବୋଲି ଦର୍ଶାଇ ତାଙ୍କର ଜୀବନାଦର୍ଶକୁ ମନେ ପକାଇବା ପାଇଁ ଯେଉଁ ସଂଗଠନ ଗୁଡିକ ତାଙ୍କୁ ସହଯୋଗ କରି ଆସିଛନ୍ତି ସେମାନଙ୍କ ପକ୍ଷରୁ ଏକ ସ୍ମରଣିକା ପ୍ରକାଶ କରିବାକୁ ଉଦ୍ୟମ ଅବ୍ୟାହତ ରଖିବା ପାଇଁ ଅନୁରୋଧ କରିଥିଲେ। ଏହି ସଭାରେ ସେବକ ପ୍ରଶାନ୍ତ କୁମାର ଦେ, ଲକ୍ଷ୍ମୀଧର ଖଟୁଆ, ସନ୍ତୋଷ କୁମାର ପଣ୍ଡା, ପ୍ରଭୁଭକ୍ତ ସାହୁ, ନନ୍ଦ ନନ୍ଦନ ନନ୍ଦ, ତାରିଣୀ କିଙ୍କର ନନ୍ଦ, ଦେବୀ ଅନ୍ନପୂର୍ଣ୍ଣା ପ୍ରମୁଖ ବହୁ ସେବକ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।

## ଶ୍ରୀମା ଶ୍ରୀ ଅରବିନ୍ଦ ଦର୍ଶନର ପୁରଧା ତଥା ଶିକ୍ଷକ ଗଦାଧର ପରିଡାଙ୍କ ପରଲୋକ

ଜଳେଶ୍ୱର,୪।୧୦ (ନି.ପ୍ର): ବାଲେଶ୍ୱର ଓ ମୟୂରଭଂଜ ଜିଲାର ସୀମା ତଥା ରାଇବଣିଆ ଓ ରାସଗୋବିନ୍ଦପୁର ଉପାନ୍ତ ଅଂଚଳ ଅରବିନ୍ଦ ନଗର ହରିପୁର ଠାରେ ଶ୍ରୀମାନ ଶିକ୍ଷା ସଦନ ପ୍ରତିଷ୍ଠା କରି ଶିକ୍ଷକଭାବେ ସ୍ୱର୍ଗତ ଗଦାଧର ପରିଡା ୧୯୬୩ ମସିହାରେ ଯୋଗ ଦେଇଥିଲେ । ୧୯୯୭ ମସିହାରେ ସେ ଅବସରଗ୍ରହଣ କରିଥିଲେ ମଧ୍ୟ ଶ୍ରୀମା ଶ୍ରୀଅରବିନ୍ଦଙ୍କର ଦର୍ଶନର ଅନ୍ୟତମ ପୁରଧା ଥିବାରୁ ସେଠାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବା ସହିତ ଶ୍ରୀଅରବିନ୍ଦଙ୍କ ଦେହାବଶେଷ ସ୍ଥାପନ କରିବାରେ ପ୍ରମୁଖ ଭୂମୀକା ଗ୍ରହଣ କରିଥିଲେ। ଜୀବନ ତମାମ ମାତୃଦର୍ଶନରେ ସେ ଓ ତାଙ୍କର ସ୍ତ୍ରୀ ସୁଷମା ପରିଡା କଟାଇ ଆସିଛନ୍ତି। ୮୨ ବର୍ଷ ବୟସରେ ଗତ ୧ ତାରିଖରେ ତାଙ୍କର ପରଲୋକ ଘଟିଛି ଓ ଗାଁ ଶ୍ମଶାନରେ ପୁତ୍ର ଅରୋବ୍ରତ ପରିଡା ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ବେଳେ ସ୍ତ୍ରୀ, ପୁଅ, ଝିଅ ଓ ଶତାଧିକ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ।

## ୪ ଶିଳ୍ପ ସଂସ୍ଥାରେ ମିଳିଛି ୩୪,୧୦୫ ନିଯୁକ୍ତି

ଭୁବନେଶ୍ୱର,୪।୧୦ (ନି.ପ୍ର): ଝାରସୁଗୁଡ଼ା, ଢେଙ୍କାନାଳ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଥିବା ୪ଟି କାରଖାନାରେ ୩୪,୧୦୫ ଜଣ ଲୋକ କର୍ମସଂସ୍ଥାନ ପାଇଛନ୍ତି। ଏହିସବୁ କାରଖାନା ୭୬,୬୧୮.୬୪ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ହୋଇଛି ବୋଲି ବିଜେପି ବିଧାୟିକା କୁସୁମ ଟେଟେଙ୍କ ଏକ ପ୍ରଶ୍ନର ଉତରରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ଝାରସୁଗୁଡ଼ାଠାରେ ଥିବା ବେଦାନ୍ତ ଆଲୁମିନିୟମ୍ କମ୍ପାନୀରୁ ଆଂଶିକ ଉତ୍ପାଦନ ହେଉଥିବା ବେଳେ ଏଠାରେ ୯୭୩୧ ଜଣ କାର୍ଯ୍ୟରତ ଅଛନ୍ତି। ୮୪୦୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହୋଇଥିବା ଏହି କାରଖାନାରୁ ଆଲୁମିନିୟମ୍ ଉତ୍ପାଦନ ହେଉଥିବା ବେଳେ ଏଠାରେ ୧୩୫୦ ମେଗାୱାଟର ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ର ରହିଛି। ସେହିଭଳି ଢେଙ୍କାନାଳ ଜିଲ୍ଲାର ମେରାମୁଣ୍ଡଳୀଠାରେ ଥିବା ଭୂଷଣ ଇସ୍ପାତ କାରଖାନାରେ ସର୍ବାଧିକ ୧୮,୮୦୧ ଜଣ ବ୍ୟକ୍ତି ନିଯୁକ୍ତି ପାଇଥିବା ବେଳେ ବର୍ତମାନ କାରଖାନାରୁ ଆଂଶିକ ଉତ୍ପାଦନ ହେଉଛି।

ସୋମବାର,୫ ଅକ୍ଟୋବର ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଦିନକରେ ୧୨୨ ପଜିଟିଭ୍ ଚିହ୍ନଟ : ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା ୮୦୦୮କୁ ବୃଦ୍ଧି

ବାଲେଶ୍ୱର,୪।୧୦ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି। ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୫ ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୧ଲକ୍ଷ ୧ ହଜାର ୨୭୩ରେ ପହଞ୍ଚିଛି। ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୩୩୨୬ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୩୨ହଜାର ୭୧୩ରେ ପହଞ୍ଚିଛିକ। ଅନ୍ୟପକ୍ଷରେ ଆଜି ୧୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୯୦୭ ଛୁଇଁଛି। ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସଂକ୍ରମଣ ଉଦବେଗ ଜନକ ସ୍ଥିତିକୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୧୨୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୮୦୦୮ରେ ପହଞ୍ଚିଛି। ଏବେ ସୁଦ୍ଧା ଜିଲ୍ଲାରେ ୬୬୬୭ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୩୦୩ ଜଣ କରୋନା ଆକ୍ରାନ୍ତ




କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଆଜି ବାଲେଶ୍ୱର ଜିଲ୍ଲାର ୩ଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଆଜି କୌଣସି କରୋନା ରୋଗୀଙ୍କର ମୃତ୍ୟୁ ହୋଇନଥିବା ବେଳେ ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ଏବେ ୩୩ରେ ସ୍ଥିର ରହିଛି।

## ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକଙ୍କ ଶୋକ

ଭୁବନେଶ୍ୱର,୪।୧୦ (ନି.ପ୍ର): ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିୟୋଗରେ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ ଶୋକପ୍ରକାଶ କରିଛନ୍ତି ।

ସେ କହିଛନ୍ତି ଯେ - ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କର ଆଜି ସକାଳେ ବିୟୋଗ ଖବର ଶୁଣି ମୁଁ ନିସ୍ତବ୍ଧ ଏବଂ ମର୍ମାହତ। ପ୍ରଭୁ ଜଗନ୍ନାଥଙ୍କ ଶ୍ରୀ ଚରଣେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି ଓ ଏହି ଦୁଃଖକୁ ସହନ କରିବା ନିମନ୍ତେ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରାର୍ଥନା କରୁଛି ।

## ଉପ-ନିର୍ବାଚନ ପରିଚାଳନା ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର,୪।୧୦ (ନି.ପ୍ର): ଆସନ୍ତା ଉପ-ନିର୍ବାଚନର ଉପଯୁକ୍ତ ପରିଚାଳନା ନିମନ୍ତେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇଦିନିଆ ଶିବିରରେ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଏବଂ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ୧୦ଜଣ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନର ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଅକ୍ଟୋବର ୩ତାରିଖ ଦିନ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ବି.ପି.ରାୟ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ସଫ୍ଟୱେର ଇଞ୍ଜିନିୟର ଇଦରିସ ପ୍ରମୁଖ ଯୋଗଦେଇଥିବା ବେଳେ ଅକ୍ଟୋବର ଆଜିର ପ୍ରଶିକ୍ଷଣରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ରଘୁରାମ ଆୟାର,



ଉପ-ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, କ୍ରୀଡା ଓ ଯୁବ ସେବା ବିଭାଗ ଉପସଚିବ ଶୈଳେନ୍ଦ୍ର କୁମାର ଜେନା, ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ରାମକୃଷ୍ଣ ଟୁଙ୍ଗ ପ୍ରମୁଖ ଅଂଶଗ୍ରହଣ କରି ନିର୍ବାଚନ ପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କୁ ବୁଝାଇଥିଲେ । ବିଶେଷ କରି ଉପ-ନିର୍ବାଚନର ଉତ୍ତମ ପରିଚାଳନା ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ, ନିର୍ବାଚନୀ ଖର୍ଚ୍ଚ, ଆଇନଶୃଙ୍ଖଳା, ଇଭିଏମ-ଭିଭିପାଟ୍‌ର ବ୍ୟବହାର, ସମ୍ବେଦନଶୀଳ ବୁଥ ପାଇଁ ବ୍ୟବସ୍ଥା, ବୁଥ୍ ପରିଚାଳନା, କୋଭିଡ୍ କଟକଣା ଅନୁଯାୟୀ ନିର୍ବାଚନ ପରିଚାଳନା ଇତ୍ୟାଦି ଉପରେ ଏହି କାର୍ଯ୍ୟକ୍ରମ କେନ୍ଦ୍ରୀତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୫ଜଣ ଜିଲ୍ଲାସ୍ତରୀୟ ଓ ବିଧାନସଭା ନିର୍ବାଚନମଣ୍ଡଳସ୍ତରୀୟ ମାଷ୍ଟର ଟ୍ରେନର ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣ ପରେ ସେମାନେ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ ସହିତ ନିର୍ବାଚନର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ କରାଇବେ । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବାଲେଶ୍ୱର ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନିର୍ବାଚନ ସମ୍ପର୍କରେ ସମସ୍ତ ଦ୍ୱନ୍ଦ୍ୱ ଦୂର କରିବାକୁ ପ୍ରଶିକ୍ଷାର୍ଥୀମାନଙ୍କୁ କହିଥିଲେ । ଏହି ଦୁଇଦିନିଆ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ, ପିଡି-ଡିଆରଡିଏ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପ-ଜିଲ୍ଲାପାଳ ତଥା ରିଟର୍ଣ୍ଣି ଅଫିସର ଆଶିଷ ଈଶ୍ୱର ପାଟିଲଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଉଦଳାରେ ବିଶ୍ୱ ଅହିଂସା ଦିବସ ପାଳିତ



ଉଦଳା,୪।୧୦ (ନି.ପ୍ର): ଉଦଳା ପ୍ରେସ କ୍ଲବ ପରିସରରେ ଅକ୍ଟବର ୨ ତାରିଖ ଶୁକ୍ରବାର ଦିନ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଜନ୍ମ ଦିବସ ପାଳିତ ହୋଇ ଯାଇଛି । ପ୍ରଭାତରେ କ୍ଲବ ପରିସରରେ କାର୍ଯ୍ୟରତ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ମାନେ ଏକତ୍ରୀତ ହୋଇ ମହାତ୍ମଶଗାନ୍ଧୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ସମସ୍ତେ ଏକ ସ୍ୱରରେ 'ରଘୁପତି ରାଘବ ରାଜାରାମ' ସଂଗୀତଟିକୁ ବୋଲିଥିଲେ । ପରେ ପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

ଆଲୋଚନାରେ ମହାତ୍ମାଗାନ୍ଧୀଙ୍କ ପାଇଁ ଆଜି ସାରା ପୃଥିବୀରେ ଆମ ଦେଶ ଭାରତ କିପରି ଏକ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇ ପାରିଛି ଓ ତାଙ୍କର ଦର୍ଶନକୁ ସମ୍ମାନ ଜଣାଇ ସାରା ପୃଥିବୀ ବାସୀ ଆଜି କିପରି ଉକ୍ତ ଦିବସଟିକୁ 'ବିଶ୍ୱ ଅହିଂସା' ଦିବସ ରୂପେ ପାଳନ କରୁଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କରୋନା ପାଇଁ ସବୁ ପ୍ରକାର ସତର୍କତା ଅବଲମ୍ବନ ପୂର୍ବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କରୋନାରେ ଜଳେଶ୍ୱର ବ୍ଲକ ବେହାଲ

### ଆମ୍ବଡିହା ଗାଁରେ ୧ ମୃତ ୩୧ ସଂକ୍ରମିତ : ୪ଦିନ ଧରି ହେଉନି କଣ୍ଟେନ୍‌ମେଣ୍ଟ ଘୋଷଣା

ଜଳେଶ୍ୱର,୪।୧୦ (ନି.ପ୍ର): ଜଳେଶ୍ୱର ବ୍ଲକରେ ଅଦ୍ୟାବଧି ୫୦୦ରୁ ଉର୍ଦ୍ଧ କରୋନା ଆକ୍ରାନ୍ତ ଥିବା ବେଳେ ମୃତ୍ୟୁ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି । କେବଳ ଆମ୍ବଡିହା ଗାଁରେ ଜଣକର ମୃତ୍ୟୁ ଓ ୩୧ଜଣ କରୋନା ପଜେଟିଭ୍ ଚିହ୍ନଟ ହୋଇଥିଲେ ମଧ୍ୟ ଗ୍ରାମବାସୀଙ୍କର ବହୁ ଆବେଦନ ଓ ଦାବୀ ପରେ ମଧ୍ୟ ଆଜକୁ ୪ଦିନ ଧରି ଘୋଷଣା ହେଉନି କଣ୍ଟେନ୍‌ମେଣ୍ଟ ଜୋନ୍ । ଫଳରେ ଖାଲିନା ପଂଚାୟତବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଜଳେଶ୍ୱର ମ୍ୟୁନିସିପାଲଟି ଓ ବ୍ଲକରେ ଅଦ୍ୟାବଧି ୫ଶହରୁ ଅଧିକ କରୋନା ପଜେଟିଭ୍‌ଙ୍କୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସେବା ସୁଶୃଷା ଯୋଗାଇ ଆସୁଥିବା ବେଳେ ମୋଟ ୧୩ଜଣଙ୍କ ମୃତ୍ୟୁଘଟିଥିବା ଜଣାଯାଇଛି । ଖାଲିନା ପଂଚାୟତର ଆମ୍ବଡିହା ଗାଁରେ ୨୭ତାରିଖ ରାତିରେ ଜଣକର ମୃତ୍ୟୁ ହେବା ପରେ ୨୮ ତାରିଖରେ ୧୨ଜଣ , ୨୯ ତାରିଖରେ ୧୮ଜଣ ଓ ୩୦ତାରିଖରେ ୧ଜଣ ସଂକ୍ରମିତ ହୋଇଥିବାର ସ୍ୱାସ୍ଥ୍ୟବିଭାଗ ରିପୋର୍ଟରୁ ପ୍ରକାଶ । ୩୦ ତାରିଖଠାରୁ ବିଜେଡି ଦଳର ଜିଲା ମହିଳା ସଭାନେତ୍ରୀ ବିନ୍ଦୁବାଳା ନନ୍ଦୀଙ୍କୁ ନେତୃତ୍ୱରେ ଗ୍ରାମବାସୀ, ବିଡିଓ, ତହସିଲଦାର, ସ୍ୱାସ୍ଥ୍ୟ ବିଭାଗ ଓ ପରେ ସିଡିଏମ୍‌ଓ, ଡିପିଏମ୍ ଓ ଜିଲାପାଳଙ୍କୁ ସବିଶେଷ ତଥ୍ୟ ଜଣାଇଥିଲେ ମଧ୍ୟ ଆଜି ସଂଧ୍ୟାସୁଦ୍ଧା ଉକ୍ତ ଗାଁକୁ କଣ୍ଟେନ୍‌ମେଣ୍ଟ ଜୋନ୍ ବୋଲି ଘୋଷଣା ହୋଇ ନାହିଁ । ଫଳରେ ଅମାନିଆ ମାନଙ୍କର ନଖରାମି ଦେଖା ଦେଇଛି । ଗାଁରୁ ବହୁ ଯୁବକ ବାଇକ୍, ସାଇକେଲ, ଟେମ୍ପୋ ଇତ୍ୟାଦିରେ ନିକଟସ୍ଥ ଗାଁକୁ ଯାଇ ବୁଲାବୁଲି କରିବା ଦେଖିବାକୁ ମିଳୁଛି । ସଂକ୍ରମିତ ୩୧ଜଣ ଯାକ ଡିକେକଲେଜ କୋଭିଦ୍‌କେୟାର ସେଣ୍ଟରରେ ରହୁଥିବା ଜଣାଯାଇଛି । ଏହି ଗାଁକୁ ଅତିଶୀଘ୍ର କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରିବାକୁ ସାଧାରଣରେ ଦାବୀ ହେଉଛି ।

## ବିଜେପିର ମିଶ୍ରଣ ପର୍ବ-ଯୁବମୋର୍ଚ୍ଚା କର୍ମୀ ସମ୍ମିଳନୀ



ବାଲେଶ୍ୱର,୪।୧୦(): ସଦର ଉପ-ନିର୍ବାଚନ ପାଖେଇ ଆସୁଥିବା ବେଳେ ଦୁଇ ପ୍ରମୁଖ ଦଳ ବିଜେପି ଓ ବଜେଡି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏହି ଦୁଇଦଳ ପକ୍ଷରୁ ଏବେ କର୍ମୀ ସଂଗ୍ରହ ଓ କର୍ମୀ ସମ୍ମିଳନୀକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ବିଜେପି ପକ୍ଷରୁ ସ୍ଥାନୀୟ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ଏକ ଯୁବମୋର୍ଚ୍ଚା କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଆଜି ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଏଥିରେ ଅଧ୍ୟକ୍ଷତା ସହ ଅନ୍ୟାନ୍ୟ ଦଳରୁ ଆସି ଭାଜପାରେ ଯୋଗଦାନ କରିଥିବା ସମସ୍ତ ଯୁବକର୍ମୀଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ। ବିଜେପିରେ ଅନ୍ୟାନ୍ୟ ଦଳରୁ କର୍ମୀଙ୍କ ଯୋଗଦାନ ଦଳୀୟ ସଂଗଠନକୁ ସୁଦୃଢ଼ କରିଥିବା ବେଳେ ଆସନ୍ତା ଉପ-ନିର୍ବାଚନରେ ନିଶ୍ଚିତ ସଫଳତା ମିଳିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏଥି ସହିତ ଆସନ୍ତା ନିର୍ବାଚନରେ ସାଂଗଠନିକ କାର୍ଯ୍ୟକୁ କିପରି ଆଗେଇ ନେବେ ଓ ରଣନୀତି କ'ଣ ରହିବ ସେ ସମ୍ପର୍କରେ ଜିଲ୍ଲା ସଭାପତି ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତ ପ୍ରକାର ଭେଦଭାବ ଭୁଲି ଦଳୀୟ ଏକମନ ହୋଇ ପ୍ରାର୍ଥୀଙ୍କ ବିଜୟ ପାଇଁ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବାଲେଶ୍ୱର ପୌରାଞ୍ଚଳର ବିଭିନ୍ନ ୱାର୍ଡ଼ରୁ ଅନ୍ୟାନ୍ୟ ଦଳରୁ ଆସିଥିବା ଯୁବକର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବିଜେପି ରାଜ୍ୟସ୍ତରୀୟ କର୍ମକର୍ତ୍ତା ସିପ୍ରା ବାଜପେୟୀ, ସୁଷମା ବିଶ୍ୱାଳ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କମଳା ବିଷ୍ଣାଣୀ, ବିଜେପି ନଗର ସଭାପତି ଚିତ୍ତରଂଜନ ପଣ୍ଡାଙ୍କ ସମେତ ସଂଯୁକ୍ତା ମହାପାତ୍ର, ଅଭିପ୍ସା ନାୟକ, ମହୁଆ ପ୍ରଧାନ, ସୀତାକାନ୍ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ ନିର୍ବାଚନୀ ରଣନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ବିଜେପି ଦଖଲରେ ଥିବା ସଦର ଆସନରେ ପୁଣି ଦଳୀୟ ପ୍ରାର୍ଥୀ କିପରି ବିଜୟ ଲାଭ କରିବ ସେ ସମ୍ପର୍କରେ ବକ୍ତାମାନେ ମନ୍ତ୍ର ଦେଇଥିଲେ। ପୌରାଞ୍ଚଳର ବିଭିନ୍ନ ୱାର୍ଡ଼ରୁ ବହୁ ଯୁବକର୍ମୀ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୭୫,୮୨୯ ନୂଆ ମାମଲା, ୯୪୦ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୪।୧୦ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୭୫,୮୨୯ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୯୪୦ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୫,୪୯,୩୭୪ ରେ ପହଂଚିଛି ।

ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୯,୩୭,୬୨୫ ଥିବା ବେଳେ ବର୍ତମାନ ସୁଦ୍ଧା ୧,୦୧,୭୮୨ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ପ୍ରଦୀପ ମହାରଥୀଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୪।୧୦ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀ ଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ। ଦଳମତ ନିର୍ବିଶେଷରେ ଆଜି ସ୍ୱର୍ଗତଃ ମହାରଥୀ ବାବୁଙ୍କ ବିୟୋଗ ଖବର ସମଗ୍ର ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି ।ପ୍ରଦୀପ ବାବୁଙ୍କ ବିୟୋଗ ଓଡିଶା ରାଜ୍ୟ ରାଜନୀତିରେ ଏକ ଅପୁରଣୀୟ କ୍ଷତି। ସେ ଜଣେ ସ୍ପଷ୍ଟବାଦୀ ଓ ନିର୍ଭୀକ ନେତା ଥିଲେ।

## କରୋନା ବିରୋଧରେ ଲଢି ଜୀବନ ଯୁଦ୍ଧ ଜିତିଲେ କରୋନା ଯୋଦ୍ଧା



ପାରାଦ୍ୱୀପ ,୪।୧୦ (ନି.ପ୍ର): ପାରାଦ୍ୱୀପ ର ବରିଷ୍ଠ ଆଇନଜୀବୀ ତଥା ସାମ୍ବାଦିକ ରବିନ୍ଦ୍ର କୁମାର ଜେନା କରୋନାରେ ଆକ୍ରାନ୍ତ ହୋଇ କଟକରେ ଚିକିତ୍ସିତ ହେଉଥିଲେ । ଶନିବାର ସୁସ୍ଥ ହୋଇ କରୋନା ବିରୋଧି ଲଢେଇରେ ସେ ଜୀବନଯୁଦ୍ଧ ଜିତି ରବିବାର ଦିନ ପାରାଦ୍ୱୀପ ରେ ପହଞ୍ଚିବା ପରେ ଏସ୍.ୟୁଜେ, ପାରାଦ୍ୱୀପ ପ୍ରେସ୍ ମିଡିଆ, ପ୍ରତ୍ରକାର ପରିଷଦ, ଏନ୍‌ଓସି ଫାଉଣ୍ଡେସନ୍, ଆକ୍ଟିଭ ପାରାଦ୍ୱୀପ ସୋସିଆଲ କ୍ଲବର ସଦସ୍ୟ/ ସଦସ୍ୟା ମାନଙ୍କ ସମେତ କାର୍ଯ୍ୟରତ ସାମ୍ବାଦିକମାନେ ଶ୍ରୀ ଜେନାଙ୍କ ସହ ତାଙ୍କ ସହଧର୍ମିଣୀ ରୋଶ୍‌ନି କରିଣ ଜେନାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। କରୋନା ଲଢେଇରେ ଜୀବନ ଯୁଦ୍ଧ ଜିତିଥିବାରୁ ପ୍ରଭୁ ଶ୍ରୀଜଗନ୍ନାଙ୍କ ଆର୍ଶୀବାଦ ବୋଲି ସେ କୋହ ସମ୍ଭାଳି ନପାରି କହିଥିଲେ । ତାଙ୍କୁ ଭଲପାଉଥିବା ବନ୍ଧୁ ମାନଙ୍କ ସମେତ ଷ୍ଟାର ନର୍ସିଂ ହୋମ ଏମଡି ସରୋଜ ମିଶ୍ର, ଆଡ୍ ଆନେକ୍ସ ହସ୍ପିଟାଲ କର୍ତ୍ତୃପକ୍ଷ, ବରିଷ୍ଠ ଆଇନଜୀବୀ ତପନ କୁମାର ଦାଶ, ରାଜ୍ୟ ଏସ୍‌ୟୁଜେ କଲ୍ୟାଣ ବୋର୍ଡର ଅଧକ୍ଷ ଗଗନ ବିହାରୀ ସାହୁ, ବନ୍ଧୁ ଦୀପକ କୁମାର ବାରିକ, ଅନୁପମା ପରିଡା, ଶଶାଙ୍କ ଆଚାର୍ଯ୍ୟ, ସବିତା ମହାପାତ୍ର, ସଞ୍ଜୟ ମିଶ୍ର, ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଏବିଭିପି ପକ୍ଷରୁ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ

### ଭଲପାଠ ପଢ଼ି ବିଦ୍ୟାର୍ଥୀମାନେ ସାମାଜିକ ଶ୍ରୋତାରେ ସାମିଲ ହେବାକୁ ଆହ୍ୱାନ

ଗୁଣପୁର,୪।୧୦ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣପୁର ସହରର ଶ୍ରୀ ସାତ୍ୟା ରେସିଡେନ୍ସି ପରିସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଦ୍ୟାର୍ଥୀମାନେ ରାଷ୍ଟ୍ରବାଦୀ ଚିନ୍ତାଧାରାରେ ଅନୁପ୍ରାଣିତ ହେଲେ ଆମ ସମାଜ ଓ ସଂସ୍କୃତି ଆଗକୁ ବଢ଼ିପାରିବ ବୋଲି କହିଥିଲେ। ସମ୍ମାନୀତ ଅତିଥୀଭାବେ ଉପଖଣ୍ଡ ଚିକିତ୍ସାଳୟ ସୁପରିଡେଣ୍ଟ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ଏବିଭିପି ସଙ୍ଗଠନ ଦ୍ୱାରା ଆୟୋଜନ କରାଯାଇଥିବା ମେଧାବୀ କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇବା ସହ ଭଲପାଠ ପଢ଼ି ବିଦ୍ୟାର୍ଥୀମାନେ ସାମାଜିକ ଶ୍ରୋତାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ ।ଅନ୍ୟତମ ଅତିଥୀଭାବେ ବିଭାଗ ସଙ୍ଗଠନ ମନ୍ତ୍ରୀ ଦେବାଶିଷ ଦାସ ଯୋଗ ଦେଇ ଏବିଭିପିର ମୂଳ ଲକ୍ଷ୍ୟ ହେଲା ଛାତ୍ର ଶକ୍ତିକୁ ରାଷ୍ଟ ଶକ୍ତିରେ ପରିଣତ କରିବା ଓ ବିଦ୍ୟାର୍ଥୀ ପରିଷଦ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଗୁଣପୁର ଶାଖା ଗଜପତି ବିଭାଗ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଭାପତି ପ୍ରଫୁଲ ଲିମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଶୁଭାଶିଶ ସେନାପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ଜଳନ ହେବା ପରେ କାର୍ଯ୍ୟକ୍ରମର ଶୁଭ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀ ମହାଙ୍କୁଡ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଇ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉକ୍ତ କାର୍ଯ୍ୟକ୍ରମରେ ଏବିଭିପିର କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ଉପସ୍ଥିତ ଅତିଥିଙ୍କୁ ଉପଢ଼ୌକନ ଓ ମୋମୋଣ୍ଟୋ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଗୁଣପୁର ସହରର ଯୁକ୍ତ ୨ ସାଇନ୍ସର ଟପ୍ ୧୦, ଏଚଏସି ବୋର୍ଡ଼( ମାଟ୍ରିକ) ପୌର ପରିଷଦର ଟପ୍ ୧୦, ଜିଲ୍ଲାସ୍ତରର ମାଟ୍ରିକ ଟପ ୫ ଓ ଯୁକ୍ତ ୨ ସାଇନ୍ସର ଟପ ୩ ଏବଂ ପୌର ପରିଷଦ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟର ସାଇନ୍ସ ଏବଂ ଆର୍ଟସର ପ୍ରଥମ,୨ୟ ଓ୩ୟ ମେଧାବୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ଏଥିସହ ମେ ମାସରେ ହୋଇଥିବା ଏବିଭିପି କାର୍ଯ୍ୟକ୍ରମର କୋରନା ଯୋଦ୍ଧା ଭାବେ ଶିକ୍ଷକ ନରସିଂହ ଶତପଥୀ,ଦିଲିପ ଚୌଧୁରୀ,ଗୌରୀ ମିଶ୍ରଙ୍କୁ ମାନପତ୍ର ଦେଇ ସମ୍ମାନ କରାଯାଇଥିଲା। ସେହିପରି ପ୍ରତିବର୍ଷ ଭଳି ଚଳିତବର୍ଷ ଗୁରୁକୁଳ କଲେଜର ପରିଚାଳନା ସମିତିର ସନ୍ତୋଷ ଗୁରୁ ଓ ରାଜେଶ ପଣ୍ଡାଙ୍କୁ ମଧ୍ୟ ମୋମୋଣ୍ଟୋ ପ୍ରଦାନ କରି ସମ୍ମାନୀତ କରାଯାଇଥିଲା। ଏବିଭିପି ଜିଲ୍ଲା ପ୍ରମୁଖ ଶେଷସାଇ ସେନାପତି ଓ ଦେବାଶିଷ ସେନାପତିଙ୍କ ସଂଯୋଜନାରେ ପୁରସ୍କାର ବିତରଣ କରାଯାଇଥିଲା ।ଏବିଭିପିର ବିଭାଗ ପ୍ରମୁଖ ଉମା ଶଙ୍କର ଦାସ, ବିଭାଗ ସଂଯୋଜକ ଏସ ଶିବାଜୀ, ପୂର୍ବତନ ଜିଲ୍ଲା ପ୍ରମୁଖ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ଓ ଡ.ପ୍ରଶାନ୍ତ କୁମାର ହୋତା, ବି.ସତିଶ କୁମାର, ବି.କିରଣ କୁମାର, ଶିବ କୁମାର ଡାକୁଆ, ଚିନ୍ନା କେଶ୍ୱର ରାଓ (ଚିନା), ପୁନଃଶ୍ଲୋକ ସାହ, ଲାଡି ତିରୁମୁଲ, ଛାତ୍ରୀ ପ୍ରମୁଖ କଳ୍ପନା ବାଉରୀ ଓ ନିକିତି ପ୍ରମୁଖ ପରିଚାଳନାରେ ସହଯୋଗ କରୁଥିଲେ । ପରିଶେଷରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନେ ବନ୍ଦେ ମାତରମ ଜ୍ଞାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଭାତ ଶତପଥୀ, ଗୋପାଳକୃଷ୍ଣ ଦେବପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।

## ଖୁବ୍ ଶ୍ରୀଘ୍ର ପ୍ରତିଷ୍ଠା ହେବ ଟାଉନ୍ ଫିଡର : ଜନସହଯୋଗ ଲୋଡିଲେ ନିର୍ବାହୀ ଯନ୍ତ୍ରୀ

ଜଳେଶ୍ୱର, ୪/୧୦ (ନି.ପ୍ର) : ନେସ୍କୋର ଜଳେଶ୍ୱର ସ୍ଥିତ ଡିଭିଜନ କାର୍ଯ୍ୟାଳୟ ଅଧିନରେ ବିଦ୍ୟୁତ୍ ଯୋଗାଣ ଜଳେଶ୍ୱର ଓ ଭୋଗରାଇକୁ ଯୋଗାଇ ଦିଆଯାଇ ଆସୁଥିବା ବେଳେ ଏଣିକି ଜଳେଶ୍ୱର ଟାଉନ୍ ଫିଡାର ସ୍ୱତନ୍ତ୍ରଭାବେ କାର୍ଯ୍ୟ କରିବା ପ୍ରୟାସ ଆରମ୍ଭ ହୋଇଛି। କିନ୍ତୁ ଏ ସବୁଥିରେ ଜନସହଯୋଗ ଓ ସଚେତନତା ଆବଶ୍ୟକ ବୋଲି ନିର୍ବାହୀଯନ୍ତ୍ରୀ ଇଂ ସୌମ୍ୟରଂଜନ ନାୟକ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ଜଳେଶ୍ୱର ନେସ୍କୋ ୟୁଟିଲିଟିର ଏହା ଏକ ବଡ ଡିଭିଜନ୍ । ଏହି ଡିଭିଜନ୍‌ରେ କୁଟୀର ଜ୍ୟୋତି, କୃଷି ନିମନ୍ତେ ବିଦ୍ୟୁତ୍ ବ୍ୟବହାର, ଏଲାଏଡ କୃଷି ସହିତ ୧ଲକ୍ଷ ୧୪ହଜାର ଉପଭୋକ୍ତ ରହିଛନ୍ତି । ଏଥିରୁ ୫ହଜାର ଉପଭୋକ୍ତ କମାର୍ସିଆଲ ଥିବା ବେଳେ ଅନ୍ୟ ୫ହଜାର ଉପଭୋକ୍ତା କୃଷି ନିମନ୍ତେ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି । ଏଥିଲାଗି ଯଦି ଜୁଲାଇମାସକୁ ଉଦାହରଣ ଭାବେ ନିଆଯାଏ ତା ହେଲେ ସେ ମାସରେ ୧୫ ଏମ୍‌ୟୁଏଲ୍‌ଟି ର ବିଦ୍ୟୁତ୍ ବ୍ୟବହାର ହୋଇଛି । ଏଥିଲାଗି ୪କୋଟି ୪୨ଲକ୍ଷ ଟଙ୍କା ବିଲିଂ ହୋଇଥିବା ବେଳେ ୩ କୋଟି ୩୦ଲକ୍ଷ ଟଙ୍କା ଲୋକେ ରାଜସ୍ୱ ପ୍ରଦାନ କରିଛନ୍ତି । ବିଦ୍ୟୁତ୍ ଏକ ଜାତୀୟ ସମ୍ପତ୍ତି ହୋଇଥିବାରୁ ଏହାର ବ୍ୟବହାରରେ ସ୍ୱଚ୍ଛତା ଆସିବା ଉଚିତ୍ । ଏହା ଜଣେ ଉପଭୋକ୍ତେ କିମ୍ବା ବ୍ୟକ୍ତିର କାମ ନୁହେଁ । ସମଷ୍ଟିଗତଭାବେ ପ୍ରଚେଷ୍ଟା ଜାରି ରହିଲେ ସୁଫଳ ମିଳିବ । ଜଳେଶ୍ୱର ସହର ଲାଗି ଟାଉନ୍ ଫିଡର ଏବେ ପ୍ରତିଷ୍ଠା ହେବାକୁ ଯାଉଛି । ଜଳେଶ୍ୱର ସହର ମଧ୍ୟଦେଇ ରେଳ ଲାଇନ୍ ଯାଇଥିବାରୁ ଓ ଏକ ରେଳ ଓଭରବ୍ରିଜ୍ ନିର୍ମାଣାଧିନ ଥିବାରୁ ଏପରି ଫିଡର ନିର୍ମାଣରେ ବିଳମ୍ବ ଘଟୁଛି । କେବଳ ସହରାଞ୍ଚଳରେ ବିଦ୍ୟୁତ୍ ଯୋଗାଣ ଲାଗି ଆଇପିଡିଏସ୍ ଯୋଜନାରେ ଚାଲିଥିବା କାର୍ଯ୍ୟ କରୋନାଯୋଗୁଁ ପ୍ରଭାବିତ ହୋଇଥିଲେ ମଧ୍ୟ ନିକଟରେ ଶେଷ ହେବାକୁ ଯାଉଛି । ଲୋକେ ବିଦ୍ୟୁତ୍‌ର ଚୋରା ବ୍ୟବହାର ବନ୍ଦ କରିବା ସହ ସମଷ୍ଟିଗତଭାବେ ସଚେତନ ରହି ସହଯୋଗ କଲେ ସଫଳତା ମିଳିପାରିବବୋଲି ନିର୍ବାହୀଯନ୍ତ୍ରୀ ଇଂ ଶ୍ରୀ ନାୟକ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ସହର ଫିଡର ଲାଇନ୍ ପ୍ରତିଷ୍ଠା ପରେ ଅନ୍ୟାନ୍ୟ ବଡ ବଡ ସହର ଭଳି ଜଳେଶ୍ୱରରୁ ଆଦୌ ବିଦ୍ୟୁତ୍ ଲାଇନ୍ କଟ୍ ହେବ ନାହିଁ ବୋଲି ସେ କହିଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo